ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୧/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, August 21/2025 | Page 14 | ₹ 7.00
୫୧ଶ ଭାଗ ୨୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 266 | ମୂଲ୍ୟ ₹୭/-

DADLS-44



## ଧନ୍ୟବାଦ
## ଶ୍ରୀ ନରେନ୍ଦ୍ର ମୋଦୀ ଜୀ
### ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଛଅ ଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ରିଙ୍ଗ ରୋଡ୍‌କୁ
## କେନ୍ଦ୍ର କ୍ୟାବିନେଟର ଅନୁମୋଦନ

- କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହର ଦେଇ ଯାଉଥିବା ଭାରୀ ବାଣିଜ୍ୟିକ ଯାନବାହାନ ଗୁଡ଼ିକୁ ବିକଳ୍ପ ପଥ ପ୍ରଦାନ କରି ସହରର ଟ୍ରାଫିକକୁ ସୁନିୟନ୍ତ୍ରିତ କରାଯାଇ ପାରିବ
- ପ୍ରାୟ **୮,୩୦୮ କୋଟି** ଟଙ୍କା ବ୍ୟୟରେ ରାମେଶ୍ୱରରୁ ଟାଙ୍ଗି ପର୍ଯ୍ୟନ୍ତ ନିର୍ମାଣ ହେବ ପ୍ରାୟ **୧୧୧ କିଲୋମିଟର** ରିଙ୍ଗ ରୋଡ୍
- ଏନ୍‌ଏଚ୍-୫୫, ଏନ୍‌ଏଚ୍-୫୭, ଏନ୍‌ଏଚ୍-୬୫୫ ଏବଂ ଏସ୍‌ଏଚ୍-୬୫ ଏବଂ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ, ସାମାଜିକ ଓ ମଲ୍ଟି-ମୋଡାଲ୍ ଲଜିଷ୍ଟିକ୍ସ ପାର୍କ ଏବଂ ଲଜିଷ୍ଟିକ୍ସ କେନ୍ଦ୍ରଗୁଡ଼ିକୁ ଯୋଡ଼ିବ
- ସୃଷ୍ଟି ହେବ ପ୍ରାୟ **୭୪.୪୩ ଲକ୍ଷ** ପ୍ରତ୍ୟକ୍ଷ ଏବଂ **୯୩.୦୪ ଲକ୍ଷ** ପରୋକ୍ଷ ଶ୍ରମଦିବସ



OIPR-15001/13/0970/2526

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

## ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ଭାରତ ଉପରେ ଟାରିଫ: ହ୍ୱାଇଟ ହାଉସ

ୱାଶିଂଟନ, ୨୦।୮

ରୁଷିଆରୁ ତୈଳ କିଣୁଥିବା ଦର୍ଶାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଶରେ ଭାରତୀୟ ସାମଗ୍ରୀର ଆମଦାନି ଉପରେ ୨ଟି ପର୍ଯ୍ୟାୟରେ ୫୦% ଟାରିଫ ଲଗାଇଥିଲେ। ତେବେ ଗତ ୩ ବର୍ଷରୁ ଅଧିକ ସମୟ ଧରି ଜାରି ରହିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ବନ୍ଦ କରିବା ପାଇଁ ଭାରତ ଉପରେ ଉକ୍ତ ଟାରିଫ ଲଗାଯାଇଥିବା ନେଇ ବୁଧବାର ହ୍ୱାଇଟହାଉସ୍ ପ୍ରେସ୍ ସେକ୍ରେଟାରି କାରୋଲିନ୍ ଲେଭିଟ୍ କହିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ୍ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ସମାପ୍ତ କରିବାକୁ ଚାହାନ୍ତି ବୋଲି ଅନେକବାର ସ୍ପଷ୍ଟ କରିଛନ୍ତି। ତେଣୁ ସେ ଭାରତ ଉପରେ ଟାରିଫ ଲଗାଇବା ସହ ଆହୁରି ଅନେକ ପଦକ୍ଷେପ ନେଇଛନ୍ତି ବୋଲି ହ୍ୱାଇଟହାଉସରେ ଖବରଦାତା ସମ୍ମିଳନୀ କରୁଥିବା ବେଳେ ଏକ ପ୍ରଶ୍ନର ଉତ୍ତରରେ କାରୋଲିନ୍ କହିଛନ୍ତି। ୟୁକ୍ରେନ୍‌କୁ ଆକ୍ରମଣ ବନ୍ଦ କରିବା ପାଇଁ ରୁଷିଆ ଉପରେ ଚାପ ପକାଇବା ଦିଗରେ ଏହା ଏକ ସୁଚିନ୍ତିତ ପ୍ରୟାସ ବୋଲି ସେ କହିଛନ୍ତି।

## ଭାରତକୁ ୫% ରିହାତିରେ ତୈଳ ଯୋଗାଇବ ରୁଷିଆ

ନୂଆଦିଲ୍ଲୀ, ୨୦।୮

ଆମେରିକାର କଟକଣା ଓ ଚାପ ସତ୍ତ୍ୱେ ରୁଷିଆ ଭାରତକୁ ତୈଳ ବିକ୍ରି ଜାରି ରଖିବ। ମସ୍କୋ ଏଣିକି ୫% ରିହାତିରେ ତୈଳ ଯୋଗାଇଦିଆଯିବ ବୋଲି ଭାରତରେ ରୁଷିଆର ଉପ ବାଣିଜ୍ୟ ପ୍ରତିନିଧି ଏଭେଗିନ୍ୟ ଗ୍ରିଭା କହିଛନ୍ତି। ସାମ୍ପ୍ରତିକ ରାଜନୈତିକ ସ୍ଥିତି ସତ୍ତ୍ୱେ ସମାନ ପରିମାଣର ତୈଳ ଭାରତକୁ ରପ୍ତାନି କରାଯିବ। ଯେତେଦୂର ରିହାତି କଥା ଉଠୁଛି, ଏହା ଏକ କମର୍ସିଆଲ ସିକ୍ରେଟ୍। ବର୍ତ୍ତମାନ ନୂଆଦିଲ୍ଲୀ ପାଇଁ ଆହ୍ୱାନପୂର୍ଣ୍ଣ ସ୍ଥିତି ଉପୁଜିଛି। କିନ୍ତୁ ଆମ ବାଣିଜ୍ୟିକ ସହଯୋଗୀ ଉପରେ ଆମର ଭରସା ଅଛି।

## ପାକିସ୍ତାନରେ ସଂଖ୍ୟାଲଘୁ ବିରୋଧୀ ହିଂସା ବଢ଼ିଛି

ଲାହୋର, ୨୦।୮ (ପି.ଟି.)

ପାକିସ୍ତାନ ମାନବାଧିକାର କମିଶନ (ଏଚ୍‌ଆର୍‌ସିପି)ର ସଦ୍ୟ ରିପୋର୍ଟ 'ଷ୍ଟ୍ରିଟ୍‌ସ୍ ଅଫ୍ ଫିଅର: ଫ୍ରିଡମ୍ ଅଫ୍ ରିଲିଜିଅନ୍ ଅର୍ ବିଲିଫ୍ ଇନ୍ ୨୪/୨୫' ଅନୁଯାୟୀ, ଗତ ବର୍ଷକ ମଧ୍ୟରେ ଦେଶରେ ହିନ୍ଦୁ, ଖ୍ରୀଷ୍ଟିଆନ ପରି ସଂଖ୍ୟାଲଘୁ ସମୁଦାୟର ଲୋକଙ୍କ ବିରୋଧରେ ହିଂସା ମାମଲାରେ ବୃଦ୍ଧି ଘଟିଛି। ସେହିପରି ପାକିସ୍ତାନର ପଞ୍ଜାବ ଏବଂ ସିନ୍ଧ ଅଞ୍ଚଳରେ ହିନ୍ଦୁ ଏବଂ ଖ୍ରୀଷ୍ଟିଆନ ଯୁବତୀଙ୍କୁ ଜବରଦସ୍ତ ଧର୍ମ ପରିବର୍ତ୍ତନ ଏବଂ କମ୍ ବୟସରେ ବିବାହ ପରି ମାମଲା ମଧ୍ୟ ଦ୍ରୁତଗତିରେ ବଢୁଥିବା ଏଚ୍‌ଆର୍‌ସିପି କହିଛି। ଦେଶରେ ବାଲ୍ୟବିବାହ ନିବାରଣ ଆଇନକୁ କାର୍ଯ୍ୟକାରୀ କରିବାରେ ଶାସନତନ୍ତ୍ରର ବିଫଳତାକୁ ଏହି ତଥ୍ୟ ଦର୍ଶାଉଥିବା ନେଇ ରିପୋର୍ଟରେ କୁହାଯାଇଛି।

## ଜଲାଲାବାଦ ହେଲା ପର୍ଶୁରାମପୁରୀ

ନୂଆଦିଲ୍ଲୀ, ୨୦।୮

ପଶ୍ଚିମ ଉତ୍ତରପ୍ରଦେଶର ଶାହାଜହାଁପୁର ଜିଲା ସ୍ଥିତ ଜଲାଲାବାଦ ସହରର ନାମକୁ ପରିବର୍ତ୍ତନ କରାଯାଇ ପର୍ଶୁରାମପୁରୀ ରଖାଯାଇଛି। ଏନେଇ ଉତ୍ତରପ୍ରଦେଶ ସରକାରଙ୍କ ଅନୁରୋଧକୁ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପଦକ୍ଷେପକୁ ଅନେକ ଭାଜପା ନେତା ପ୍ରଶଂସା କରିଛନ୍ତି। ଜଲାଲାବାଦ ସହର ଭଗବାନ ପର୍ଶୁରାମଙ୍କ ଜନ୍ମସ୍ଥଳୀ ହୋଇଥିବା ନେଇ ମାନ୍ୟତା ଥିବାରୁ ସହରର ନାମକୁ ପରିବର୍ତ୍ତନ କରାଯାଇ ପର୍ଶୁରାମପୁରୀ ରଖିବା ପାଇଁ ଦୀର୍ଘଦିନ ହେବ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇ ଆସୁଥିଲା।

### ଦିଲ୍ଲୀରେ ଆଜି



ପୁରୁଣା ଦିଲ୍ଲୀର ଦରିଆଗଞ୍ଜ ଅଞ୍ଚଳରେ ବୁଧବାର ଏକ ୩ ମହଲା ବିଶିଷ୍ଟ କୋଠା ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ପକ୍ଷରୁ ରେସ୍କ୍ୟୁ ଅପରେଶନ କରାଯାଉଛି। (ଫଟୋ- ଚମନ ଗୌତମ)

## ବିଧାନସଭାରୁ ୨ୟ ଥର ବିଲ୍ ଆସିଲେ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇପାରିବେନି

ନୂଆଦିଲ୍ଲୀ, ୨୦।୮



ରାଜ୍ୟ ବିଧାନସଭାରେ ପାରିତ ବିଲ୍ ରାଜ୍ୟପାଳଙ୍କ ନିକଟକୁ ଦ୍ୱିତୀୟ ଥର ଆସିଲେ ସେ ତାକୁ ରାଷ୍ଟ୍ରପତିଙ୍କ ପାଖକୁ ବିଚାର ପାଇଁ ପଠାଇପାରିବେ ନାହିଁ ବୋଲି ବୁଧବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ବିଲ୍‌କୁ ମଞ୍ଜୁରୀ ଦେବା ନେଇ ରାଜ୍ୟପାଳଙ୍କ କ୍ଷମତା ଉପରେ କେନ୍ଦ୍ରକୁ ପ୍ରଶ୍ନ କରିବା ସହ ଶୀର୍ଷ ଅଦାଲତ ଏହି ମତ ପ୍ରକାଶ କରିଛନ୍ତି। ବିଧାନସଭାରେ ଗୃହୀତ ବିଲ୍‌କୁ ସମ୍ବିଧାନର ଅନୁଚ୍ଛେଦ ୨୦୦ ଅଧୀନରେ ରାଜ୍ୟପାଳ ଅନୁମୋଦନ କରିବେ ନଚେତ୍ ସହମତିକୁ ସ୍ଥଗିତ ରଖିବେ କିମ୍ବା ରାଷ୍ଟ୍ରପତିଙ୍କ ନିକଟକୁ ବିଚାର ପାଇଁ ପଠାଇପାରିବେ। ତେବେ ଏହା ଅର୍ଥ ବିଲ୍ ହୋଇ ନ ଥିଲେ ବିଧାନସଭାକୁ ମଧ୍ୟ ଫେରାଇବା କ୍ଷମତା ରାଜ୍ୟପାଳଙ୍କର ରହିଛି। କିନ୍ତୁ ବିଧାନସଭାରୁ ଦ୍ୱିତୀୟ ଥର ବିଲ୍ ଆସିଲେ ତାକୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇ ପାରିବେ ନାହିଁ ବୋଲି ସିଜେଆଇ ବି.ଆର୍. ଗବଇଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ କହିଛନ୍ତି। ବିଧାନସଭାରୁ ଦ୍ୱିତୀୟ ଥର ଆସିଲେ ବି ରାଜ୍ୟପାଳ ନିଜ କ୍ଷମତା ପ୍ରୟୋଗ କରି ବିଲ୍‌କୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇପାରିବେ ବୋଲି କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ପରିପ୍ରେକ୍ଷୀରେ ସାମ୍ବିଧାନିକ ପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

## ଟିଏମ୍‌ସି ମହିଳା ଏମ୍‌ପିଙ୍କୁ କେନ୍ଦ୍ରମନ୍ତ୍ରୀ ରିଜିଜୁ, ରଭ୍‌ନୀତ ଧକ୍କାଦେବା ଅଭିଯୋଗ

ନୂଆଦିଲ୍ଲୀ, ୨୦।୮

ଲୋକ ସଭାରେ କେନ୍ଦ୍ର ମନ୍ତ୍ରୀ କିରେନ୍ ରିଜିଜୁ ଏବଂ ରଭ୍‌ନୀତ ସିଂ ବିଟ୍ଟୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୨ ମହିଳା ଏମ୍‌ପି ଧକ୍କାଦେବା ସହ ଦୁର୍ବ୍ୟବହାର କରିଥିବା ନେଇ ବୁଧବାର ଦଳୀୟ ଏମ୍‌ପି କଲ୍ୟାଣ ବାନାର୍ଜୀ ଅଭିଯୋଗ ଆଣିଛନ୍ତି। ୩୦ ଦିନ ଜେଲରେ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀମାନଙ୍କୁ ପଦରୁ ହଟାଇବା ପାଇଁ ବିଲ୍‌କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉପସ୍ଥାପନ କରୁଥିବା ବେଳେ ବିରୋଧୀ ଦଳଗୁଡ଼ିକର ଏମ୍‌ପିମାନେ ଗୃହର ମଧ୍ୟ ଭାଗରେ ହଟ୍ଟଗୋଳ କରିଥିଲେ। ଏହି ସମୟରେ କେନ୍ଦ୍ର ମନ୍ତ୍ରୀ ରିଜିଜୁ ଏବଂ ରଭନୀତ ଟିଏମ୍‌ସି ଏମ୍‌ପି ମିତାଲି ବାଗ ଓ ଶତାବ୍ଦୀ ରୟଙ୍କୁ ଦୁର୍ବ୍ୟବହାର କରିଥିବା ନେଇ କଲ୍ୟାଣ ଅଭିଯୋଗ ଆଣିଛନ୍ତି। ତେବେ ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି ଭାଜପା ଏମ୍‌ପି ସଞ୍ଜୟ ଜୟସ୍ୱାଲ କହିଛନ୍ତି।

## ଆଫଗାନିସ୍ତାନରେ ବସ୍ ଦୁର୍ଘଟଣା, ୭୯ ମୃତ

କାବୁଲ, ୨୦।୮



ଉତ୍ତର-ପଶ୍ଚିମ ଆଫଗାନିସ୍ତାନର ହେରାଟପ୍ରଦେଶରେ ସୋମବାର ରାତିରେ ଏକ ବସ୍ ଦୁର୍ଘଟଣା ଘଟି ୭୯ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୯ ଜଣ ଶିଶୁ ରହିଛନ୍ତି। ଇରାନରୁ ଆସୁଥିବା ଏକ ଯାତ୍ରୀବାହୀ ବସ୍ ଏକ ଟ୍ରକ୍ ଏବଂ ମୋଟରବାଇକ ସହ ଧକ୍କା ହୋଇଥିଲା, ଯାହା ଫଳରେ ବସ୍‌ରେ ନିଆଁ ଲାଗିଯାଇଥିଲା ବୋଲି ଆଫଗାନିସ୍ତାନ ଗୃହ ମନ୍ତ୍ରଣାଳୟର ମୁଖପାତ୍ର ଅବଦୁଲ ମାତୀନ କାନୀ କହିଛନ୍ତି। ଦୁର୍ଘଟଣାରେ ୨ ଜଣ ଆହତ ହୋଇଥିବାବେଳେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଅନ୍‌ଲାଇନ ଗେମିଂ: ୩ ବର୍ଷ ଜେଲ, କୋଟିଏ ଜରିମାନା

### ବିଲ୍‌କୁ ଲୋକ ସଭାର ମଞ୍ଜୁରୀ

ନୂଆଦିଲ୍ଲୀ, ୨୦।୮



ଟଙ୍କା ବାଜି ଲଗାଇ ଖେଳାଯାଉଥିବା ଅନ୍‌ଲାଇନ୍ ଗେମ୍‌ଗୁଡ଼ିକୁ ବ୍ୟାନ୍ କରିବା ପାଇଁ କେନ୍ଦ୍ର ସରକାର ବୁଧବାର ଆଗତ କରିଥିବା ପ୍ରମୋଶନ୍ ଆଣ୍ଡ ରେଗୁଲେଶନ୍ ଅଫ୍ ଅନ୍‌ଲାଇନ୍ ଗେମିଂ ବିଲ୍-୨୦୨୫ ଲୋକ ସଭାରେ ଧ୍ୱନିମତରେ ପାରିତ ହୋଇଛି। ଦେଶରେ ଦିନକୁ ଦିନ ବଢ଼ିଚାଲିଥିବା ଆର୍ଥିକ ଠକେଇ, ମନି ଲଣ୍ଡରିଂ ଓ ଗେମିଂ ଆଡିକ୍ସନକୁ ରୋକିବା ଉଦ୍ଦେଶ୍ୟରେ ଅଣାଯାଇଥିବା ଏହି ବିଧେୟକ ରାଜ୍ୟ ସଭାରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିବା ପରେ ଆଇନରେ ପରିଣତ ହେବ। ଏହାକୁ କାର୍ଯ୍ୟକାରୀ କରାଗଲେ ଭାରତର କ୍ରୀଡ଼ା ଅର୍ଥନୀତି ବିଶେଷକରି କ୍ରିକେଟ ଜଗତରେ ବଡ଼ ପରିବର୍ତ୍ତନ ଆସିବ ବୋଲି ଅନୁମାନ କରାଯାଉଛି।

ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକ ସଭାରେ ଅନ୍‌ଲାଇନ୍ ଗେମିଂ ବିଲ୍‌କୁ ଆଗତ କରିଥିବାବେଳେ ଧ୍ୱନିମତରେ ଏହା ପାରିତ ହୋଇଛି। ଅନ୍‌ଲାଇନ୍‌ରେ ମନି ଗେମ୍ସ ସମ୍ପର୍କିତ ବିଜ୍ଞାପନଗୁଡ଼ିକୁ ବନ୍ଦ କରିବା ପାଇଁ ଏହି ଚିଠା ଆଇନରେ ପ୍ରସ୍ତାବ ରହିଛି। ସେହିପରି ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକ ମଧ୍ୟ ଏଭଳି ଗେମ୍ ପାଇଁ ପାଣ୍ଠି ସ୍ଥାନାନ୍ତର ସୁବିଧା ପ୍ରଦାନ କରିପାରିବେ ନାହିଁ।

ପିଟିରେ ପ୍ରଦତ୍ତ ରିପୋର୍ଟ ଅନୁସାରେ ଅନ୍‌ଲାଇନ୍ ଫେଣ୍ଟାସି ସ୍ପୋର୍ଟ୍ସଠାରୁ ନେଇ ପୋକର, ରମି, ଅନ୍ୟ କାର୍ଡ ଗେମ୍ସ ଭଳି ଅନ୍‌ଲାଇନ୍ ଜୁଆଖେଳ ପର୍ଯ୍ୟନ୍ତ ସମସ୍ତ ବେଟିଂ ଓ ଗେମ୍ବ୍ଲିଂ କାର୍ଯ୍ୟକଳାପ ପର୍ଯ୍ୟନ୍ତ ଏବଂ ଅନ୍‌ଲାଇନ୍ ଲଟେରିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଉକ୍ତ ବିଧେୟକରେ ପ୍ରସ୍ତାବ ରହିଛି। ଏହି ପଦକ୍ଷେପ ଦେଶର ୩.୮ ବିଲିୟନ ଡଲାର ମୂଲ୍ୟର ଅନ୍‌ଲାଇନ୍ ଗେମିଂ ଶିଳ୍ପ ପାଇଁ ଏକ ବଡ଼ ଝଟ୍‌କା ହେବାକୁ ଯାଉଛି। ଡ୍ରିମ୍୧୧, ଗେମ୍ସ୨୪X୭ ଓ ମୋବାଇଲ୍ ପ୍ରିମିୟର ଲିଗ୍ ଭଳି ଫେଣ୍ଟାସି ସ୍ପୋର୍ଟ୍ସ ଆପ୍ କମ୍ପାନୀ ମଧ୍ୟ ବୁଡ଼ିବା ଅବସ୍ଥାକୁ ଚାଲିଆସିବେ ବୋଲି କୁହାଯାଉଛି।

ବିଲ୍‌ରେ ଅନ୍‌ଲାଇନ୍ ଗେମିଂକୁ ଏକ ଦଣ୍ଡନୀୟ ଅପରାଧ ରୂପେ ବର୍ଗୀକୃତ କରାଯାଇଛି। ତଦନୁସାରେ ଏଥିରେ ଜଡ଼ିତ ବ୍ୟକ୍ତିଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଓ/କିମ୍ବା ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦେଶ ଦିଆଯିବ। ବାରମ୍ବାର ଏପରି ଅପରାଧ ଘଟାଇଲେ ୩ରୁ ୫ ବର୍ଷ ଜେଲ ଓ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଇ-ସ୍ପୋର୍ଟ୍ସ, ଏଜୁକେଶନାଲ ପ୍ଲାଟ୍‌ଫର୍ମ ଓ ସୋସିଆଲ ଗେମ୍ସ ପାଇଁ ମଧ୍ୟ ଏକ ନିୟାମକ ଗଠନ ଲାଗି ଏହି ପ୍ରସ୍ତାବିତ ଆଇନରେ ସୁପାରିସ କରାଯାଇଛି। ଏଥିରେ ଗେମିଂକୁ ୪ଟି ବର୍ଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା- ଇ-ସ୍ପୋର୍ଟ୍ସ, ଏଜୁକେଶନାଲ ଗେମିଂ, ସୋସିଆଲ ଆଣ୍ଡ୍ କାଜୁଆଲ ଗେମିଂ ଏବଂ ରିଅଲ୍-ମନି ଗେମିଂ। ଏଗୁଡ଼ିକ ମଧ୍ୟରୁ ୟୁଜର୍ସ କ୍ୟାଶ୍ ରିୱାର୍ଡ ଆଶାରେ ପାଣ୍ଠି ଜମା କରି ଖେଳୁଥିବା ରିଅଲ୍-ମନି ଗେମିଂକୁ ଏକ ଦଣ୍ଡନୀୟ ଅପରାଧ ରୂପେ ଘୋଷଣା କରାଯାଇଛି।

### ବର୍ଷକୁ ୨୦,୦୦୦ କୋଟି ଟଙ୍କା ହରାଉଛନ୍ତି ୪୫ କୋଟି ଲୋକ

ଭାରତର ଅନ୍‌ଲାଇନ୍ ଜୁଆ ବଜାର ୮.୩ ଲକ୍ଷ କୋଟି ଟଙ୍କାର ହୋଇଥିବାବେଳେ ପ୍ରତିବର୍ଷ ଏଥିରେ ୩୦% ବୃଦ୍ଧି ଘଟୁଛି। ଦେଶରେ ପ୍ରାୟ ୪୫ କୋଟି ଲୋକ ପାଖାପାଖି ୨୦,୦୦୦ କୋଟି ଟଙ୍କା ଅନ୍‌ଲାଇନ୍ ଗେମ୍, ବେଟିଂ ଆପ୍ ଆଦିରେ ଜୁଆ ଖେଳି ହରାଉଛନ୍ତି ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ସୂତ୍ରରୁ ଜଣାପଡ଼ିଛି ଯେ, ଯେଉଁମାନେ ଏହି ଜାଲରେ ପଡ଼ି ଟଙ୍କା ହରାଉଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ। କିନ୍ତୁ ରିଅଲ୍ ମନି ଗେମିଂ ପ୍ଲାଟ୍‌ଫର୍ମ ଚଳାଉଥିବା, କାରବାର ସୁବିଧା ପ୍ରଦାନ କରୁଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରାଯିବ।

## ସଞ୍ଜୟ କୁମାରଙ୍କ ବିରୋଧରେ ମାମଲା

### ମହାରାଷ୍ଟ୍ର ଭୋଟର ତାଲିକାରେ ଅନିୟମିତତା ନେଇ ପୋଷ୍ଟ କରିଥିଲେ

ନାଗପୁର/ନୂଆଦିଲ୍ଲୀ, ୨୦।୮



ମହାରାଷ୍ଟ୍ର ନିର୍ବାଚନ ସମ୍ବନ୍ଧୀୟ ଏକ ବିବାଦୀୟ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଗବେଷଣା ପ୍ରତିଷ୍ଠାନ 'ସେଣ୍ଟର ଫର୍ ଦି ଷ୍ଟଡି ଅଫ୍ ଡେଭେଲପିଂ ସୋସାଇଟିଜ୍ (ସିଏସ୍‌ଡିଏସ୍)ର ବରିଷ୍ଠ ଗବେଷକ ତଥା ନିର୍ବାଚନ ବିଶ୍ଳେଷକ ସଞ୍ଜୟ କୁମାରଙ୍କ ବିରୋଧରେ ବୁଧବାର ନାଗପୁର ପୋଲିସ ମାମଲା ରୁଜୁକରିଛି। ମିଥ୍ୟା ସୂଚନା ପ୍ରଚାର ଏବଂ ନିର୍ବାଚନ ସମ୍ବନ୍ଧୀୟ ନିୟମ ଉଲ୍ଲଂଘନ ଅଭିଯୋଗରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୭୫, ୩୩୧(୧)(ବି), ୨୪୦, ୩୪୦(୧)(୨) ଅନୁଯାୟୀ, ତାଙ୍କ ନାଁରେ ମାମଲା ରୁଜୁ ହୋଇଛି। ମହାରାଷ୍ଟ୍ରର ୨ ବିଧାନସଭା ନିର୍ବାଚନମଣ୍ଡଳୀର ୨୦୨୪ ଲୋକ ସଭା ନିର୍ବାଚନ ଏବଂ ଏହାର କିଛିମାସ ପରେ ହୋଇଥିବା ରାଜ୍ୟ ବିଧାନସଭା ନିର୍ବାଚନରେ ମତଦାନ ହାରକୁ ତୁଳନାକରି ଭୋଟର ତାଲିକାରେ ଅନିୟମିତତା ହୋଇଥିବା ଦର୍ଶାଇ ସଞ୍ଜୟ କିଛିଦିନ ତଳେ ସାମାଜିକ ଗଣମାଧ୍ୟମ 'X'ରେ ଏକ ପୋଷ୍ଟ କରିଥିଲେ। ସଞ୍ଜୟ ଶେୟାର କରିଥିବା ଉକ୍ତ ତଥ୍ୟକୁ ଆଧାରକରି ବିରୋଧୀ ଦଳଗୁଡ଼ିକ ନିର୍ବାଚନ କମିଶନ(ଇସି)ଙ୍କୁ ଟାର୍ଗେଟ କରିଥିଲେ। ତେବେ ମଙ୍ଗଳବାର ଉକ୍ତ ପୋଷ୍ଟକୁ ନେଇ ସଞ୍ଜୟ କ୍ଷମା ମାଗିଥିଲେ। ଉଭୟ ନିର୍ବାଚନମଣ୍ଡଳୀର ମତଦାନ ହାର ତଥ୍ୟକୁ ସିଏସ୍‌ଡିଏସ୍‌ର ଡେଟା ଟିମ୍ ଭୁଲ୍ ଅଧ୍ୟୟନ କରିଥିବା ସେ କହିଥିଲେ। ବୁଧବାର ଘଟଣାକୁ ନେଇ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (ଆଇସିଏସ୍‌ଏସ୍‌ଆର୍) ପକ୍ଷରୁ ସିଏସ୍‌ଡିଏସ୍‌କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

## 'ତ୍ୱରିତ ଶୁଣାଣି ନ ହେଲେ ଅଭିଯୁକ୍ତଙ୍କୁ ଜେଲରେ ରଖନାହିଁ'

ନୂଆଦିଲ୍ଲୀ, ୨୦।୮

ଅଭିଯୁକ୍ତଙ୍କ ବିରୋଧରେ ମାମଲାର ତ୍ୱରିତ ଶୁଣାଣି ନ କରି ତାଙ୍କୁ ଜେଲରେ ରଖାଯାଇ ପାରିବ ନାହିଁ ବୋଲି ବୁଧବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ କେ.ଭି. ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ୟୁଏପିଏ ମାମଲାର ଶୁଣାଣି କରି କହିଛନ୍ତି, ନିରପେକ୍ଷ ଓ ତ୍ୱରିତ ଶୁଣାଣି ବିନା କୌଣସି ଅଭିଯୁକ୍ତଙ୍କୁ ଜେଲରେ ଶଢ଼ିବାକୁ ଅନୁମତି ଦିଆଯାଇ ପାରିବନି। ୨୦୨୨ ଏପ୍ରିଲରେ କର୍ଣ୍ଣାଟକ ହାଇକୋର୍ଟଙ୍କ ଏକ ରାୟ ବିରୋଧରେ ଦାଖଲ ହୋଇଥିବା ୨ଟି ପିଟିଶନର ଶୁଣାଣି କରି ଖଣ୍ଡପୀଠ ଟ୍ରାଏଲ କୋର୍ଟ ଉଦ୍ଦେଶ୍ୟରେ କହିଛନ୍ତି, ଶୁଣାଣିକୁ ତ୍ୱରାନ୍ୱିତ କରାଯାଉ ଏବଂ ୨ ବର୍ଷ ମଧ୍ୟରେ ଏହାକୁ ସମାପ୍ତ କରାଯାଉ।

ଉକ୍ତ ୟୁଏପିଏ ମାମଲାରେ କର୍ଣ୍ଣାଟକ ହାଇକୋର୍ଟ ଜଣେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଥିବାବେଳେ ଅନ୍ୟଜଣେ ସହ ଅଭିଯୁକ୍ତଙ୍କୁ ଆଶ୍ୱସ୍ତି ପ୍ରଦାନ କରିବାକୁ ମନା କରି ଦେଇଥିଲେ। ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୨ଟି ପିଟିଶନ ଦାଖଲ ହୋଇଥିଲା। ଅଭିଯୁକ୍ତଙ୍କୁ ଜାମିନ ବିରୋଧରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୋଟିଏ ଆବେଦନ ଦାଖଲ ହୋଇଥିବା ବେଳେ ଅନ୍ୟଟିରେ ଆଶ୍ୱସ୍ତି ପାଇଁ ସହ ଅଭିଯୁକ୍ତ ଜଣକ ଆଉ ଏକ ପିଟିଶନ ଦାଖଲ କରିଥିଲେ। ୨୦୨୦ରେ ଏହି ମାମଲାରେ ବେଙ୍ଗାଲୁରୁର ୧୭ ଅଭିଯୁକ୍ତଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ-୧୯୬୭ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ପରେ ଏହି ମାମଲା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ହସ୍ତାନ୍ତର କରାଯାଇଥିଲା। ୨୦୨୦ ଜୁଲାଇରେ ମାମଲାର ଚାର୍ଜଶିଟ ଦାଖଲ ହୋଇଥିଲା। ଖଣ୍ଡପୀଠ କହିଛନ୍ତି, ଉଭୟ ଅଭିଯୁକ୍ତଙ୍କ କ୍ଷେତ୍ରରେ ହାଇକୋର୍ଟଙ୍କ ରାୟ ସମ୍ପୂର୍ଣ୍ଣ ଯଥାର୍ଥ ଏବଂ ଯୁକ୍ତିଯୁକ୍ତ। ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ହସ୍ତକ୍ଷେପ କରିବାକୁ ଖଣ୍ଡପୀଠ ଅଗ୍ରାହ୍ୟ କରିଛନ୍ତି। ସେହିପରି ସହ ଅଭିଯୁକ୍ତ ଜଣକ ଏକ ନିଷିଦ୍ଧ ଆତଙ୍କବାଦୀ ସଙ୍ଗଠନ ସହ ଜଡ଼ିତ ଥିଲେ ଏବଂ ବିଭିନ୍ନ ବେଆଇନ ସଙ୍ଗଠନଗୁଡ଼ିକୁ ସେ ସହାୟତା କରୁଥିଲେ। ହାଇକୋର୍ଟ ତାଙ୍କୁ ଜାମିନ ନ ଦେବା ଠିକ୍ ନିଷ୍ପତ୍ତି ଥିଲା ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟ ଉଭୟ ପିଟିଶନକୁ ଖାରଜ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ମାମଲାକୁ ସାରିବା ପାଇଁ ସରକାରୀ ଓକିଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

DSPL-215

ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅନାଧିକୃତ ବିଦ୍ୟୁତ୍ ସଂଯୋଗରୁ ଦୂରେଇ ରୁହନ୍ତୁ ଏବଂ ଉପଯୁକ୍ତ ଦେୟ୍ ପଇଠ କରି ଡିସ୍କମ୍ ରୁ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
- ଅସ୍ଥାୟୀ ପୂଜା ପେଣ୍ଡାଲ୍ ନିର୍ମାଣ କରିବା ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ଅନୁମତି ନିଅନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ସୁନିଶ୍ଚିତ କରାନ୍ତୁ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଉତ୍ସବ ପାଳନ ସମୟରେ ଓଭରଲୋଡିଂ ଏବଂ ସମ୍ଭାବ୍ୟ ବ୍ଲାକଆଉଟ୍ ରୋକିବା ପାଇଁ ବୈଦ୍ୟୁତିକ ଲୋଡ୍‌କୁ ସଠିକ୍ ଭାବରେ ପରିଚାଳନା କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୭/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ବୈଦ୍ୟୁତିକ ସ୍ଥାପନା ସଠିକ୍ ଭାବେ ଆର୍ଥିଙ୍ଗ୍ ହୋଇଛି କି ନାହିଁ।
- ସୁନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପିତ ହୋଇଛି।
- ନିଶ୍ଚିତ କରନ୍ତୁ ଯେ ସମସ୍ତ ଉତ୍ସବ ପାଳନ ସ୍ଥାନ ଗୁଡିକୁ ବୈଦ୍ୟୁତିକ ସୁରକ୍ଷା ପାଇଁ ନଜରରେ ରଖାଯାଇଛି ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଇନଷ୍ଟାଲେସନ୍ ଅସୁରକ୍ଷିତ ଥାଏ, ତୁରନ୍ତ ଡିସ୍କମ୍ ଅଧିକାରୀଙ୍କୁ ଜଣାନ୍ତୁ।
- ବୈଦ୍ୟୁତିକ ସୁରକ୍ଷା ପରାମର୍ଶଗୁଡିକୁ ଅନୁସରଣ କରନ୍ତୁ ଏବଂ ଡିସ୍କମ୍ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଉତ୍ସବ ପାଇଁ ସୁରକ୍ଷିତ ବୈଦ୍ୟୁତିକ ସେଟ୍‌ଅପ୍ କରନ୍ତୁ।
- ପୂଜା ସ୍ଥଳୀରେ ୧୦୦ ରୁ ଅଧିକ ଜନସମାଗମର ସମ୍ଭାବନାଥିଲେ ଏହାର ବୈଦ୍ୟୁତିକ ଉପକରଣର ସୁରକ୍ଷା ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0029/2526

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୧/୨୦୨୫ | Bhubaneswar, Thursday, August 21/2025 | ପୃଷ୍ଠା-୧




**ପରିଣୀତିଙ୍କ ଗଡ୍‌ଫାଦର**

ପ୍ରିୟଙ୍କା ଚୋପ୍ରାଙ୍କୁ ଗଡ୍‌ଫାଦର ମନେକରନ୍ତି ଅଭିନେତ୍ରୀ ପରିଣୀତି ଚୋପ୍ରା। ପ୍ରିୟଙ୍କାଙ୍କ କେତେ ପଦ କଥା ତାଙ୍କୁ ଅଭିନୟ ଜଗତରେ ପ୍ରବେଶ ପାଇଁ ପ୍ରେରଣା ଦେଇଥିଲା।

୧୧

୧୨

**ଏସିଆ କପ୍ ଖେଳିବେ ଅମିତ୍**

ବିହାରରେ ହେବାକୁଥିବା ପୁରୁଷ ଏସିଆ କପ୍ ହକି ପାଇଁ ଭାରତୀୟ ଦଳରେ ଓଡ଼ିଶାର ଅମିତ୍ ରୋହିଦାସ ଓ ଶୀଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି।






ଭୋଟ ଚୋରି ପ୍ରସଙ୍ଗରେ 'ଇଣ୍ଡିଆ' ବ୍ଲକ୍ ନେତାମାନେ ନୂଆଦିଲ୍ଲୀରେ ସଂସଦ ଭବନ ବାହାରେ ବୁଧବାର ବିକ୍ଷୋଭ କରୁଛନ୍ତି।

## ସବୁ ଅଣଇଞ୍ଜିନିୟରିଂ ବିଭାଗରେ ଖୋଲିବ ଇଞ୍ଜିନିୟରିଂ ସହାୟତା କକ୍ଷ

**ଭୁବନେଶ୍ୱର,୨୦।୮ (ରବିନାରାୟଣ ଜେନା)**

ରାଜ୍ୟ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହାକୁ ନେଇ ପ୍ରଶାସନିକ ଦକ୍ଷତାକୁ ବୃଦ୍ଧି କରାଯିବା ସହିତ ସବୁ ବିଭାଗକୁ ଭିନ୍ନ ଭିନ୍ନ ଟାର୍ଗେଟ୍ ଦିଆଯାଇଛି। ଯାହାଫଳରେ ଲୋକଙ୍କ ଆଶା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ ହେବା ସହ ସବୁବର୍ଗର ଲୋକେ ଉପକୃତ ହୋଇପାରିବେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରରେ ଥିବା ବିଭିନ୍ନ ଅଣ-ଇଞ୍ଜିନିୟରିଂ ବିଭାଗଗୁଡ଼ିକ ଅନେକ ସମୟରେ ଯୋଜନାର ରୂପରେଖ ପ୍ରସ୍ତୁତ କରିବା ସହିତ ଆୟବ୍ୟୟ ଅଟକଳ ପ୍ରଭୃତି ଅନେକ କାର୍ଯ୍ୟ ସମ୍ପାଦନାରେ ଅନ୍ତରାୟ ସୃଷ୍ଟି କରୁଛନ୍ତି। ଏହି ଅସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଅଣ-ଇଞ୍ଜିନିୟରିଂ ବିଭାଗଗୁଡ଼ିକରେ ଇଞ୍ଜିନିୟରିଂ ସହାୟତା (ଫାସିଲିଟେଶନ) କକ୍ଷ ଖୋଲାଯିବାକୁ ରହିଛି। ଏ ସଂକ୍ରାନ୍ତରେ ଚଳିତମାସ ୧୩ରେ ରାଜ୍ୟ ଉନ୍ନୟନ ☞ପୃଷ୍ଠା-୨

## ଜନଶୁଣାଣି ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ



ରେଖା ଗୁପ୍ତା



ଏସ୍.ରାଜେଶଭାଇ ଖିମଜୀଲାଲ

**ନୂଆଦିଲ୍ଲୀ,୨୦।୮**

ନୂଆଦିଲ୍ଲୀସ୍ଥିତ ସିଭିଲ୍ ଲାଇନ୍ସରେ ବୁଧବାର ସକାଳେ ଜନଶୁଣାଣି ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପରେ ଆକ୍ରମଣ ହୋଇଛି। ରେଖାଙ୍କୁ ହତ୍ୟାକରିବା ପାଇଁ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ମୁଖ୍ୟମନ୍ତ୍ରୀଙ୍କ ଅଫିସ (ସିଏମ୍‌ଓ) ପକ୍ଷରୁ ଅଭିଯୋଗ କରାଯାଇଛି। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ବୋଲି ଭାଜପା ଏବଂ ଆପ୍ ପକ୍ଷରୁ କୁହାଯିବା ସହ ଏହି ଆକ୍ରମଣକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସକାଳ ପ୍ରାୟ ୮ଟା ୧୫ ମିନିଟ୍‌ରେ ଜନଶୁଣାଣି କରିବାକୁ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସିଭିଲ୍ ଲାଇନ୍ସରେ ଥିବାବେଳେ ଗୁଜରାଟ ରାଜକୋଟ୍‌ର ଅଭିଯୁକ୍ତ ସକାରିୟା ରାଜେଶଭାଇ ଖିମ୍‌ଜୀଭାଇ(୪୧) ହଠାତ୍ ତାଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଉପସ୍ଥିତ ସୁରକ୍ଷା କର୍ମଚାରୀମାନେ ତାଙ୍କୁ କାବୁକରି ଦିଲ୍ଲୀ ପୋଲିସକୁ ଜିମା ଦେଇଥିଲେ। ଦିଲ୍ଲୀ ପୋଲିସର ସ୍ପେଶିଆଲ ସେଲ୍ ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ଅଧିକାରୀମାନେ ଅଭିଯୁକ୍ତଙ୍କୁ ସିଭିଲ୍ ଲାଇନ୍ସ ଥାନାରେ ରଖି ଜେରା କରୁଛନ୍ତି। ପୂର୍ବତନମନ୍ତ୍ରୀ ପରବେଶ ବର୍ମା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ହାତ, କାନ୍ଧ ଓ ମୁଣ୍ଡରେ ଆଘାତ ଲାଗିଛି। ରେଖାଙ୍କ କ୍ୟାବିନେଟ ସହଯୋଗୀ କପିଲ ମିଶ୍ରା କହିଛନ୍ତି, ଏହା ଏକ ସାଧାରଣ ଆକ୍ରମଣ ନୁହେଁ। ଆକ୍ରମଣକାରୀ ☞ପୃଷ୍ଠା-୨

# ୩୦ ଦିନ ଜେଲରେ ରହିଲେ ପଦ ହରାଇବେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ

**କୌଣସି ସଙ୍ଗିନ୍ ଆପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ଜେଲରେ ରହିଲେ ପଦ ହରାଇବେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନେ। ଅର୍ଥାତ୍ ଆଉ ଜେଲରୁ ଚାଲିପାରିବ ନାହିଁ କୌଣସି ସରକାର। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବୁଧବାର ଲୋକ ସଭାରେ ୩ଟି ବିଲ୍ ଆଗତ କରିଛନ୍ତି। ଏହା ଆଇନରେ ପରିଣତ ହେଲେ ସମ୍ପୃକ୍ତ ପଦାଧିକାରୀ ଜେଲରେ ରହିବାର ୩୧ତମ ଦିନରେ ଆପେ ଆପେ ପଦଚ୍ୟୁତ ହେବେ। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଜୋରଦାର ବିରୋଧ କରୁଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏହି ନୂଆ ବିଲ୍ ମାଧ୍ୟମରେ ବିରୋଧୀ ଶାସିତ ରାଜ୍ୟଗୁଡ଼ିକରେ ଅସ୍ଥିରତା ସୃଷ୍ଟି ପାଇଁ ଯୋଜନା କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଶାହା ଗୃହରେ ବିଲ୍ ଆଗତ କରିବା ସମୟରେ ବିରୋଧୀ ଦଳଗୁଡ଼ିକର କେତେଜଣ ସଦସ୍ୟ ଏହାର କପିକୁ ଚିରି ଫିଙ୍ଗୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଭାରତକୁ ଏକ ପୋଲିସ ଷ୍ଟେଟ୍‌ରେ ପରିଣତ କରିବା ପାଇଁ ଉକ୍ତ ବିଲ୍ ଅଣାଯାଇଛି ବୋଲି ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସି କହିଛନ୍ତି। ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିଲ୍‌କୁ ଦୃଢ଼ ନିନ୍ଦା କରିବା ସହ ଦେଶକୁ ମଧ୍ୟଯୁଗୀୟ ସମୟକୁ ଫେରାଇନେବା ଭଳି ଅନୁଭବ ହେଉଥିବା କହିଛନ୍ତି। ତେବେ ଗମ୍ଭୀର ଅପରାଧର ଅଭିଯୋଗ ଆସିବା ସତ୍ତ୍ୱେ ସାମ୍ବିଧାନିକ ପଦବୀକୁ ଜାବୁଡ଼ି ଧରି ରହିବା ଭଳି ଆମେ ନିର୍ଲଜ୍ଜ ହୋଇପାରିବା ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି। ବିରୋଧୀ ହଟ୍ଟଗୋଳ ମଧ୍ୟରେ ଏହି ବିବାଦୀୟ ବିଲ୍‌ଗୁଡ଼ିକୁ ତର୍ଜମା ପାଇଁ ଏକ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଯାଇଛି।**

**ନୂଆଦିଲ୍ଲୀ,୨୦।୮**

ଭାରତର ପ୍ରଧାନମନ୍ତ୍ରୀ, କୌଣସି ରାଜ୍ୟ ଅଥବା କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ କିମ୍ବା କେନ୍ଦ୍ର/ରାଜ୍ୟର ମନ୍ତ୍ରୀମାନେ ଗମ୍ଭୀର ଆପରାଧିକ ମାମଲାରେ ୩୦ ଦିନ ପାଇଁ ଗିରଫ ହେଲେ ତାଙ୍କୁ ପଦରୁ ହଟାଇବା ପାଇଁ ଉଦ୍ଦିଷ୍ଟ ୩ଟି ବିଲ୍ ଲୋକ ସଭାରେ ବୁଧବାର ଆଗତ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏହି ୩ ବିଧେୟକ (୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍, ଜମ୍ମୁ-କଶ୍ମୀର ପୁନର୍ଗଠନ ସଂଶୋଧନ ବିଲ୍ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାର ବିଲ୍)କୁ ଆଗତ କରିବା ମାତ୍ରେ ବିରୋଧୀ ସଦସ୍ୟମାନେ ବିକ୍ଷୋଭ କରିଛନ୍ତି। ସେମାନେ ଗୃହର ମଧ୍ୟଭାଗକୁ ଯାଇ ସ୍ଲୋଗାନ ଦେବା ସହ ୩ ବିଲ୍‌ର କପିକୁ ଚିରିଦେଇଛନ୍ତି। ଏଆଇଏମ୍‌ଆଇଏମ୍‌ର ଅସାଦୁଦ୍ଦିନ ଓୱାଇସି, କଂଗ୍ରେସର ମନୀଷ ତିୱାରୀ ଏବଂ କେ.ସି. ବେଣୁଗୋପାଳ ଏହି ବିଲ୍‌ଗୁଡ଼ିକୁ ବିରୋଧ କରି ପ୍ରସ୍ତାବିତ ଆଇନକୁ ସମ୍ବିଧାନ ଓ ସଂଘୀୟ ବ୍ୟବସ୍ଥା ବିରୋଧୀ ବୋଲି ☞ପୃଷ୍ଠା-୨

### ଲୋକ ସଭାରେ ୩ ବିଲ୍ ଆଗତ, ହଟ୍ଟଗୋଳ ପରେ ଜେପିସିକୁ ପଠାଗଲା



ଲୋକସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବିଲ୍ ଆଗତ କରୁଥିବାବେଳେ ବିରୋଧୀ ବିଲ୍ କପିକୁ ଚିରି ଫିଙ୍ଗୁଛନ୍ତି।

## ୨୫ ଯାଏ ବର୍ଷା, ୨୦ ଜିଲାକୁ ବଜ୍ରପାତ ସତର୍କତା

**ଭୁବନେଶ୍ୱର,୨୦।୮ (ଅନୁରାଧା ମହାରଣା)**

ରାଜ୍ୟରେ ଏବେ ଲଘୁଚାପଜନିତ ମୌସୁମୀ ବର୍ଷା ଜାରି ରହିଛି। ୨୫ ତାରିଖ ସକାଳ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଗୁରୁବାର ରାଜ୍ୟର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବଜ୍ରପାତ ପାଇଁ ୨୦ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲା ରହିଛି। ସେହିପରି ଶୁକ୍ରବାର ମଧ୍ୟ କେତେକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ସୂଚନା ଦେଇଛି ପାଣିପାଗ ବିଜ୍ଞାନ କେନ୍ଦ୍ର।


**ଆଜିର ସମ୍ପାଦକୀୟ**

**ଅହିଂସାର ଛଳନା**


## ନାମାଙ୍କନପତ୍ର ଦାଖଲକଲେ ରାଧାକ୍ରିଷ୍ଣନ୍

**ନୂଆଦିଲ୍ଲୀ, ୨୦।୮**

ସେପ୍ଟେମ୍ବର ୯ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ବୁଧବାର ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ରାଧାକ୍ରିଷ୍ଣନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଭାଜପା ରାଷ୍ଟ୍ରୀୟ ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ପ୍ରମୁଖ ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ରାଧାକ୍ରିଷ୍ଣନଙ୍କ ନାମାଙ୍କନ ବେଳେ ଜେଡି(ୟୁ) ନେତା ରାଜୀବ ରଞ୍ଜନ ସିଂ, ଟିଡିପି ନେତା ତଥା କେନ୍ଦ୍ରମନ୍ତ୍ରୀ କେ. ରାମମୋହନ ନାଇଡୁ, ଶିବସେନାର ଶ୍ରୀକାନ୍ତ ଶିନ୍ଦେ, ଏଲ୍‌ଜେପି(ଆର୍‌ଭି)ର ଚିରାଗ ପାଶ୍ୱାନ, ଏନ୍‌ସିପିର ପ୍ରଫୁଲ ପଟେଲ, ଜେଡିଏସ୍‌ର ଏଚ୍.ଡି. କୁମାରସ୍ୱାମୀ, ଅପନା ଦଳ (ଏସ୍) ନେତ୍ରୀ ଅନୁପ୍ରିୟା ପଟେଲ ପ୍ରମୁଖ ଯୋଗ ଦେଇ ଏନ୍‌ଡିଏର ଏକତାକୁ ପ୍ରଦର୍ଶିତ କରିଥିଲେ। ପ୍ରଧାନମନ୍ତ୍ରୀ ରିଟର୍ନିଂ ଅଫିସରଙ୍କୁ ନାମାଙ୍କନ ପତ୍ରର ୪ଟି ସେଟ୍ ପ୍ରଦାନ କରିଥିଲେ। ମୋଦି, ଶାହା, ରାଜୀବ ରଞ୍ଜନ ସିଂ ପ୍ରତ୍ୟେକ ସେଟ୍‌ର ପ୍ରସ୍ତାବକ ଥିଲେ।



ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ନାମାଙ୍କନପତ୍ର ଦାଖଲ କରୁଛନ୍ତି। ନିକଟରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଏନ୍‌ଡିଏ ନେତୃବୃନ୍ଦ।

## ନବୀନଙ୍କ ସହ କଥା ହେଲେ ମୋଦି, ଖାର୍ଗେ

### ଦିଲ୍ଲୀରେ ଭେଟିବାକୁ ପ୍ରସ୍ତାବ ଦେଲେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୨୦।୮ (ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଟେଲିଫୋନ୍ ଯୋଗେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ କଥା ହୋଇଛନ୍ତି। ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ନବୀନଙ୍କ ସହ ପ୍ରଧାନମନ୍ତ୍ରୀ କଥା ହୋଇଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ସହ ତାଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି। ନବୀନଙ୍କୁ କିଛିଦିନ ଲାଗି ଆରାମ କରିବା ପାଇଁ ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେବା ସହ ସୁସ୍ଥ ହେବା ପରେ ଦିଲ୍ଲୀ ଆସି ତାଙ୍କୁ ଭେଟିବା ଲାଗି ନିମନ୍ତ୍ରଣ କରିଛନ୍ତି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସନ୍ଧ୍ୟାରେ ନବୀନଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ସହ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି। ଅନ୍ୟପକ୍ଷେ ପିସିସି ସଭାପତି ଭକ୍ତଚରଣ ଦାସ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନବୀନଙ୍କୁ ଭେଟିବାକୁ ହସ୍ପିଟାଲ ଯାଇଥିବାରୁ ବିଜେଡି ସଭାପତି ଟେଲିଫୋନ୍ ଯୋଗେ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି।

## ୮ ଜିଲାରେ ୧୮ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

**■ ୪,୫୧୫ କୋଟିର ନିବେଶ**
**■ ୮,୨୦୦ ନିଯୁକ୍ତି ସୃଷ୍ଟି ସମ୍ଭାବନା**

**ଭୁବନେଶ୍ୱର,୨୦।୮ (ଅନୁରାଧା ମହାରଣା)**

୧୩୯ତମ ଷ୍ଟେଟ୍ ଲେଭଲ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲୁସିଏ) ବୈଠକ ବୁଧବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୮ ଜିଲା ପାଇଁ ୪,୫୧୫ କୋଟି ଟଙ୍କାର ମୋଟ ୧୮ଟି ନୂଆ ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଅନୁଗୋଳ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଜଗତ୍‌ସିଂହପୁର, ଖୋର୍ଦ୍ଧା, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ପ୍ରସ୍ତାବିତ ଏସବୁ ପ୍ରକଳ୍ପ ମାଧ୍ୟମରେ ୮,୨୦୦ ନିଯୁକ୍ତି ସୃଷ୍ଟି ହେବ। ଏହାଦ୍ୱାରା ଅର୍ଥନୀତି ମଜଭୁତ ହେବା ସହ ସମବଣ୍ଟନ ଶିଳ୍ପାୟନ ଓ ସ୍ଥାନୀୟ ଅର୍ଥନୀତିରେ ଅଗ୍ରଗତି ହେବ ବୋଲି ସୂଚନା ଦିଆଯାଇଛି। ଢେଙ୍କାନାଳରେ ଆଇନକ୍ସ ସୋଲାରର ୫ ଗିଗାୱାଟ ଘଣ୍ଟା ବ୍ୟାଟେରି ଏନର୍ଜି ଷ୍ଟୋରେଜ ସିଷ୍ଟମ (ବିଇଏସ୍‌ଏସ୍) ପ୍ଲାଣ୍ଟ ପାଇଁ ୨୮୩ କୋଟି ଟଙ୍କା ନିବେଶ ସହ ୫୧ ନିଯୁକ୍ତି ସୁଯୋଗ ସମ୍ଭାବନା ରହିଛି। ଯାଜପୁରରେ ଜିନ୍ଦଲ ଗ୍ରୀନ୍ ହାଇଡ୍ରୋଜେନ ଉତ୍ପାଦନ ପାଇଁ ୯୦ କୋଟି ଟଙ୍କା ନିବେଶ ☞ପୃଷ୍ଠା-୨

## କୁମ୍ଭୀର ସହ ଲଢ଼ି ସାହସିକତା ଦେଖାଇଲେ ୨ ମହିଳା

**ବହରାଇଚ୍, ୨୦।୮**

ଉତ୍ତରପ୍ରଦେଶର ବହରାଇଚ୍‌ରେ ୨ ପୃଥକ୍ ଘଟଣାରେ ମାୟା ଓ ସୁର୍‌ଜାନା ନାମ୍ନୀ ୨ ମହିଳା ଅସାଧାରଣ ସାହସିକତାର ପ୍ରଦର୍ଶନ କରିଛନ୍ତି। ଉଭୟ ନିଜ ଜୀବନକୁ ବାଜି ଲଗାଇ କୁମ୍ଭୀର ସହ ଲଢ଼ିଥିଲେ। ମାୟା କୁମ୍ଭୀର କବଳରୁ ନିଜ ୫ ବର୍ଷୀୟ ପୁଅ ବୀରୁକୁ ବଞ୍ଚାଇଥିବା ବେଳେ ସୁର୍‌ଜାନା କୁମ୍ଭୀର କବଳରୁ ସ୍ୱାମୀ ସୈଫୁଙ୍କୁ ବଞ୍ଚାଇଛନ୍ତି। ମାୟା ଓ ସୁର୍‌ଜାନାଙ୍କ ସାହସିକତା ପୂରା ଅଞ୍ଚଳରେ ଚର୍ଚ୍ଚା ସାଉଣ୍ଟିବାରେ ଲାଗିଛି।

### ଜଣେ ସ୍ୱାମୀଙ୍କୁ, ଅନ୍ୟଜଣେ ପୁଅଙ୍କୁ ବଞ୍ଚାଇଲେ

ସୋମବାର ବହରାଇଚ୍ ଜିଲା ଢକିଆ ଗ୍ରାମର ଘାଘରା ନଦୀ ନିକଟରେ ୫ ବର୍ଷୀୟ ବାଳକ ବୀରୁକୁ ଏକ ୭ ଫୁଟ ଲମ୍ବା କୁମ୍ଭୀର କାମୁଡ଼ି ଧରି ନଦୀ ଆଡ଼କୁ ଟାଣି ନେଉଥିଲା। ପୁଅର ଚିତ୍କାର ଶୁଣି ମା' ମାୟା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଏକ ଲୁହା ରଡ୍ ସାହାଯ୍ୟରେ କୁମ୍ଭୀରକୁ ଆକ୍ରମଣ



କରିଥିଲେ। ସେ କୁମ୍ଭୀରର ପାଟିକୁ ଲୁହା ରଡ୍‌ରେ ପିଟିବାକୁ ଲାଗିଥିଲେ। କିଛି ସମୟ ପରେ କୁମ୍ଭୀରଟି ବୀରୁକୁ ଛାଡ଼ିଦେଇ ନଦୀ ଭିତରକୁ ଚାଲିଯାଇଥିଲା। ଘଟଣାରେ ବୀରୁକୁ ଆଘାତ ଲାଗିଥିଲା ଏବଂ ଗ୍ରାମବାସୀ ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବୀରୁର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ବୋଲି ବୁଧବାର ବହରାଇଚ୍ ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ) ରାମ ସିଂ ଯାଦବ ସୂଚନା ଦେଇଛନ୍ତି। ସେହିପରି ମଙ୍ଗଳବାର ମୋତିପୁର ☞ପୃଷ୍ଠା-୨

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ର-ଅଣଛାତ୍ର ମୁହାଁମୁହିଁ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ନୂଆଖାଇ ଉପଲକ୍ଷେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବୁଧବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମବେଳେ ଛାତ୍ର-ଅଣଛାତ୍ର ମୁହାଁମୁହିଁ ହୋଇଛନ୍ତି। ଅଣଛାତ୍ରଙ୍କ ଆକ୍ରମଣରେ ଜଣେ ଛାତ୍ର ଆହତ ହୋଇଛନ୍ତି। ସେ ହେଲେ ଗଣ ଯୋଗାଯୋଗ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ଅଭିଳାଷ ମିଶ୍ର। ତାଙ୍କୁ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୋପାଳପୁର ଥାନା ପୋଲିସ ବିଶ୍ୱବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର 'ଆତ୍ମାହୁତି' ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଓକିଲ ସଂଘ ପକ୍ଷରୁ ୱେଲଫାୟାର ଟ୍ରଷ୍ଟ ଉଦ୍‌ଘାଟନ, ସ୍ଥାନ: ଓକିଲ ସଂଘ କାର୍ଯ୍ୟାଳୟ ୨ୟ ମହଲା, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟ ଆଲୁମିନି ଆସୋସିଏଶନ୍ ପକ୍ଷରୁ ୫ମ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଏମ୍‌କେସିଜି ଅଡ଼ିଟୋରିୟମ୍, ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୫ ଟା।
- ଇନର୍ ଇଞ୍ଜିନିୟରିଙ୍ଗ ଯୋଗ କାର୍ଯ୍ୟକ୍ରମର ନିଃଶୁଳ୍କ ପରିଚୟ ଅଧିବେଶନ, ସ୍ଥାନ: କେରଳ କଳା ସମିତି, ବିବେକାନନ୍ଦ ହସ୍ପିଟାଲ୍, ଫାୟାର ଷ୍ଟେଶନ୍ ଛକ, ସମୟ: ସନ୍ଧ୍ୟା ୬ଟା।

### କଟକ

- ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ତିଗିରିଆ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ ଟା।
- ବସ୍ତି ବାସିନ୍ଦାଙ୍କୁ ମହାନଗର ନିଗମ ଆଇନ ଅନୁଯାୟୀ ଥଇଥାନ ଓ ସମସ୍ତଙ୍କୁ ପଟ୍ଟା ପ୍ରଦାନ ଦାବିରେ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

### ପୁରୀ

- ଦଶମ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ଓ ଗ୍ରେଡ ୧ ପିଲାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ପୌର ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ଟୁର୍ ଅପରେଟରଙ୍କ ବୈଠକ, ସ୍ଥାନ: ସ୍ୱସ୍ତି ପ୍ରିମିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ବଡ଼ଦାଣ୍ଡ ସେବା ଅନୁଷ୍ଠାନ ପାଳନ, ସ୍ଥାନ: ମରିଚିକୋଟ ଛକ, ସମୟ: ଅପରାହ୍ନ ୪ଟା।
- ସଙ୍ଗଶ୍ରୀ ଫାଉଣ୍ଡେଶନର ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ଅପରାହ୍ନ ୪ଟା ୩୦।
- ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ଓଁ ଶାନ୍ତି ପ୍ରଜାପିତା ବ୍ରହ୍ମକୁମାରୀ ଆଧ୍ୟାତ୍ମିକ ସଂଗଠନ ସତ୍ୟବାଦୀ ଶାଖା, ସମୟ: ଅପରାହ୍ନ ୪ଟା।

### ଖୋର୍ଦ୍ଧା

- ଖୋର୍ଦ୍ଧା ଜିଲା ରାଜସ୍ୱ ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

- ଶରଧାପୁର ଫୁଟ୍‌ବଲ ଲିଗ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

### ବାଲେଶ୍ୱର

- ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ସପ୍ତାହବ୍ୟାପୀ ଗଣଧାରଣାର ଚତୁର୍ଥ ଦିବସ, ସ୍ଥାନ: ଜିଲାପାଳଙ୍କ ଦପ୍ତର ସମ୍ମୁଖ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ସବ୍-ରେଜିଷ୍ଟ୍ରାର ଅଫିସ ସମ୍ମୁଖ, ସମୟ: ଦିବସବ୍ୟାପୀ
- ଜାତୀୟ କର୍ମଶାଳାର ତୃତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଶ୍ରୀହରି, ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।।

### ଭଦ୍ରକ

- ଖରିଫ ଚାଷ ପାଇଁ ଜିଲାସ୍ତରୀୟ ଡିଜିଟାଲ ସର୍ଭେ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

### କେନ୍ଦୁଝର

- ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଚମ୍ପୁଆ, ସମୟ: ପୂର୍ବାହ୍ନ୧୦ଟା।

### ମୟୂରଭଞ୍ଜ

- ଛାତ୍ରୀ ସୁରକ୍ଷା ଓ ନିରାପତ୍ତା ସମ୍ପର୍କିତ ସଚେତନତା କର୍ମଶାଳା,ସ୍ଥାନ:ରାଇକମା ଆଶ୍ରମ ବିଦ୍ୟାଳୟ, ବେତନଟୀ,ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ସପ୍ତାହ ପାଳନ,ସ୍ଥାନ:ଉଦଳା ଏନ୍‌ଏସି କଲ୍ୟାଣ ମଣ୍ଡପ,ସମୟ:ପୂର୍ବାହ୍ନ ୧୧ଟା।

### ବ୍ରହ୍ମପୁର

- ଜିଲାସ୍ତରୀୟ ଭଲିବଲ ଓ ରେସଲିଂ ଚାମ୍ପିୟନଶିପ, ସ୍ଥାନ: ବିନାୟକ ଆଚାର୍ଯ୍ୟ ହାଇସ୍କୁଲ, ଆସିକା ରୋଡ,ସମୟ: ସକାଳ ୮ଟା।
- ପ୍ରତିଯୋଗିତା ଓ ପୁରସ୍କାର ବିତରଣ, ସ୍ଥାନ: ମହାମାୟୀ ମହିଳା ମହାବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

### ଗଞ୍ଜାମ

- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ପାୱାର ହାଉସ ଜିମ୍, ହଳଦିଆପଦର ବସଷ୍ଟାଣ୍ଡ, ସମୟ: ଅପରାହ୍ନ ୪ଟା ୩୦।

### କନ୍ଧମାଳ

- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଫୁଲବାଣୀ ବିଜୁ ସ୍ମୃତି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାଇକିଆ ବ୍ଲକ କଂଗ୍ରେସର ସଭାପତି ଚୟନ, ସ୍ଥାନ: ରାଇକିଆ ଆରଏମ୍‌ସି ହଲ, ସମୟ: ପୂର୍ବାହ୍ନ ୧୧ଟା।
- ଜି.ଉଦୟଗିରି ବ୍ଲକ ଏବଂ ଏନ୍‌ଏସି କଂଗ୍ରେସର ସଭାପତି ଚୟନ, ସ୍ଥାନ: ଜି. ଉଦୟଗିରି ଫରେଷ୍ଟ ଡାକ ବଙ୍ଗଳା, ସମୟ: ଅପରାହ୍ନ ୩ଟା।

### ଢେଙ୍କାନାଳ

- ନାଟକ 'ପିଙ୍ଗଳାର ରାତ୍ରୀ'ର ପ୍ରଥମ ସଂସ୍କରଣ ଉନ୍ମୋଚନ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା ୩୦।

### ଜଗତ୍‌ସିଂହପୁର

- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପାରାଦୀପ ପୌରପରିଷଦ ପକ୍ଷରୁ ମୋ ଖତ ପ୍ରକ୍ରିୟାକରଣ କେନ୍ଦ୍ରଠାରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ ଟା।
- ମେଗା ପାରାଦୀପ ପେଟ୍ରୋ କେମିକାଲ ପ୍ରକଳ୍ପ ଉପରେ ଆଭାସୀ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା୩୦।

### କେନ୍ଦ୍ରାପଡ଼ା

- ଏନଏସି ଦାବିରେ କଂଗ୍ରେସ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ, ସ୍ଥାନ:ଆଳି ଓ ରାଜକନିକା ତହସିଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନନ୍ଦୋତ୍ସବ, ସ୍ଥାନ: କଂସାର ଓ ଆୟେବା, ସମୟ: ପୂର୍ବାହ୍ନ ୧୦ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତଲବାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର

- ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କରେ ଯାଜପୁର ଜିଲାପାଳଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧ଟା।

### ନୟାଗଡ଼

- ନିଶା ସେବନର କୁପ୍ରଭାବ ଉପରେ ସଚେତନତା ସଭା , ସ୍ଥାନ: ନୟାଗଡ଼ ଜିଲାର ସମସ୍ତ ହାଇସ୍କୁଲ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ଶେଷ ୨ୟ ପିରିୟଡ୍।

### ରାୟଗଡ଼ା

- ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା।

### ନବରଙ୍ଗପୁର

- ଜିଲାପାଳ ଓ ବିଧାୟକଙ୍କ ପ୍ରସ୍ତାବିତ ଇନ୍ଦ୍ରାବତୀ ଇକୋ ଟୁରିଜିମ୍ ପାଇଁ କ୍ଷେତ୍ର ପରିଦର୍ଶନ, ସ୍ଥାନ: ଖାତିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ସମୀକ୍ଷା, ସ୍ଥାନ: ନବରଙ୍ଗପୁର ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ରକ୍ତହୀନତା ମୁକ୍ତ ଗ୍ରାମ ପଞ୍ଚାୟତ ଉପରେ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ ପୂର୍ବାହ୍ନ ୧୧ଟା।

### କୋରାପୁଟ

- କୋରାପୁଟ ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଉପରେ ସମୀକ୍ଷା, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ ଟା।

### ମାଲକାନଗିରି

- ଡ୍ରାଗନ୍ ଫଳ ଚାଷ ସମ୍ବନ୍ଧୀୟ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ, ସ୍ଥାନ:ମାଲକାନଗିରି କୃଷି ବିଜ୍ଞାନ କେନ୍ଦ୍ର, ସମୟ:ପୂର୍ବାହ୍ନ ୧୧ ଟା।
- ଆସ ସ୍କୁଲ ଯିବା କମିଟି ଗଠନ, ସ୍ଥାନ: ମାଲକାନଗିରି ସିନ୍ଧ୍ରିମାଳ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର

- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।
- ଜିଲା ସାମ୍ବାଦିକ ସଂଘ ଆୟୋଜନରେ ବିଶ୍ୱ ଫଟୋଗ୍ରାଫି ଦିବସ ଓ ଫଟୋ ପ୍ରଦର୍ଶନୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ନୂଆଁଖାଇ ଭେଟ୍‌ଘାଟ-୨୦୨୫ ପ୍ରସ୍ତୁତି ବୈଠକ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ରାତି ୭ଟା।

### ବଲାଙ୍ଗୀର

- ରାଜସ୍ୱ ଅମଲାଙ୍କ ଆନ୍ଦୋଳନ ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦

### ରାଉରକେଲା

- କଂଗ୍ରେସର ବୁଥସ୍ତରୀୟ ବୈଠକ, ସ୍ଥାନ: କୋଏଲବ୍ୟାଙ୍କ, ସମୟ: ପୂର୍ବାହ୍ନ ୧୦ଟା।
- ଶକ୍ତି ସଂରକ୍ଷଣ ଏବଂ ଧାରଣୀୟ ଭବନ ସଂହିତା ସମ୍ପର୍କିତ ତାଲିମ ଶିବିର, ୨ୟ ଦିବସ, ସ୍ଥାନ: ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା

### ବରଗଡ଼

- ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା ପ୍ରସ୍ତୁତି,ସ୍ଥାନ:ଚଣ୍ଡୀଭଟା ହାଇସ୍କୁଲ, ଝାରବନ୍ଧ,ସମୟ:ପୂର୍ବାହ୍ନ ୧୦ଟା।
- ବାଲ୍ୟବିବାହ ନିରାକରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଝାରବନ୍ଧ,ସମୟ: ପୂର୍ବାହ୍ନ ୧୦ଟା।

### କଳାହାଣ୍ଡି

- ଜିଲା ଶ୍ରମ ବିଭାଗର ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣାସ୍ଥିତ ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ

- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର କମିଟି ବୈଠକ, ସ୍ଥାନ: ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସର, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

### ଦେବଗଡ଼

- ପୁରୁଣା ମୁଖ୍ୟ ଚିକିତ୍ସାଳୟରେ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ପାଳନ, ସ୍ଥାନ: ଦେବଗଡ଼ ଜିଲା, ସମୟ: ସକାଳ ୬ରୁ ସନ୍ଧ୍ୟା ୬ଟା।
- କାଉନ୍‌ସିଲର ଫୁଟ୍‌ବଲ କପ୍ ପ୍ରତିଯୋଗିତା, ସ୍ଥାନ: ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

### ସୁବର୍ଣ୍ଣପୁର

- ତହସିଲ କାର୍ଯ୍ୟାଳୟ ପକ୍ଷରୁ ସର୍ପ ଦଂଶନକୁ ନେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବିନିକା ସ୍ପୋର୍ଟ୍ସ କ୍ଲବ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଧାୟକ ଇଂ. ରଘୁନାଥ ଜଗଦଲାଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ମୈତ୍ରୀ ସଦନ, ବୀରମହାରାଜପୁର, ସମୟ: ଅପରାହ୍ନ ୩ଟା।

### ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ଏକାଦଶ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କଲ୍ୟାଣ ଚନ୍ଦ୍ରଙ୍କ ସହିତ ବୁଧ ପ୍ରଭାବରୁ କାମଗୁଡିକ ଟିକିଏ ବିଳମ୍ବରେ ହିଁ ହେବ। ବ୍ୟବସାୟ,ବାଣିଜ୍ୟ ଓ ନିର୍ମାଣ ତଥା ପରିବହନ ବାଧାପ୍ରାପ୍ତ ହୋଇପାରେ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମ ତଥା ବାଣିଜ୍ୟ, ବ୍ୟବସାୟ ଓ ପ୍ରତିଯୋଗିତାରେ ସଫଳତା ଅନୁଭବ କରିବେ।

**ବୃଷ** ରବିଙ୍କ ସ୍ୱଗୃହସ୍ଥିତି କେତୁ ଯୁକ୍ତ କାରଣରୁ ପାରିବାରିକ ଜୀବନରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ବନ୍ଧୁଙ୍କ ସମସ୍ୟା ବିଷୟରେ ଚିନ୍ତାକରି ମାନସିକ ସ୍ଥିରତା ରହି ନ ପାରେ। କର୍ମକ୍ଷେତ୍ରର ବିଭିନ୍ନ ପ୍ରକାରର ସମସ୍ୟାକୁ ସମାଧାନ କରି ଆଶ୍ୱସ୍ତି ଅନୁଭବ କରିବେ। ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ବଦଳାଇବା ସକାଶେ ମନ ବଳାଇବେ।

**ମିଥୁନ** ବୃହସ୍ପତିଙ୍କ ପ୍ରଭାବରେ ନୂଆ କରି ଆରମ୍ଭ କରିଥିବା କାମ ସୁବିଧାରେ ହୋଇଯିବ। ଅବଶ୍ୟ ପାପଗ୍ରହଯୁକ୍ତ ରାଶ୍ୟାଧିପତି କାରଣରୁ ଦୈହିକ ଅସୁସ୍ଥତା ମାନସିକ ଶାନ୍ତି ନଷ୍ଟକରିବାର ଆଶଙ୍କା ରହିଛି। ଋଣ ପରିଶୋଧର ଚିନ୍ତା ସାଙ୍ଗକୁ ଆର୍ଥିକ ପରିସ୍ଥିତି ଦୁଶ୍ଚିନ୍ତାର କାରଣ ହେବ। ପରିବାରରେ ପିଲାଙ୍କ ବିଷୟ ଚିନ୍ତାକରି ଅସ୍ଥିରତା ଅନୁଭବ କରିପାରନ୍ତି।

**କର୍କଟ** ସ୍ୱଗୃହୀ ରାଶ୍ୟାଧିପ ଯୋଗୁ କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ସେମିତି କିଛି ହେବନି। ପରିବହନ, ଯାତ୍ରା, ନିର୍ମାଣ କାର୍ଯ୍ୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବ। ବନ୍ଧୁଙ୍କ କଥାରେ କେତେକ କାମ କରିବାକୁ ବାଧ ହେବେ। ଆକସ୍ମିକ ଭାବେ ନିଜ ଲୋକଙ୍କ ଉପରେ ରାଗି ବିନା କାରଣରେ ଶତ୍ରୁତା ସୃଷ୍ଟି କରିବାକୁ ପଡିପାରେ।

**ସିଂହ** ରାଶ୍ୟାଧିପ କେତୁ ଯୁକ୍ତ ହେତୁ ସ୍ୱାସ୍ଥ୍ୟ ଭଲ ରହିବା ସହ ସରକାରୀ ସୁବିଧା କିମ୍ବା ଅନୁକମ୍ପା ଲାଭ କରିବା କଷ୍ଟକର ହେବ। ବନ୍ଧୁଙ୍କ ସାହାଯ୍ୟରୁ ଅଟକିଥିବା କାମ ସମ୍ପନ୍ନ କରିବେ। ଜମିଜମା, ସଭାସମିତି, ଆନୁଷ୍ଠାନିକ କିମ୍ବା ପ୍ରତିଯୋଗିତାରେ ସଫଳ ହେବେ। ଅପ୍ରିୟ ସତ୍ୟ କହି ବନ୍ଧୁଙ୍କ ଚକ୍ଷୁଶୂଳ ହେବେ। ବ୍ୟବସାୟରେ ଲାଭବାନ ହେବେ।

**କନ୍ୟା** ବିଶିଷ୍ଟବ୍ୟକ୍ତିଙ୍କ ସହଯୋଗରେ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହୋଇଯିବ। ବନ୍ଧୁଙ୍କ ସାହାଯ୍ୟରୁ ଅର୍ଥସଂକଟ ଦୂରେଇଯିବ। ପାରିବାରିକ କ୍ଷେତ୍ରରେ ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରିବା କାରଣରୁ ସାମୟିକ ଅଶାନ୍ତ ରହିବେ। ମଙ୍ଗଳଙ୍କ କୁପ୍ରଭାବରୁ ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ସାମୟିକ ବ୍ୟାହତ କରିବାର ଆଶଙ୍କା ରହିଛି।

**ତୁଳା** ତୃତୀୟ ଷଷ୍ଠାଧିପ ବୃହସ୍ପତି କର୍ମସ୍ଥାନରେ ରହିଥିବାରୁ ନିଜ ଲୋକ ବିରୁଦ୍ଧାଚରଣ କରିବେ। ଅସୁସ୍ଥତା ଯୋଗୁ ଗୁରୁତ୍ୱପୂର୍ଣ୍ଣ କାମ ସମ୍ପନ୍ନ କଷ୍ଟକର ହେବ। ପ୍ରତିଯୋଗିତା, ମାଲି ମକଦ୍ଦମା ଓ ବିବାଦୀୟ ଘଟଣାରେ ବିଜୟଲାଭ ଅବଶ୍ୟମ୍ଭାବୀ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଶନିଙ୍କ ପ୍ରଭାବରେ ମନ ଚାହୁଁଥିବା କୌଣସି କାମ ନ ହେବାରୁ ଅସନ୍ତୁଷ୍ଟ ରହିପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ନୂତନ ସ୍ଥାନ ପରିଦର୍ଶନ ସହିତ ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରିପାରନ୍ତି। କ୍ରୀଡ଼ା, କଳା ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏ ସମାଧାନ ହୋଇଯିବ।

**ଧନୁ** ଦେବଗୁରୁଙ୍କ କୃପାରୁ କର୍ମକ୍ଷେତ୍ର ଏବଂ ପାରିବାରିକ କ୍ଷେତ୍ରରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବେ। ପାଖ ପଡ଼ୋଶୀମାନେ ଈର୍ଷାପରାୟଣ ହୋଇ ବିଭିନ୍ନ ପ୍ରକାରର ଅପପ୍ରଚାର ଚଳାଇପାରନ୍ତି। ପରିବାରର ସହମତି ନେଇ କୌଣସି ନୂତନ କର୍ମାରମ୍ଭ ପାଇଁ ମନ ବଳାଇବେ।

**ମକର** ତିନୋଟି ଗ୍ରହ ରାଶିକୁ ଅବଲୋକନ କରୁଥିବାରୁ ଆଜି କର୍ମକ୍ଷେତ୍ରରେ ସମ୍ମାନ ଓ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ। ଯାତ୍ରା, ବାଣିଜ୍ୟ, ନିର୍ମାଣ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। କଳା, ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିରେ ସମସ୍ୟା ସମାଧାନ ହୋଇଯିବ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ କର୍ମକ୍ଷେତ୍ରରେ ଦୁର୍ବଳ ଚନ୍ଦ୍ରଙ୍କ ସ୍ଥିତି ବିଭିନ୍ନ ସମସ୍ୟାରେ ଚିନ୍ତିତ କରାଇବ। ଜଣେ ବନ୍ଧୁଙ୍କୁ ଅନୁରୋଧ କରି ସମସ୍ୟା ସମାଧାନ ଚେଷ୍ଟା କରିପାରନ୍ତି। ରାହୁଙ୍କ ପ୍ରଭାବରୁ ବିବାଦୀୟ ଘଟଣା କିମ୍ବା କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଆଜିର ଯାତ୍ରା, ବାଣିଜ୍ୟ ଓ ପରିବହନରେ ଆଶା ପୂରଣ ହୋଇପାରିବ।

**ମୀନ** ଆଶା କରିଥିବା ଦିଗରୁ ଅର୍ଥ ଓ କର୍ମକ୍ଷେତ୍ରରେ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ସହକର୍ମୀଙ୍କ ଅଭିଯୋଗ କ୍ରମେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଋଣ ପରିଶୋଧ କରି ନ ପାରିବା ଓ ଖର୍ଚ୍ଚ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ଶୁକ୍ରଜନିତ, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଅଗଷ୍ଟ ୨୧ ତାରିଖ, ବିଶ୍ୱ ବରିଷ୍ଠ ନାଗରିକ ଦିବସ, ଭାଦ୍ରବ କୃଷ୍ଣପକ୍ଷର ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ଗୁରୁବାର। ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀକୃଷ୍ଣ-ବଳରାମ ବେଶ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର- ପୁଷ୍ୟା/କର୍କଟ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୨ ଗତେ ଘ.୦୭.୧୨ ମଧ୍ୟେ, ଘ.୧୦.୩୪ ଗତେ ଘ.୦୧.୦୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୧.୨୪ ଗତେ ଘ. ୦୨.୫୮ ମଧ୍ୟେ ରାହୁ କାଳ ।

## ଜନଶୁଣାଣି ବେଳେ ଦିଲ୍ଲୀ ...

ମୁଖ୍ୟମନ୍ତ୍ରୀଙ୍କୁ ତଳେ ପକାଇ ପିଟିଛନ୍ତି। ଜନସେବାରେ ନିୟୋଜିତ ଜଣେ ମହିଳା ମୁଖ୍ୟମନ୍ତ୍ରୀଙ୍କୁ ଏପରି ଆକ୍ରମଣ କରାଯିବା କେବେ ଦେଖିବାକୁ ମିଳି ନ ଥିଲା। ରେଖାଙ୍କୁ ଏକ ଡାକ୍ତରୀ ଟିମ୍ ଚିକିତ୍ସା କରୁଥିବା ସିଏମ୍‌ଓ ପକ୍ଷରୁ କୁହାଯାଇଛି। ଆପରାଧିକ ପୃଷ୍ଠଭୂମି ଥିବା ସକାରିୟାଙ୍କ ବିରୋଧରେ ଗୁଜରାଟରେ ପୂର୍ବରୁ ୫ ମାମଲା ରହିଛି। ଦିଲ୍ଲୀ ପୋଲିସ ଗୁଜରାଟ କର୍ତ୍ତୃପକ୍ଷଙ୍କ ସହଯୋଗ ନେଇ ତାଙ୍କ ବ୍ୟକ୍ତିଗତ ବିବରଣୀ ଯାଞ୍ଚ କରୁଛନ୍ତି। ବିଏନ୍‌ଏସ୍ ଦଫା ୧୦୯ (ହତ୍ୟା ଉଦ୍ୟମ), ୧୩୨(ସରକାରୀ କର୍ମଚାରୀଙ୍କୁ କର୍ତ୍ତବ୍ୟ ପାଳନରୁ ନିବୃତ୍ତ ରଖିବା ଉଦ୍ଦେଶ୍ୟରେ ଆକ୍ରମଣ ବା ଆପରାଧିକ ବଳପ୍ରୟୋଗ) ଏବଂ ୨୨୧ (ଲୋକଙ୍କ କାର୍ଯ୍ୟ କରିବାରୁ ସରକାରୀ କର୍ମଚାରୀଙ୍କୁ ବାଧାଦେବା) ବଳରେ ସଦ୍ୟ ମାମଲା ରୁଜୁ ହୋଇଥିବା ଡେପୁଟି ପୋଲିସ କମିଶନର (ନର୍ଥ) ରାଜା ବନ୍ଥିଆ ସୂଚନା ଦେଇଛନ୍ତି। ପୋଲିସ ସୂଚନାରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଜଣକ ୨ ଦିନ ପୂର୍ବରୁ ଟ୍ରେନ୍‌ରେ ଗୁଜରାଟରୁ ଦିଲ୍ଲୀକୁ ଆସିଥିଲେ। ସେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ରେକି କରିଥିଲେ। ସେ ସେଠାରୁ କାହା ସାଙ୍ଗରେ ଫୋନ୍‌ରେ ମଧ୍ୟ କଥା ହେଉଥିବା ବେଳର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ୍ ହୋଇଛି। ଅଭିଯୁକ୍ତଙ୍କୁ ଏକ କୋର୍ଟରେ ହାଜର କରାଇ ଅନ୍ୟୂନ ୫ ଦିନ ପାଇଁ ରିମାଣ୍ଡରେ ନେବା ପାଇଁ ପୋଲିସ ଯୋଜନା କରୁଛି। ଅନ୍ୟପକ୍ଷେ ଅଭିଯୁକ୍ତଙ୍କ ମା' ଭାନୁ କହିଛନ୍ତି, ପୁଅ ରାଜେଶ ଜଣେ କୁକୁରପ୍ରେମୀ। ବୁଲା କୁକୁରଙ୍କ ବିରୋଧରେ ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ସେ କ୍ଷୁବ୍ଧ ଥିଲେ। ଏହାକୁ ନେଇ ସେ ଦିଲ୍ଲୀ ଯାଇଥିଲେ। ଆମେ ଏହା ବ୍ୟତୀତ ଅନ୍ୟ କିଛି ଜାଣିନାହୁଁ ବୋଲି ତାଙ୍କ ମା' କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲାଜ ନ ଥାଏ ଯେବଣ ମୁଖେ,**
**ଚୋରି କରିଥାଏ ଆଲୁଅ ପାଖେ,**
**ନିର୍ଲଜପଣରେ ଖାଆନ୍ତି ମାଡ଼;**
**କହେ ଦନାଇ ତାଙ୍କ ମୁହଁ ମୋଡ଼ ।**

ବେଖାତିର ଭାବେ ସ୍ଥାନ, କାଳ ଓ ପାତ୍ର ନ ଦେଖି କେତେଜଣବ୍ୟକ୍ତି ନିଜ କାର୍ଯ୍ୟ କରିଥାନ୍ତି । ସମାଜରେ ଏହି ଧରଣର ବ୍ୟକ୍ତିଙ୍କୁ ତିରସ୍କାର ମିଳିବା ସହ ବେଳେବେଳେ ମାଡ଼ ଓ ଗାଳି ଖାଇବାକୁ ପଡ଼ିଥାଏ। ଅତ୍ୟନ୍ତ ବେପରୁଆ ଭାବେ କାର୍ଯ୍ୟ କରୁଥିବା ଲଜ୍ଜାହୀନ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲଲାଟ ଲିଖନ କେ କରିବ ଆନ,**
**ଲଲାଟେ ଥିଲାକୁ ରାମ ଗଲେ ବନ ।**

ଲଲାଟ ବା କପାଳରେ ଯାହା ଲେଖାଥାଏ ତାହା ହିଁ ଘଟିଥାଏ । ସ୍ୱୟଂ ଭଗବାନ ରାମଚନ୍ଦ୍ର ମଧ ସେଥିରୁ ବାଦ୍ ଯାଇନାହାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ୩୦ ଦିନ ଜେଲରେ ...

ଅଭିହିତ କରିଛନ୍ତି। ଏହି ୩ ବିଲ୍‌କୁ ତରବରିଆ ଭାବେ ଅଣାଯାଇଛି ବୋଲି ବିରୋଧୀଙ୍କ ସମାଲୋଚନାକୁ ଶାହା ପ୍ରତ୍ୟାଖ୍ୟାନ କରିଛନ୍ତି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ଧ୍ୱନିମତରେ ପାରିତ ଏକ ପ୍ରସ୍ତାବ ଅନୁସାରେ ୩ ଟିଠା ଆଇନକୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇ ଦିଆଯାଇଛି। ଉକ୍ତ ଜେପିସିରେ ଲୋକ ସଭାର ୨୧ ଓ ରାଜ୍ୟ ସଭାର ୧୦ ସଦସ୍ୟ ରହିବେ। ପରବର୍ତ୍ତୀ ଅଧିବେଶନର ପ୍ରଥମ ସପ୍ତାହର ଶେଷଦିନ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କମିଟିକୁ କୁହାଯାଇଛି। ସଂସଦର ଆଗାମୀ ଅଧିବେଶନ (ଶୀତ ଅଧିବେଶନ) ନଭେମ୍ବର ତୃତୀୟ ସପ୍ତାହରେ ହୋଇପାରେ। ଜେପିସିରେ ଉଭୟ ଶାସକ ଓ ବିରୋଧୀ ସଦସ୍ୟ ରହିବେ। ତେଣୁ ବିରୋଧୀ ଏମ୍‌ପିମାନେ ସେମାନଙ୍କ ପ୍ରସ୍ତାବ ଦେବା ପାଇଁ ସୁଯୋଗ ପାଇବେ ବୋଲି ଶାହା କହିଛନ୍ତି।

ଲୋକ ସଭାରେ ଉପରୋକ୍ତ ୩ ବିଧେୟକକୁ ନେଇ ବିତର୍କ ଚାଲିଥିବାବେଳେ ବରିଷ୍ଠ କଂଗ୍ରେସ ସଦସ୍ୟ ବେଣୁଗୋପାଳ କହିଥିଲେ,ଏହି ବିଲ୍ ଦେଶର ସଂଘୀୟ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ଏବଂ ସମ୍ବିଧାନର ମୌଳିକ ସିଦ୍ଧାନ୍ତର ପରିପନ୍ଥୀ। ଭାଜପା ନେତାମାନେ ରାଜନୀତିରେ ନୈତିକତା ଆଣିବା ପାଇଁ ବିଲ୍ ଆଗତ କରାଯାଇଥିବା କହୁଛନ୍ତି। କିନ୍ତୁ ଶାହା ଗୁଜରାଟ ଗୃହମନ୍ତ୍ରୀ ଥିବା ସମୟରେ ଗିରଫ ହୋଇଥିବାବେଳେ ରାଜନୀତିରେ ତାଙ୍କ ନୈତିକତା କେଉଁଠି ଥିଲା ? ଏହା ଉପରେ ଜବାବ ରଖି ଶାହା କହିଥିଲେ, ୨୦୧୦ରେ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଅଣାଯାଇଥିଲା। ଏହାସତ୍ତ୍ୱେ ସେ ଗିରଫ ହେବା ପୂର୍ବରୁ ନୈତିକତା ଦୃଷ୍ଟିରୁ ଗୃହମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ଏବଂ ଅଦାଲତରେ ଦୋଷମୁକ୍ତ ହେବା ପରେ ପୁଣି ସରକାରରେ ସାମିଲ ହୋଇଥିଲେ। ଆମ ବିରୋଧରେ ସଙ୍ଗିନ ମାମଲା ଥିଲେ ସାମ୍ବିଧାନିକ ପଦ ବଜାୟ ରଖିବା ଭଳି ନିର୍ଲଜ ହୋଇପାରିବୁ ନାହିଁ ବୋଲି ଶାହା କହିଥିଲେ। ଏମାନେ ଆମକୁ ନୈତିକତାର ପାଠ ପଢ଼ାଇବାକୁ ଉଦ୍ୟମ କରିବେ ବୋଲି ଶାହା ପ୍ରଶ୍ନ କରିଛନ୍ତି।

ବିରୋଧୀଙ୍କ ଲଗାତର ହୋହଲ୍ଲା ଓ ବିକ୍ଷୋଭ ମଧ୍ୟରେ ବାଚସ୍ପତି ଓମ୍ ବିର୍ଲା ସେମାନଙ୍କୁ ନିଜ ଆସନରେ ବସି ଗୃହର ମର୍ଯ୍ୟାଦା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ତେବେ ତାଙ୍କ କଥା କେହି ନ ଶୁଣିବାରୁ ସେ ଗୃହକୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ବିରୋଧୀଙ୍କ ଆଚରଣରେ ପରିବର୍ତ୍ତନ ନ ଆସିବାରୁ ବାଚସ୍ପତି ପରେ ଲୋକ ସଭାକୁ ଦିନକ ପାଇଁ ମୁଲତବୀ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଉପରୋକ୍ତ ୩ ବିଲ୍ ଆଇନରେ ପରିଣତ ହୋଇ କାର୍ଯ୍ୟକାରୀ ହେଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ କୌଣସି ଅନ୍ୟୂନ ୫ ବର୍ଷ ଜେଲଦଣ୍ଡ ଭୋଗିବା ଭଳି ସଙ୍ଗିନ ଆପରାଧିକ ମାମଲାରେ ଗିରଫ ହୋଇ ଲଗାତର ୩୦ ଦିନ କାରାଗାରରେ ରହିଲେ ୩୧ତମ ଦିନରେ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିବ। ଯଦି ସେ ଇସ୍ତଫା ନ ଦିଅନ୍ତି, ତେବେ ସେ ପଦରୁ ସ୍ୱତଃ ବିଦା ହେବେ।

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ତାମିଲନାଡୁ ମନ୍ତ୍ରୀ ଭି. ସେନ୍ଥିଲ ବାଲାଜୀ ଜେଲ ଯିବା ସତ୍ତ୍ୱେ ନିଜ ନିଜ ପଦରୁ ଇସ୍ତଫା ଦେଇ ନ ଥିଲେ। କେନ୍ଦ୍ର ସରକାରଙ୍କ ଯୁକ୍ତି ହେଲା, ସାଧାରଣ ଜୀବନରେ ସ୍ୱଚ୍ଛତା ଆଣିବା ପାଇଁ ଏହି ୩ ବିଲ୍ ଉଦ୍ଦିଷ୍ଟ। କିନ୍ତୁ ବିରୋଧୀ ଦଳ ଶାସିତ ସରକାରଙ୍କୁ ହଟାଇବା ପାଇଁ କେନ୍ଦ୍ର ଏପରି କରୁଥିବା ବିରୋଧୀ କହୁଛନ୍ତି। ଏହାକୁ ଦୁର୍ନୀତି ବିରୋଧୀ ପଦକ୍ଷେପ ବୋଲି କହିବାର ଅର୍ଥ ଲୋକଙ୍କ ଆଖିରେ ଧୂଳି ଦେବା। ଆସନ୍ତା କାଲି କେନ୍ଦ୍ର ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଇ ୩୦ ଦିନ ଜେଲରେ ରଖାଇବ ଏବଂ ତାଙ୍କୁ ଇସ୍ତଫା ଦେବାକୁ ବାଧ କରିବ। ଏହା ସମ୍ପୂର୍ଣ୍ଣ ରୂପେ ସମ୍ବିଧାନ ବିରୋଧୀ, ଅଗଣତାନ୍ତ୍ରିକ ଓ ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସମାଲୋଚନା କରିଛନ୍ତି। ସେହିପରି ଓୱାଇସି କହିଛନ୍ତି, ଭାରତକୁ ଏକ ପୋଲିସ ଷ୍ଟେଟ୍‌ରେ ପରିଣତ କରିବା ପାଇଁ କେନ୍ଦ୍ର ଉଦ୍ୟମ ଚଳାଇଛି। ପ୍ରଧାନମନ୍ତ୍ରୀଙ୍କୁ କିଏ ଗିରଫ କରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ମଧ୍ୟଯୁଗରେ ରାଜା ଯାହାକୁ ପାରୁଥିଲେ ତାକୁ ହଟାଇ ଦେଉଥିଲେ। ଭାରତ ଏବେ ମଧ୍ୟଯୁଗ ଆଡ଼କୁ ଫେରୁଥିବା ଏହି ବିଲ୍‌ରୁ ଜଣାପଡୁଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ଏହି ପଦକ୍ଷେପ ସୁପର ଏମର୍ଜେନ୍ସିଠାରୁ ମଧ୍ୟ ଅଧିକ, ଯାହାକି ଭାରତରେ ଗଣତାନ୍ତ୍ରିକ ଶାସନକୁ ସବୁଦିନ ପାଇଁ ଶେଷ କରିଦେବ। ଏହା ଦେଶର ନ୍ୟାୟିକ ବ୍ୟବସ୍ଥାର ସ୍ୱାଧୀନତାକୁ ନଷ୍ଟ କରିଦେବ ବୋଲି ମମତା ସୋସିଆଲ ମିଡିଆରେ ସମାଲୋଚନା କରିଛନ୍ତି।

## ୮ ଜିଲାରେ ୧୮ ଶିଳ୍ପ ...

କରାଯିବ ଓ ୮୯ ନିଯୁକ୍ତି ସୃଷ୍ଟି ହେବ। ରାୟପୁରର ଏକ କମ୍ପାନୀ ଗଞ୍ଜାମରେ ୨ ଜିଗାୱାଟ ସୌର ସେଲ ଉତ୍ପାଦନ ପାଇଁ ୭୫୦ କୋଟି ଟଙ୍କା ନିବେଶ କରିବ ଏବଂ ୫୧୫ ନିଯୁକ୍ତି ସୃଷ୍ଟି ଆଶା କରାଯାଉଛି। ଗ୍ରାଭିଟା ଇଣ୍ଡିଆ ଲିମିଟେଡ ଅନୁଗୋଳ ୩୫୦ କୋଟି ଟଙ୍କାରେ ରିସାଇକ୍ଲିଂ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୨୭୦ଜଣ ନିଯୁକ୍ତି ପାଇବେ। ଷ୍ଟାରକ୍ୟାମ୍ପ ଗ୍ଲୋବାଲ ଏଲ୍‌ଏଲ୍‌ପି ଖୋର୍ଦ୍ଧାରେ ୮୦ କୋଟି ଟଙ୍କାରେ ଔଷଧ ଉତ୍ପାଦନ ପ୍ଲାଣ୍ଟ ସ୍ଥାପନ କରିବ, ଯେଉଁଥିରେ ୧୪୫ ଜଣ ନିଯୁକ୍ତି ପାଇବେ। ପଦ୍ମା ହସ୍ପିଟାଲିଟି ପ୍ରାଇଭେଟ ଲିମିଟେଡ ଜଗତ୍‌ସିଂହପୁରରେ ୫୯.୯୧ କୋଟି ଟଙ୍କାରେ ତିନି ତାରକା ହୋଟେଲର ଯୋଜନା ରଖିଥିବାବେଳେ ପ୍ରାୟ ୧୮୧ଜଣ ନିଯୁକ୍ତି ପାଇପାରିବେ। ଏସ୍‌ଏନ୍‌ଏମ୍ ହୋଟେଲ୍ସ ଆଣ୍ଡ ରିସର୍ଟସ ମଧ୍ୟ ଜଗତ୍‌ସିଂହପୁରରେ ୯୨.୩୨ କୋଟି ଟଙ୍କାରେ ୪ ତାରକା ହୋଟେଲ ସ୍ଥାପନ ସହ ୧୭୩ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବ। ଓରିସା ଷ୍ଟିଭେଡର୍ସ ଲିମିଟେଡ ପାରାଦୀପରେ ୨୧୧ କୋଟି ଟଙ୍କାରେ ୫ ତାରକା ହୋଟେଲ ନିର୍ମାଣ କରି ୩୫୦ ନିଯୁକ୍ତି ପାଇଁ ପ୍ରସ୍ତାବ ରଖିଛି। ସେହିପରି ଭାଇବ୍ରାଣ୍ଟ ସ୍ପିରିଟ୍ସ ପ୍ରାଇଭେଟ ଲିମିଟେଡ୍ ସୁନ୍ଦରଗଡ଼ରେ ୫୦ କୋଟି ଟଙ୍କାରେ ୪,୦୦୦ ଏମ୍‌ଟିପିଏ କମ୍ପ୍ରେସଡ ବାୟୋଗ୍ୟାସ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୭୨୫ ଜଣ ନିଯୁକ୍ତି ପାଇବେ। ବେଟାବିଲ୍ଡସ ଟେକ୍ନୋଲୋଜିସ୍ ଦ୍ୱାରା ସୁନ୍ଦରଗଡ଼ରେ ୧୩୧.୫୫ କୋଟି ଟଙ୍କାରେ ଷ୍ଟିଲ ପ୍ରୋସେସିଂ ପ୍ଲାଣ୍ଟ ନିର୍ମାଣ ହେବ ଓ ୪୦୦ଜଣଙ୍କୁ ରୋଜଗାର ଦେବ। କୋଣାର୍କ ଇସ୍ପାତ ଲିମିଟେଡ ଝାରସୁଗୁଡ଼ାରେ ୯୯୦ କୋଟି ଟଙ୍କାରେ ରୋଲିଂ ମିଲ୍, ପେଲେଟ ପ୍ଲାଣ୍ଟ ଓ କ୍ୟାପଟିଭ ପାୱାର ପ୍ଲାଣ୍ଟ ସମ୍ପ୍ରସାରଣ କରିବ, ଯାହାକି ସର୍ବାଧିକ ୨,୦୦୦ ନିଯୁକ୍ତି ପ୍ରଦାନ କରିବ। ଶ୍ରୀ ଜଗନ୍ନାଥ କ୍ୟାରିଅର୍ସ ଅନୁଗୋଳରେ ୧୧୧.୯୦ କୋଟି ଟଙ୍କାରେ ଲଜିଷ୍ଟିକ୍ସ ପାର୍କ କରି ୩୦୦ ନିଯୁକ୍ତି ଦେବାକୁ ଥିବାବେଳେ ସାପିଏଣ୍ଟ ରିସୋର୍ସେସ ଅନୁଗୋଳରେ ୭୦ କୋଟି ଟଙ୍କାରେ କୋଇଲା ୱାଶେରୀ କରି ୩୦୦ଜଣଙ୍କୁ ନିଯୁକ୍ତି ଦେବ। ସନାକା ଅଟୋ କର୍ପ ଖୋର୍ଦ୍ଧାରେ ୩୦୦ କୋଟି ଟଙ୍କାରେ ୧୦,୦୦୦ ଇଭି ଉତ୍ପାଦନ ପ୍ଲାଣ୍ଟ ସହ ୧୪୫ ନିଯୁକ୍ତି ଦେବ। ଶ୍ରୀଟେକ ଡାଟା ଲିମିଟେଡ୍ ଖୋର୍ଦ୍ଧାରେ ୫୦୧ କୋଟି ଟଙ୍କାରେ ହାଇପରସ୍କେଲ ଡାଟା ସେଣ୍ଟର ସ୍ଥାପନ କରିବ ଓ ୪୫୦ ନିଯୁକ୍ତି ଦେବ। ୱେଷ୍ଟ ଏଜ୍ ଡାଟା ସେଣ୍ଟର୍ସ ମଧ୍ୟ ଖୋର୍ଦ୍ଧାରେ ୫୦.୫୦ କୋଟି ଟଙ୍କାରେ ଡାଟା ସେଣ୍ଟର ଓ ସାଟେଲାଇଟ ଇଣ୍ଟରନେଟ ସେବା ପ୍ରଦାନ ସହ ୧୯୦ ନିଯୁକ୍ତ ସୁଯୋଗ ସୃଷ୍ଟି କରିବ। ଏଲିକ୍ସିର ଅଫ୍ ଇଷ୍ଟ ଖୋର୍ଦ୍ଧାରେ ୯୩.୬୫ କୋଟି ଟଙ୍କାରେ ସ୍ପିରିଟ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ ଓ ଏଠାରେ ୧୧୦ ନିଯୁକ୍ତି ପାଇବେ। ଆସୋସିଏଟେଡ ଆଲକୋହଲ୍ସ ଆଣ୍ଡ ବ୍ରିୟୁଅରିଜ ଖୋର୍ଦ୍ଧାରେ ୩୦୦ କୋଟି ଟଙ୍କାରେ ୨୦୦ କେଏଲ୍‌ପିଡି ଡିଷ୍ଟିଲେରୀ ସ୍ଥାପନ କରି ୧,୮୧୨ ନିଯୁକ୍ତି ଦେବ।

## ସବୁ ଅଣଇଞ୍ଜିନିୟରିଂ ...

ଆୟୁକ୍ତ ଅନୁ ଗର୍ଗ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅଗଷ୍ଟ ୧୧ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ବିଭାଗୀୟ ସମୀକ୍ଷା ବୈଠକ ଅବସରରେ ଉନ୍ନୟନ ଆୟୁକ୍ତ ସମସ୍ତ ବିଭାଗକୁ ଅନେକଗୁଡ଼ିଏ କମନ ଆକ୍ସନ ପଏଣ୍ଟ(ସିଏପି) ଜାରି କରିଛନ୍ତି। ସେଥିରେ ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ମହିଳା ଓ ଶିଶୁ କଲ୍ୟାଣ, ଶ୍ରମ, ବିଜ୍ଞାନ ଓ କାରିଗରି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମତ୍ସ୍ୟ ଓ ପଶୁସମ୍ପଦ, କ୍ରୀଡ଼ା ଓ ଯୁବବ୍ୟାପାର, ଅନୁସୂଚିତ ଜାତି, ଜନଜାତି ଆଦି ବିଭାଗରେ ସ୍ୱତନ୍ତ୍ର ଭାବେ ଇଞ୍ଜିନିୟରିଂ ଫାସିଲିଟେଶନ କକ୍ଷ ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ବିଭାଗରେ ଯେଉଁସବୁ ଉନ୍ନତିମୂଳକ ଯୋଜନା କାର୍ଯ୍ୟକାରୀ କରାଯିବାକୁ ରହିଛି ତାହାର କାର୍ଯ୍ୟକାରିତାରେ ସହାୟତା କରିବ। ସେହିପରି ବିହାର ଢାଞ୍ଚାରେ ଓଡ଼ିଶାରେ ଏକ ସାମାଜିକ ଭିତ୍ତିଭୂମି ନିଗମ(ଏସ୍‌ଆଇସିଓ) କାର୍ଯ୍ୟକାରୀ କରିବାକୁ ଉନ୍ନୟନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅନୁଯାୟୀ, ଏହି ଏସ୍‌ଆଇସିଓ ଢାଞ୍ଚାରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କ୍ରୀଡ଼ା ଓ ଯୁବବ୍ୟାପାର, ମତ୍ସ୍ୟ ଓ ପଶୁସମ୍ପଦ, ଶ୍ରମ ଭଳି ଅଣଇଞ୍ଜିନିୟରିଂ ବିଭାଗଗୁଡ଼ିକର କାର୍ଯ୍ୟ ହେଲେ ତାହା ସରଳୀକରଣ ହୋଇପାରିବ। ନିର୍ମାଣ ବିଭାଗ ତୁରନ୍ତ ଏନେଇ ଏକ 'କନ୍‌ସେପ୍ଟ ନୋଟ୍' ପ୍ରସ୍ତୁତ କରିବାକୁ ବୈଠକରେ କୁହାଯାଇଛି।

## କୁମ୍ଭୀର ସହ ଲଢ଼ି ...

ଅଞ୍ଚଳର ମାଧବପୁର ଗ୍ରାମରେ ସୈଫୁ (୪୫) ନାମକ ଜଣେ ବ୍ୟକ୍ତି ସ୍ତ୍ରୀ ସୁରଜାନାଙ୍କ ସହ ରାମତାଲିଆ କେନାଲ ଦେଇ ପାର ହେଉଥିଲେ। ଏହି ସମୟରେ ଏକ କୁମ୍ଭୀର ସୈଫୁଙ୍କ ଗୋଡ଼କୁ କାମୁଡ଼ି ଧରି କେନାଲ ମଧ୍ୟକୁ ଟାଣି ଯାଇଥିଲା। ସୁରଜାନା ନିଜ ଶାଢ଼ିକୁ ପାଣିରେ ପକାଇଥିଲେ, ଯାହାକୁ ଧରି ସୈଫୁ ନିଜକୁ ସମ୍ଭାଳିଥିଲେ। ସାହାଯ୍ୟ ପାଇଁ ସୁରଜାନାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଲାଠି ଧରି ଦୌଡ଼ି ଆସି କୁମ୍ଭୀରକୁ ପିଟିବାରେ ଲାଗିଥିଲେ। ଲାଠିମାଡ଼ର କିଛି ସମୟ ପରେ କୁମ୍ଭୀରଟି ସୈଫୁଙ୍କ ଗୋଡ଼କୁ ଛାଡ଼ି ଦେଇଥିଲା। ସମ୍ପ୍ରତି ବହରାଇଚ୍ ମେଡିକାଲ କଲେଜରେ ସୈଫୁଙ୍କର ଚିକିତ୍ସା ଜାରି ରହିଛି।

# ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ବ୍ରିଟେନ୍‌ର ସହଯୋଗ ରହିଆସିଛି: ଫ୍ଲେମିଂ

**କୋଲ୍‌କାତାରେ ଅବସ୍ଥାପିତ ବ୍ରିଟେନ୍ ଉପ ଉଚ୍ଚାଯୁକ୍ତ ଆଣ୍ଡ୍ରୁ ଫ୍ଲେମିଂ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଧରିତ୍ରୀ କାର୍ଯ୍ୟାଳୟ ପରିଦର୍ଶନ ଅବସରରେ ତାଙ୍କ ସହ ନିଆଯାଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର।**



କୋଲକାତାରେ ଅବସ୍ଥାପିତ ବ୍ରିଟେନ୍ ଉପ ଉଚ୍ଚାଯୁକ୍ତ ଆଣ୍ଡ୍ରୁ ଫ୍ଲେମିଂ ଏବଂ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ।

**ପ୍ରଶ୍ନ: ଓଡ଼ିଶାର ରପ୍ତାନିକାରୀ ଓ କ୍ଷୁଦ୍ର ଉତ୍ପାଦକଙ୍କୁ ବ୍ରିଟେନ୍-ଭାରତ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) କିଭଳି ଲାଭ ଦେଇପାରିବ ?**

ଉତ୍ତର: ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) କାର୍ଯ୍ୟକାରୀ ହେବା ପରେ ଓଡ଼ିଶାରୁ ବ୍ରିଟେନ୍‌ରେ କିଭଳି ଅଧିକ ବାଣିଜ୍ୟ ଓ ନିବେଶ ହୋଇପାରିବ ସେଥିନେଇ ମୋର ସକାରାତ୍ମକ ଦୃଷ୍ଟିକୋଣ ରହିଛି। ଓଡ଼ିଶାର ସାମୁଦ୍ରିକ ରପ୍ତାନିକୁ ଏକ ଉଦାହରଣ ଭାବେ ଦେଖାଯାଉ। ଚିଙ୍ଗୁଡ଼ି, ବଡ଼ ଚିଙ୍ଗୁଡ଼ି, ଟୁନା, ସାମୁଦ୍ରିକ ମାଛରୁ ଉତ୍ପାଦ ଖାଦ୍ୟ ଉପରେ ବ୍ରିଟେନର ଟାରିଫ୍ ୪.୨ ପ୍ରତିଶତରୁ ୮.୫ ପ୍ରତିଶତ ମଧ୍ୟରେ ରହୁଛି। ଆଶା କରାଯାଉଥିବା ଟାରିଫ୍ ହ୍ରାସ ଘଟିଲେ ଓଡ଼ିଶାରୁ ବ୍ରିଟେନକୁ ସାମୁଦ୍ରିକ ଖାଦ୍ୟ ରପ୍ତାନି ପରିମାଣ ବୃଦ୍ଧି ପାଇବ। ମୋ ମତରେ ସବୁ କ୍ଷେତ୍ରରେ ଓଡ଼ିଶାରେ ଥିବା ରପ୍ତାନିକାରୀ ଓ କ୍ଷୁଦ୍ର ଉତ୍ପାଦନକାରୀ ବ୍ରିଟେନକୁ କେବଳ ଏକ ରପ୍ତାନିସ୍ଥଳ ଭାବେ ନୁହେଁ, ବରଂ ବ୍ୟାପକ ଅନ୍ତର୍ଜାତୀୟ ବଜାର ଉପଲବ୍ଧତାର ଏକ ରଣନୀତିକ ଆଧାର ଭାବେ ଦେଖିବା ଦରକାର।

**ପ୍ରଶ୍ନ: ବ୍ରିଟେନରୁ ଅଧିକ ନିବେଶକୁ ଆକର୍ଷିତ କରିବା ଲାଗି ଓଡ଼ିଶା ନୀତି ନିର୍ଦ୍ଧାରକମାନେ ବର୍ତ୍ତମାନ କ'ଣ ଗୋଟେ ବାସ୍ତବବାଦୀ ପଦକ୍ଷେପ ନେବା ଦରକାର ବୋଲି ଭାବୁଛନ୍ତି ?**

ଉତ୍ତର: ରାଜ୍ୟରେ ଥିବା ନିବେଶ ସୁଯୋଗ ବିଷୟରେ ଠିକ୍ ଭାବେ ସମ୍ଭାବ୍ୟ ନିବେଶକଙ୍କୁ ସହଜରେ ସୂଚନା ଦିଆଯାଇପାରିଲେ ଓଡ଼ିଶାରେ ବ୍ରିଟେନର ନିବେଶ ପରିମାଣ ଅତ୍ୟଧିକ ମାତ୍ରାରେ ବଢ଼ିପାରିବ। ଏଠାକାର ନିବେଶ ସମ୍ବନ୍ଧରେ ସବିଶେଷ ସୂଚନା ସହିତ ଆଗକୁ ମାର୍ଗଦର୍ଶନ ଦେଇପାରୁଥିବା ଅଧିକାରୀମାନଙ୍କ ଯୋଗାଯୋଗ ବିବରଣୀ ଯଦି ବ୍ରିଟେନ ନିବେଶକମାନେ ସହଜରେ ପାଇପାରିବେ, ତେବେ ସେମାନେ ଓଡ଼ିଶାରେ ନିବେଶ କରିବାକୁ ଆଗଭର ହେବେ। ଏକ ନିବେଶସ୍ଥଳୀ ଭାବେ ଓଡ଼ିଶାର ଆକର୍ଷଣ ରହିଛି। ସେଥିଲାଗି ମଧ୍ୟ ବ୍ୟାପକ ସୂଚନା ଉପଲବ୍ଧ ହେଉଛି। ଏହା ସହ ଉନ୍ମୁକ୍ତ ଏକକ ବାତାୟନ ପୋର୍ଟାଲ ଓ ନିବେଶ ପରବର୍ତ୍ତୀ ସେବା, ନିର୍ଦ୍ଦିଷ୍ଟ ନିବେଶ ସମ୍ପର୍କିତ ସୂଚନା ଭଳି ଓଡ଼ିଶାର ପଦକ୍ଷେପ ପ୍ରକୃତରେ ବ୍ରିଟେନ ନିବେଶକଙ୍କ ମନରେ ବିଶ୍ୱାସ ଜନ୍ମାଇପାରିବ। ଏଥିସହିତ ରୋଡ୍ ଶୋ ଓ ବାଣିଜ୍ୟିକ ମିଶନ ଜରିଆରେ ବ୍ରିଟେନର ବ୍ୟବସାୟୀମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଓଡ଼ିଶା ସକ୍ରିୟ ଭାବେ ତା'ର ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରିବା ଉଚିତ।

**ପ୍ରଶ୍ନ: ବ୍ରିଟେନ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଥିବା ସହବନ୍ଧିତା ରାଜ୍ୟ ଛାଡ଼ିବାକୁ ଚାହୁଁ ନ ଥିବା ଛାତ୍ରୀଛାତ୍ରଙ୍କ ପାଇଁ କେଉଁ ପ୍ରକାରର ସୁଯୋଗ ସୃଷ୍ଟି କରୁଛି ?**

ଉତ୍ତର: ଓଡ଼ିଶା ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସହ ବ୍ରିଟେନ ସହଯୋଗ ଦ୍ରୁତଗତିରେ ବୃଦ୍ଧି ପାଉଛି। ରାଜ୍ୟ ନ ଛାଡ଼ି ଛାତ୍ରୀଛାତ୍ରମାନେ ଏହିଠାରେ ବିଶ୍ୱସ୍ତରୀୟ ଗୁଣାତ୍ମକ ଶିକ୍ଷା କିପରି ପାଇପାରିବେ ସେଭଳି ସୁଯୋଗ ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରିତ ଅଛି। ୨୦୨୫ ମାର୍ଚ୍ଚରେ ଓଡ଼ିଶାରେ କରାଯାଇଥିବା ବ୍ରିଟେନ କୌଶଳ ମିଶନ ଜରିଆରେ ବ୍ରିଟେନର ଚାର୍ଟାର୍ଡ ସଂସ୍ଥା, ଡିଗ୍ରୀ ପ୍ରଦାନକାରୀ ସଂସ୍ଥା ଏବଂ ଦକ୍ଷତା ବିକାଶ ସଙ୍ଗଠନର ପ୍ରତିନିଧିମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ସରକାରୀ ଶିକ୍ଷାନୁଷ୍ଠାନ ସମେତ ରାଜ୍ୟର ଅନେକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ପରିଦର୍ଶନକରି ସହବନ୍ଧିତାର ସୁଯୋଗ ଅନ୍ୱେଷଣ କରିଥିଲେ। ବିଶ୍ୱବିଦ୍ୟାଳୟ ଉଚ୍ଚପଦାଧିକାରୀ, ରାଜ୍ୟ ଶିକ୍ଷା ଅଧିକାରୀ ଏବଂ ପ୍ରଶିକ୍ଷଣ ଯୋଗାଉଥିବା ସଂସ୍ଥାଗୁଡ଼ିକ ସହ ପ୍ରାୟ ଏକ ଡଜନ୍‌ରୁ ଅଧିକ ବୈଠକ କରାଯାଇଥିଲା। ବ୍ରିଟେନର ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତ ପାଠ୍ୟକ୍ରମ ସହ ଓଡ଼ିଶାର ପାଠ୍ୟକ୍ରମର ସମନ୍ୱୟ ଆଣିବା ଲାଗି ଏଭଳି ବୈଠକର ଆୟୋଜନ କରାଯାଇଥିଲା। ଆଗାମୀ ମାସଗୁଡ଼ିକରୁ ଆରମ୍ଭ କରି ଆସନ୍ତା ବର୍ଷ ଯାଏ ଶିକ୍ଷା କ୍ଷେତ୍ରରେ ଏଭଳି ସହଭାଗିତା ଫଳପ୍ରଦ ହେବ ବୋଲି ଆଶା କରୁଛୁ। ଏସବୁ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଓଡ଼ିଶାରେ ବ୍ରିଟିଶ ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ ପଢ଼ିବା ଲାଗି ପର୍ଯ୍ୟାପ୍ତ ସୁଯୋଗ ପାଇପାରିବେ। ଫଳରେ ସେମାନେ ଉନ୍ନତ ଶୈକ୍ଷିକ ପଦ୍ଧତି ଅନୁସରଣ କରିବା ସହ ଡିଜିଟାଲ ସୁବିଧା ହାସଲ କରିପାରିବେ। ଏହିଠାରେ ରହି ସେମାନେ ମଧ୍ୟ ଶିଳ୍ପ ସମ୍ବନ୍ଧୀୟ ପ୍ରଶିକ୍ଷଣ ପାଇ ଆଗକୁ ବଢ଼ିପାରିବେ।

ଏହିସବୁ ସହଯୋଗରୁ ଓଡ଼ିଶାର ଛାତ୍ରୀଛାତ୍ର ବ୍ରିଟେନରେ ଉପଲବ୍ଧ ବିଶ୍ୱସ୍ତରୀୟ ଶିକ୍ଷା ଓ ଦକ୍ଷତା ବିକାଶ ବ୍ୟବସ୍ଥାରୁ ଢେର ଲାଭ ପାଇପାରିବେ। ବିଦେଶରେ ବ୍ୟକ୍ତିଗତ ଓ ଆର୍ଥିକ ଆହ୍ୱାନର ସମ୍ମୁଖୀନ ହେବା ପରିବର୍ତ୍ତେ ଏମାନେ ଏଠାରେ ନିଜର ନିଯୁକ୍ତି ଦକ୍ଷତା ବଢ଼ାଇବାକୁ ସକ୍ଷମ ହେବେ। ଏହି ମଡେଲ ଓଡ଼ିଶାକୁ ବିଶ୍ୱସ୍ତରୀୟ ମେଧା ନେଟ୍‌ୱର୍କ ସହିତ ଅଧିକ ଯୋଡ଼ିବା ସହ ରାଜ୍ୟରେ ମେଧାବୀମାନଙ୍କୁ ଧରିରଖିବାରେ ସହାୟକ ହେବ।

**ପ୍ରଶ୍ନ: ଓଡ଼ିଶାର ଉପକୂଳ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ନିଆଯାଉଥିବା ପଦକ୍ଷେପ ଓ ବିପର୍ଯ୍ୟୟ ପରିଚାଳନା ସକାଶେ ବ୍ରିଟେନ ବୈଷୟିକ ସହଯୋଗ ଦେଇପାରିବ କି?**

ଉତ୍ତର: ଓଡ଼ିଶାର ଜଳବାୟୁ ପରିବର୍ତ୍ତନ ପାଇଁ ନିଆଯାଉଥିବା ପଦକ୍ଷେପରେ ବ୍ରିଟେନ ସରକାର ଦୀର୍ଘ ସମୟରୁ ଜଡ଼ିତ ରହିଆସିଛି। ଅତୀତରେ ଆମେ ଜଳବାୟୁ ବିପଦ ପରିଚାଳନା ସହ ସଂସାଧନର ସୁବ୍ୟବହାର କରି ଜଳ ସଂରକ୍ଷଣ, ମରୁଡ଼ି ମୁକାବିଲା, ବନ୍ୟା ନିୟନ୍ତ୍ରଣ ଭଳି ପ୍ରାକୃତିକ ସମ୍ବଳ ପରିଚାଳନାରେ ସାହାଯ୍ୟ କରୁଥିବା କ୍ଷୁଦ୍ର ଭିତ୍ତିଭୂମିଗୁଡ଼ିକୁ ଯୋଡ଼ିବା ଉପରେ କାର୍ଯ୍ୟ କରିଛୁ। ଏହାଦ୍ୱାରା ବର୍ଷାଭିତ୍ତିକ କୃଷି ଉପରେ ନିର୍ଭରଶୀଳ ସମୁଦାୟଗୁଡ଼ିକୁ ଜଳବାୟୁ ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ଜରିଆରେ ସେମାନଙ୍କୁ ଜୀବିକା ଯୋଗାଇ ଦେଇପାରିଛୁ। ଏଭଳି ପଦକ୍ଷେପ ନେଇଥିବା ଜିଲା ମଧ୍ୟରେ କେନ୍ଦୁଝର ଅନ୍ୟତମ। ଆମର କାର୍ଯ୍ୟ ସହର ଭିତ୍ତିଭୂମି ବିକାଶ, ଶକ୍ତି କ୍ଷେତ୍ରର ସଂସ୍କାର ଓ ଅଭିନବତ୍ୱ ଆଣିବାରେ ମଧ୍ୟ ସାହାଯ୍ୟ କରିଛି। ଜଳବାୟୁ ପରିବର୍ତ୍ତନ ମୁକାବିଲା ଉପରେ ଓଡ଼ିଶାର ରାଜ୍ୟ ସ୍ତରୀୟ କାର୍ଯ୍ୟାନ୍ୱୟନ ଯୋଜନାର ଅଂଶ ଭାବେ ଆମେ ଜଳବାୟୁ ପରିବର୍ତ୍ତନ ପରବର୍ତ୍ତୀ ପୁନର୍ଗଠନ କ୍ଷେତ୍ରରେ ଅତୀତରେ କାମ କରିଛୁ।

ଭୁବନେଶ୍ୱରରେ ମୁଖ୍ୟତଃ ପରିବହନ କ୍ଷେତ୍ରରେ ଅଙ୍ଗାରକ ନିର୍ଗମନ ହ୍ରାସକୁ ଗୁରୁତ୍ୱ ଦେଉଥିବା ଓଡ଼ିଶାର ଶକ୍ତି ବିଭାଗର ନେଟ୍ ଜିରୋ ଭିଜନ ହାସଲ ଦିଗରେ ଆମେ କାର୍ଯ୍ୟ କରିଆସୁଛୁ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରକଳ୍ପ କାର୍ଯ୍ୟକାରିତା ସହଭାଗୀ-'ଟେରି'କୁ ବ୍ରିଟେନର ସେନେକ୍ସ ଓ କୋଭେଣ୍ଟ୍ରି ସିଟି କାଉନ୍‌ସିଲ ଭଳି ଦୁଇଟି ପ୍ରତିଷ୍ଠିତ ସଂସ୍ଥା ସହଯୋଗ କରୁଛନ୍ତି।

**ପ୍ରଶ୍ନ: ହେନ୍ତାଳ ବନ ପୁନରୁଦ୍ଧାର ଓ ଉପକୂଳରେ ଜଳବାୟୁ ସହନଶୀଳତା ଲାଗି ନିଆଯାଉଥିବା ପଦକ୍ଷେପ ପାଇଁ ବ୍ରିଟେନ ପକ୍ଷରୁ କିଛି ପାଣ୍ଠି କିମ୍ବା ବୈଷୟିକ ଭାଗୀଦାରି ବ୍ୟବସ୍ଥା ଅଛି କି?**

ଉତ୍ତର: ଆମେ ଓଡ଼ିଶା ସରକାରଙ୍କ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ଓ ପିଲାଙ୍କ ପାଇଁ ଓଡ଼ିଆ ଭାଷାରେ ପରିବେଶ ଉପରେ ସ୍ୱତନ୍ତ୍ର ଶିକ୍ଷା ଦିଆଯିବା କାର୍ଯ୍ୟକ୍ରମରେ ନିକଟରେ ସାମିଲ ହୋଇଛୁ। ପରିବେଶଗତ ପ୍ରସଙ୍ଗ ଓ ଚିଲିକା ହ୍ରଦରୁ ସାମୁଦ୍ରିକ ବର୍ଜ୍ୟ ସମ୍ପର୍କିତ ତଥ୍ୟ ସଂଗ୍ରହ କରୁଥିବା ଅଂଶୀଦାରଙ୍କ ସହିତ କାର୍ଯ୍ୟ କରୁଥିବାରୁ ଆମେ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦେଉଛୁ। ଜଳବାୟୁ ପରିବର୍ତ୍ତନ ଯୋଗୁ ବିପଦରେ ଥିବା ଉପକୂଳବର୍ତ୍ତୀ ସମ୍ପ୍ରଦାୟଗୁଡ଼ିକୁ ସୁରକ୍ଷା ଦେବା କ୍ଷେତ୍ରରେ ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ନୂତନ ଓଡ଼ିଶା ଭବନ ନିର୍ମାଣ କାର୍ଯ୍ୟର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

- ୪୭୬୧ ବର୍ଗ ମିଟର ଅଞ୍ଚଳରେ ନିର୍ମାଣ ହେବ ଜି+୬ ଭବନ
- ଅଯୋଧ୍ୟା, ହାଇଦ୍ରାବାଦ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ ପାଇଁ ପରାମର୍ଶ

ଭୁବନେଶ୍ୱର, ୨୦।୮ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ବୁଧବାର ନୂଆଦିଲ୍ଲୀରେ ନୂତନ ଓଡ଼ିଶା ଭବନ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ନୂଆଦିଲ୍ଲୀର ଚାଣକ୍ୟପୁରୀ ଅଞ୍ଚଳରେ ଏହି ଭବନର ପୁନର୍ନିର୍ମାଣ କରାଯାଉଛି। ବୈଠକରେ ମୁଖ୍ୟମନ୍ତ୍ରୀ ଦେଶର ରାଜଧାନୀ ନୂଆଦିଲ୍ଲୀରେ ନିର୍ମାଣ ହେବାକୁ ଥିବା ଏହି ନୂଆ ଭବନରେ ଓଡ଼ିଶାର ସମୃଦ୍ଧ ପ୍ରସ୍ତର କାରୁକାର୍ଯ୍ୟ, ସମ୍ବଲପୁରୀ ଇକତ, ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଝଲକ ପ୍ରତିଫଳିତ କରିବା ପାଇଁ ଆର୍କିଟେକ୍ଟଙ୍କୁ ପରାମର୍ଶ ଦେଇଛନ୍ତି। ଏହି ନିର୍ମାଣ ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରୁ ଜଣାପଡ଼ିଛି, ସମୁଦାୟ ୪,୭୬୧ ବର୍ଗମିଟର ନିର୍ମାଣ ଅଞ୍ଚଳରେ ଏହି ଜି+୬ ଭବନ ନିର୍ମାଣ କରାଯିବ। ଏଥିରେ ସମୁଦାୟ ୪୫ଟି ବିଭିନ୍ନ ବର୍ଗର ସୁଇଟ୍ ଉପଲବ୍ଧ ହେବ। ଭବନରେ ଏକ ସମ୍ମିଳନୀ କକ୍ଷର ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିଭଳି ମୁମ୍ବାଇକୁ ଯେହେତୁ ଓଡ଼ିଶାରୁ ଅଧିକ ସଂଖ୍ୟକ କ୍ୟାନ୍‌ସର ରୋଗୀ ଚିକିତ୍ସା ହେବାକୁ ଯାଉଛନ୍ତି, ତେଣୁ ମୁମ୍ବାଇ ଓଡ଼ିଶା ଭବନରେ ଅଧିକ କୋଠରି ବ୍ୟବସ୍ଥା କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ଓଡ଼ିଶାରୁ ଅଯୋଧ୍ୟାକୁ ଅଧିକ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଯାଉଛନ୍ତି। ହାଇଦ୍ରାବାଦ ଓ ସୁରଟରେ ବହୁଳ ଭାବେ ଓଡ଼ିଆ ଲୋକ ରହୁଥିବାରୁ ଅଯୋଧ୍ୟା, ହାଇଦ୍ରାବାଦ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ କୋଲକତା ଉତ୍କଳ ଭବନର ମରାମତି ଓ ନବୀକରଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି।

# ଗଛ ଲଗାଇବେ କେନ୍ଦ୍ରୀୟ ପାରାମିଲିଟାରି ଫୋର୍ସ

ଭୁବନେଶ୍ୱର,୨୦।୮(ଅନୁରାଧା ମହାରଣା)- କେନ୍ଦ୍ରୀୟ ପାରାମିଲିଟାରି ଫୋର୍ସ ପକ୍ଷରୁ ସେପ୍ଟେମ୍ବର ୧୭ରେ ସାରା ରାଜ୍ୟରେ ୨ ଲକ୍ଷ ଚାରା ରୋପଣ କରାଯିବ। ଏନେଇ ବୁଧବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ କହିଲେ ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ମାଲକାନଗିରି, କୋରାପୁଟ ଓ ଖୋର୍ଦ୍ଧା ଜିଲାରେ ଥିବା ବିଏସ୍‌ଏଫ୍ ଯବାନ ଓ କର୍ମଚାରୀମାନେ ନିଜ କ୍ୟାମ୍ପସ୍ ଓ ଜିଲାପାଳମାନେ ନିରୂପିତ କରିଥିବା ସ୍ଥାନରେ ୪୦ ହଜାର ଚାରା ଲଗାଇବେ। କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ସମ୍ବଲପୁର, ନବରଙ୍ଗପୁର, ନୂଆପଡ଼ା, ଖୋର୍ଦ୍ଧା ଜିଲାରେ ଥିବା ସିଆର୍‌ପିଏଫ୍ ପକ୍ଷରୁ ୪୦ ହଜାର ଚାରା ଲଗାଯିବ। ଖୋର୍ଦ୍ଧା ଜିଲାରେ ଆଇଟିବିପି ପକ୍ଷରୁ ୧୦ ହଜାର ଚାରା ଲଗାଯିବ। ସିଆଇଏସ୍‌ଏଫ୍ ଏହାର ମୁଣ୍ଡଳିସ୍ଥିତ କ୍ୟାମ୍ପସ୍ ଓ ନିକଟବର୍ତ୍ତୀ ସ୍ଥାନରେ ୧୦ ହଜାର ଚାରା ରୋପଣ କରିବ।



ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। **-ଶ୍ରୀଅରବିନ୍ଦ**

-ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା



# ଅହିଂସାର ଛଳନା



ଦେବଦତ୍ତ ପଟ୍ଟନାୟକ

ବୌଦ୍ଧ, ଜୈନ ଓ ହିନ୍ଦୁଶାସ୍ତ୍ରରେ ଗୋଟିଏ ବାଜପକ୍ଷୀ ଘରଚଟିଆକୁ ଶିକାର ଉଦ୍ଦେଶ୍ୟରେ ଅନୁଧାବନ କରିବାର କାହାଣୀଟିଏ ଅଛି। ଜଣେ ରାଜା ଘରଚଟିଆକୁ ଆଶ୍ରୟ ଦେଇଥିଲେ। ବାଜପକ୍ଷୀଟି ଖାଦ୍ୟ ନ ପାଇ ରାଜାଙ୍କଠାରୁ ତାହା ଚାହୁଁଥାଏ। ଏ କ୍ଷେତ୍ରରେ ଘରଚଟିଆ ବଞ୍ଚିବା ଲାଗି ବାଜପକ୍ଷୀ ମରିବା ଦରକାର କି? ଗୋଟିଏ ଶାକାହାରୀ କାହିଁକି ରାଜାଙ୍କ ସୁରକ୍ଷାରେ ରହିବା ପାଇଁ ଯୋଗ୍ୟ, କାହିଁକି ଗୋଟିଏ ମାଂସାଶୀ ନୁହେଁ? ଶାକାହାରୀ ବଞ୍ଚିବା ପାଇଁ କାହିଁକି ଗୋଟିଏ ମାଂସାଶୀ ଉପାସରେ ରହିବ? ସମ୍ଭବତଃ ଏହି କାହାଣୀ ଅଶୋକଙ୍କ ତଥାକଥିତ ଦୟାର ଆଧ୍ୟାତ୍ମିକ ଭାବନା ଭାବେ ଜଣାଶୁଣା ଅହିଂସା ବିଚାରଧାରାକୁ ବିରୋଧ କରିବା ଲାଗି ଉଦ୍ଦିଷ୍ଟ।

ସନାତନ ଧର୍ମ ଖାଦ୍ୟ ବିଚାରରୁ ଆରମ୍ଭ ହୋଇଛି। ବଞ୍ଚିବାକୁ ହେଲେ ଆମକୁ ଖାଇବାକୁ ପଡ଼ିବ। କିନ୍ତୁ ଖାଇବା ହେଉଛି ହିଂସା। ସମ୍ବଳର ବ୍ୟବହାର ମଧ୍ୟ ହିଂସା। ଅହିଂସକ ହେବା ପାଇଁ ଜଣେ ଖାଇବା ବନ୍ଦ କରିବାକୁ ହେବ। ଏଣୁ ଜୈନ ପରମ୍ପରାରେ ଉପବାସ ହେଉଛି ମୁଖ୍ୟ। ଉପବାସ ରହି ବୁଦ୍ଧ ଯେତେବେଳେ ଅଚେତ ହୋଇଯାଇଥିଲେ, ସେତେବେଳେ ସେ ସଂଯମ ମାର୍ଗ ଅନୁଭବ କରିଥିଲେ। ଖାଇବାରେ ସନ୍ତୁଳନ ପାଇଁ ଅନ୍ୟମାନଙ୍କୁ ଖୁଆଇବା ଦରକାର ବୋଲି ହିନ୍ଦୁମାନେ କହନ୍ତି। ହେଲେ ଖାଦ୍ୟ ସମ୍ପର୍କିତ ଏହି ବିଚାର ହିନ୍ଦୁଧର୍ମ ଓ ବେଦାନ୍ତର ଆଧୁନିକ ବିଚାରଧାରାରେ ହଜିଯାଉଛି।

ସମ୍ବଳର ବ୍ୟବହାର ହେଉଛି ଅତ୍ୟନ୍ତ ହିଂସକ ପ୍ରକ୍ରିୟା। ଏଣୁ କଞ୍ଜପ୍ସନ ଇକୋନୋମି ବା ଅର୍ଥ ବ୍ୟବସ୍ଥାରେ ଯେଉଁମାନଙ୍କର ଯୋଗଦାନ ରହିଛି, ସେମାନେ ମୁଖ୍ୟତଃ ହିଂସାତ୍ମକ ବ୍ୟକ୍ତି। ଯେଉଁମାନେ ବେଦ ପଢ଼ିଛନ୍ତି, ସେମାନେ ଏହି ସରଳ ବିଷୟକୁ ଭଲ ଭାବେ ଜାଣନ୍ତି। ବେଦରେ ସବୁ ପ୍ରକାର କ୍ଷୁଧା (ମୋହ ହେଉ କି କାମନା କିମ୍ବା ଆକାଂକ୍ଷା) ଖାଦ୍ୟ ଚାହେଁ ଏବଂ ଖାଦ୍ୟ ସକାଶେ ଅତ୍ୟଧିକ ପରିମାଣରେ ଉଦ୍ଭିଦ ଓ ପ୍ରାଣୀଙ୍କୁ ମାରିବାକୁ ହୁଏ। ପ୍ରକୃତିର ସମ୍ବଳର ବ୍ୟବହାର ଦ୍ୱାରା ସମାଜ ବା ସଭ୍ୟତା ପ୍ରତିଷ୍ଠା ହୋଇଥାଏ ବୋଲି ପାଣ୍ଡବମାନେ ଦେବତାଙ୍କ ପାଇଁ ଉପଯୁକ୍ତ ଇନ୍ଦ୍ରପ୍ରସ୍ଥ ସହର ନିର୍ମାଣ କରିବା ସମୟରେ ଉପଲବ୍ଧି କରିଥିଲେ। ସେମାନେ ଏଥିପାଇଁ ଖାଣ୍ଡବ ବନକୁ ଜାଳି ସମସ୍ତ ଉଦ୍ଭିଦ, ପ୍ରାଣୀ ଓ ନାଗମାନଙ୍କୁ ହତ୍ୟା କରିଥିଲେ। ଜଙ୍ଗଲକୁ ଜାଳି ଅଗ୍ନିଦେବଙ୍କୁ ସନ୍ତୁଷ୍ଟ କରିବା



ଯୋଗୁ ସେ ପାଣ୍ଡବଙ୍କୁ ଆଶୀର୍ବାଦ ଦେଇଛନ୍ତି। କିନ୍ତୁ ଏଭଳି ସମ୍ବଳର କ୍ଷୟ ପ୍ରକ୍ରିୟାରେ ନାଗମାନେ ବଳି ପଡ଼ିଛନ୍ତି। ଜଙ୍ଗଲ ନିଆଁରେ ପୋଡ଼ିଯିବାରୁ ସେମାନେ ପାଣ୍ଡବଙ୍କୁ ଅଭିଶାପ ଦେଇଛନ୍ତି। ମଣିଷ ବ୍ୟବହାର କରୁଥିବା କିମ୍ବା ଖାଉଥିବା ଗଛଗୁଡ଼ିକର ନୀରବ କ୍ରନ୍ଦନକୁ ଋଷି ଭୃଗୁ କିଭଳି ଅନୁଭବ କରିଛନ୍ତି ସେ ସମ୍ପର୍କିତ କାହାଣୀଗୁଡ଼ିକ ମଧ୍ୟ ବେଦର ଶତପଥ ବ୍ରାହ୍ମଣରେ ବର୍ଣ୍ଣନା କରାଯାଇଛି। ଗଛଗୁଡ଼ିକରୁ ରକ୍ତ ବାହାରି ନ ପାରେ, କିନ୍ତୁ ସେମାନେ କାନ୍ଦୁଛନ୍ତି। ଆମେ ସେମାନଙ୍କ କ୍ରନ୍ଦନ ଶୁଣି ନ ପାରୁ, ହେଲେ ଯେଉଁମାନେ ଏହି ଜନ୍ମରେ ଗଛକୁ ଖାଉଛନ୍ତି , ସେମାନଙ୍କୁ ପରଜନ୍ମରେ ଗଛ ହିଁ ଖାଇବ।

ଏହା କେବଳ ଖାଦ୍ୟର କଥା ନୁହେଁ। ଜଣେ 'ଶୁଦ୍ଧ' ଶାକାହାରୀ ଯେତେବେଳେ ଅତ୍ୟନ୍ତ ଆକର୍ଷକ ଜୀବନଶୈଳୀ ମଧ୍ୟରେ ବୁଡ଼ି ରହେ, ସେତେବେଳେ ସେ ଉଦ୍ଭିଦ ଓ ପ୍ରାଣୀଙ୍କ ପ୍ରତି ଅତ୍ୟଧକ ହିଂସାରେ ଲିପ୍ତ ରହେ। ତୁମ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଶିଳ୍ପ ଯୋଗୁ ପ୍ରଥମେ ପ୍ରାଣୀମାନଙ୍କ ପ୍ରାକୃତିକ ବାସସ୍ଥାନ ନଷ୍ଟ ହୋଇଥାଏ। ସ୍ଥାନାନ୍ତର ହେଉଥିବା ସେହି ପ୍ରାଣୀଙ୍କୁ ରଖିବା ପାଇଁ ଏକ ଚିଡ଼ିଆଖାନା ନିର୍ମାଣ କରି ତୁମେ ଜଣେ ଦୟାଳୁ ବ୍ୟକ୍ତି ବୋଲି ଭାବିଥାଅ, କିନ୍ତୁ ଏହା ତୁମର ଭ୍ରମ।

ପ୍ରତିଯୋଗିତାରେ ବି ଶାକାହାରୀଙ୍କ ହିଂସା ପ୍ରକାଶ ପାଏ। ସମାଜରେ ବିଭିନ୍ନ ପ୍ରକାର ଶାକାହାରୀ ଅଛନ୍ତି। ଅନେକଙ୍କର ଅଣ୍ଡା ଖାଇବାରେ ସମସ୍ୟା ନଥାଏ, କାରଣ ସେମାନେ ଭାବନ୍ତି ଏଥିରେ ପକ୍ଷୀଙ୍କୁ ହତ୍ୟା କରିବାକୁ ପଡ଼େନାହିଁ। ଯେଉଁମାନେ ରୁଟ୍ ଭେଜିଟେବଲ (ଆଳୁ, ବିଟ୍, ଗାଜର, ସାରୁ, କନ୍ଦମୂଳ ଆଦି ପରିବା) ଖାଆନ୍ତି ନାହିଁ; ଯେଉଁମାନେ ଅଦା ଓ ରସୁଣ ଖାଆନ୍ତିନି, ସେମାନେ ଅନ୍ୟପଟେ କନ୍ଦ କିମ୍ବା ବାଦାମକୁ ରୁଟ୍ ଭେଜିଟେବଲ ବୋଲି ବିଚାର କରନ୍ତି ନାହିଁ। ଅନେକେ ଦୁଗ୍ଧଜାତୀୟ ଖାଦ୍ୟ ଖାଆନ୍ତିନି, କାରଣ ସେମାନେ ଗୋପାଳନ ଓ ସେମାନଙ୍କ ବାଧ୍ୟତାମୂଳକ ଗର୍ଭଧାରଣକୁ ହିଂସା ଭାବେ ଦେଖିଥା'ନ୍ତି। ନିଜ ମଧ୍ୟରେ ଏଭଳି ଶ୍ରେଷ୍ଠତା ପ୍ରଦର୍ଶନ କରୁଥିବା ଶାକାହାରୀବାଦଗୁଡ଼ିକ ମଧ୍ୟରେ ହିଂସା ରହିଛି।

ଭାରତରେ ପାରମ୍ପରିକ ଭାବେ ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀମାନେ ବ୍ରାହ୍ମଣମାନଙ୍କ ଆମିଷ ଭକ୍ଷଣ ଅଭ୍ୟାସକୁ ପରିହାସ କରୁଥିଲେ। ସେମାନଙ୍କ ଯୁକ୍ତି ହେଲା, ବ୍ରାହ୍ମଣମାନେ ଦୟାଳୁ ନୁହନ୍ତି ଏବଂ ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀମାନେ ଦୟାଳୁ ମାର୍ଗର। ସମୟକ୍ରମେ ବ୍ରାହ୍ମଣମାନେ ଏହି କଥାର ଗୁରୁତ୍ୱ ଉପଲବ୍ଧି କରି ଶାକାହାରୀ ହୋଇଥିଲେ। ବାସ୍ତବରେ ପୂର୍ବରୁ ବୌଦ୍ଧ ଓ ଜୈନଧର୍ମ ଗ୍ରହଣ କରିଥିବା ଅନେକ ବ୍ୟକ୍ତି ବ୍ରାହ୍ମଣ ପାଲଟିଥିଲେ ଏବଂ ଶାକାହାର ପରମ୍ପରାର ଅଲୌକିକ ଶକ୍ତିଥିବା ନିଶ୍ଚିତ ହୋଇଥିଲେ। ଏଣୁ ଏବେ ବି ଯଦି ତୁମେ ଆମିଷ ଖାଇବା ଛାଡ଼ିଦେବ, ତେବେ ସାମାଜିକ କ୍ଷେତ୍ରରେ ହଠାତ୍ ତୁମେ ଉଚ୍ଚ ନୈତିକ ସ୍ତର ପ୍ରାପ୍ତ ହୋଇପାରିବ। ତୁମେ ନିମ୍ନଜାତିର ହୋଇଥିଲେ ମଧ୍ୟ ଶୁଦ୍ଧ, ପବିତ୍ର ହୋଇଯିବ ଏବଂ ଉଚ୍ଚଜାତିର ସମ୍ମାନ ଲାଭ କରିବ। ଏହା ହେଉଛି ଫୁଡ୍ ମ୍ୟାଜିକ ବା ଖାଦ୍ୟ ଯାଦୁ । ଏହା ହେଉଛି ସଂସ୍କୃତୀକରଣ। ଜାତି ଶିଡ଼ିର ଉଚ୍ଚରେ ରହିବାକୁ ହେଲେ ପ୍ରଥମେ ଖାଦ୍ୟରେ ପରିବର୍ତ୍ତନ କରିବାକୁ ହେବ।

ଖୁସି ଅନୁଭବ କରିବା ପାଇଁ ମଣିଷକୁ ଫୁଡ୍ ମ୍ୟାଜିକ ଦରକାର। ତୁମକୁ ଜଣେ ଭଲ ମଣିଷ କିମ୍ବା ଦୟାଳୁ ମଣିଷ ହେବା ପାଇଁ ଚେଷ୍ଟା କରିବା ଆବଶ୍ୟକ ନାହିଁ; କେବଳ ତମେ ଯଦି ଠିକ୍ ଖାଦ୍ୟ ଖାଇବ; ତେବେ ତୁମ ଚାରିପାଖରେ ସବୁକିଛି ପରିବର୍ତ୍ତନ ହୋଇଯିବ। ବୈଜ୍ଞାନିକ ଧାରାରେ ବିଗତ ୭୦ ବର୍ଷ ମଧ୍ୟରେ ଆମର ସବୁ ଶିକ୍ଷାରେ ଆମ ଚାରିପାଖରେ ଶାକାହାର ଆତଙ୍କବାଦର ପ୍ରସାର କରାଯାଇଥିବା ଆମେ ଦେଖିବାକୁ ପାଉ। ସମସ୍ତେ ଜାଣନ୍ତି, ପରିବେଶ ସୁରକ୍ଷା କ୍ଷେତ୍ରରେ ଏହା କୌଣସି କାମରେ ଆସୁନାହିଁ। ଏସବୁ କେବଳ ଜାତି ସହ ସମ୍ପର୍କିତ, ଯାହା ଜାତି ପ୍ରଭୁତ୍ୱ ଏବଂ ବେପାରୀ ଗୋଷ୍ଠୀ ତଥା ସେମାନଙ୍କ ଧର୍ମଯାଜକଙ୍କ ପ୍ରାଧାନ୍ୟ ପ୍ରତିଷ୍ଠା କରୁଛି। ଏହିମାନେ ହିଁ ଶାକାହାର ଖାଦ୍ୟ ଖାଇ ଅହିଂସାର ଛଳନା କରି ସମସ୍ତ ସମ୍ବଳକୁ ନିୟନ୍ତ୍ରଣ କରିବା ସହ ପ୍ରକୃତିକୁ ବ୍ୟାପକ ଭାବେ କ୍ଷୟ କରିଚାଲିଛନ୍ତି। ଆମେ ଭୁଲିଯାଉଛୁ ଯେ, ଅହିଂସା ଆଚରଣ କରିବା ମାନେ ନୁହେଁ ଯେ ଆମେ ଜଣେ ଲୋକ ନୁହେଁ।

-devduttofficial@gmail.com

## ଭାଗଚାଷୀ ଓ ଗ୍ରାମୀଣ ଅର୍ଥନୀତି



ଯତିଦାନନ୍ଦ ଦାଶ

ଗ୍ରାମୀଣ ଅର୍ଥନୀତି ସାଧାରଣତଃ କୃଷି ଓ କ୍ଷୁଦ୍ର ଅଣକୃଷି କାର୍ଯ୍ୟ ଉପରେ ନିର୍ଭର କରେ। କୃଷିକାର୍ଯ୍ୟରେ ଚାଷ କାମ ଓ ଚାଷ ଆନୁଷଙ୍ଗିକ କ୍ରିୟାକଳାପ ଯଥା- ପ୍ରାଣୀପାଳନ, ମତ୍ସ୍ୟଚାଷ, କୁକୁଡ଼ା ପାଳନ, ବତକ ପାଳନ, ମହୁମାଛି ପାଳନ ଇତ୍ୟାଦି ଅନ୍ତର୍ଭୁକ୍ତ। ଅଣକୃଷି କାର୍ଯ୍ୟକ୍ରମ କହିଲେ, କ୍ଷୁଦ୍ର ବ୍ୟବସାୟ, କ୍ଷୁଦ୍ର ଓ ଗ୍ରାମ କୁଟିରଶିଳ୍ପ ଏବଂ ସେବାଭିତ୍ତିକ କ୍ଷୁଦ୍ର କାର୍ଯ୍ୟକଳାପ ଯଥା ମାଟିହାଣ୍ଡି ତିଆରି, ଲୁହା ସରଞ୍ଜାମ ତିଆରି, ପିତ୍ତଳ ଓ ରୁପା ନିର୍ମିତ ବସ୍ତୁ ତିଆରି, ସୁନାରି କାର୍ଯ୍ୟ, ପଥର କାରୁକାର୍ଯ୍ୟ, ପାଣିପାଇପ ମିସ୍ତ୍ରି କାମ ଇତ୍ୟାଦିକୁ ବୁଝାଏ। ଯାହାକୁ ବୃତ୍ତିଗତ ଆତ୍ମନିଯୁକ୍ତି କୁହାଯାଇ ପାରେ। କୌଣସି ଗ୍ରାମର ଅର୍ଥନୈତିକ ବିକାଶ ତଥା ଉପରୋକ୍ତ କାର୍ଯ୍ୟକଳାପର ଠିକ୍ କାର୍ଯ୍ୟାନ୍ୱୟନ ପାଇଁ ଆମକୁ ତିନୋଟି ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ସେଗୁଡ଼ିକ ହେଲା। (୧) ସ୍ଥାନୀୟ ଭିତ୍ତିଭୂମିର ବିକାଶ, (୨) କ୍ଷୁଦ୍ରଶିଳ୍ପ ପାଇଁ ଉପଯୁକ୍ତ କଞ୍ଚାମାଲର ଉପଲବ୍ଧତା, (୩)ସ୍ଥାନୀୟ ପ୍ରାକୃତିକ ସମ୍ବଳ ପ୍ରାପ୍ତି। ପ୍ରଥମ ଉପାଦାନଟିରେ ଯଥା ଭିତ୍ତିଭୂମିର ବିକାଶରେ ଆମମାନଙ୍କୁ ପ୍ରଥମେ ନିମ୍ନଲିଖିତ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ପଡ଼ିବ। (କ) ଉପଯୁକ୍ତ ଯୋଗାଯୋଗ ପାଇଁ ରାସ୍ତାଘାଟର ଉନ୍ନତୀକରଣ, (ଖ) ଗ୍ରାମକୁ ଠିକ୍ ଭାବେ ବିଦ୍ୟୁତ୍ ସରବରାହ, (ଗ) ଦରକାର ଅନୁସାରେ ଜଳ ଯୋଗାଣ (ଉଭୟ ପାନୀୟ ଓ କୃଷି ଶିଳ୍ପ ପାଇଁ), (ଘ) ଚାଷ ଅନୁପଯୁକ୍ତ ଜମିକୁ ଚାଷ ଜମିରେ ପରିଣତ କରିବା ଏବଂ ଜମିର ଉର୍ବରତା ବଢ଼ାଇବାର ଉପାୟକୁ ଆପଣେଇବା, (ଚ) ଜଳବାୟୁ ପରିବର୍ତ୍ତନକୁ ଆଖିଆଗରେ ରଖି ଉପଯୁକ୍ତ ଫସଲ ଖସଡ଼ା ତିଆରି କରିବା, (ଛ) ସ୍ଥାନୀୟ ଶ୍ରମଶକ୍ତିକୁ ଉପଯୁକ୍ତ ବିନିଯୋଗ କରିବା ଇତ୍ୟାଦି। ଦ୍ୱିତୀୟରେ କ୍ଷୁଦ୍ରଶିଳ୍ପର ପ୍ରସାର ପାଇଁ ଗୁଣାତ୍ମକ କଞ୍ଚାମାଲ ସୁଲଭ ମୂଲ୍ୟରେ ପ୍ରାପ୍ତ ହେବା ଦରକାର ଏବଂ ଉତ୍ପାଦିତ ବସ୍ତୁର ଉପଯୁକ୍ତ ବଜାରର ଚାହିଦ ଥିବା ଦରକାର ନତୁବା ବିକଳ୍ପ ବଜାରୀକରଣର ବ୍ୟବସ୍ଥା କରାଯିବା ଉଚିତ। ତତ୍‌ସଙ୍ଗେ ସଙ୍ଗେ ଅଧିକ ଲାଭାଂଶ ପ୍ରାପ୍ତି ପାଇଁ ଶିଳ୍ପର ଅପରେଶନାଲ ଖର୍ଚ୍ଚ କମାଇବାକୁ ଉଦ୍ୟମ କରାଯିବା ଉଚିତ। ତୃତୀୟରେ ସ୍ଥାନୀୟ ଉପଲବ୍ଧ ଯଥା ଓଡ଼ିଶାରେ ଖଣିଜ ଦ୍ରବ୍ୟ, ସାମୁଦ୍ରିକ ମତ୍ସ୍ୟ ଓ ଜୀବ, ପର୍ଯ୍ୟଟନ ଶିଳ୍ପ ଇତ୍ୟାଦିର କଞ୍ଚାମାଲ ସମ୍ବଳ ଉଚିତ ମୂଲ୍ୟରେ ପ୍ରଥମେ ସ୍ଥାନୀୟ ଶିଳ୍ପରେ ଯେପରି ବିନିଯୋଗ ହୁଏ, ସେଥିପ୍ରତି ଧ୍ୟାନ ଦେବା ଉଚିତ।

ଏଥର ଆଲୋଚନା କରିବା ମାନବ ଶକ୍ତି ବା ଶ୍ରମଶକ୍ତି। ଶ୍ରମଶକ୍ତିର ପ୍ରକାର ଭେଦ ହେଲା- କୃଷିଶ୍ରମିକ, କୁଶଳୀ କାରିଗର ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ, ଶିଳ୍ପ, କାରଖାନାରେ ନିଯୁକ୍ତ ହେଉଥିବା ଶ୍ରମିକ, ଯେଉଁମାନେ ସଂଗଠିତ ଶ୍ରମିକ ବା ଅଣସଂଗଠିତ ବା ଅଣକୃଷି ଶ୍ରମିକ। ଏକ ଆକଳନରୁ ଜଣାଯାଏ ଯେ, ଆମ ରାଜ୍ୟ ଓଡ଼ିଶାରେ ୭୦ରୁ ୮୦ ପ୍ରତିଶତ ଲୋକ ସଂଖ୍ୟା କୃଷି ଉପରେ ନିର୍ଭର କରନ୍ତି। ତନ୍ମଧ୍ୟରୁ ଆପାତତଃ ୬୦ ପ୍ରତିଶତ ଶ୍ରମଶକ୍ତି କୃଷି କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। (୨୩-୨୪ ମସିହା ଆକଳନ ଅନୁଯାୟୀ) ଯେଉଁମାନଙ୍କୁ ଭାଗଚାଷୀ ଭାବେ ଆଖ୍ୟାଦିଆଯାଇଥାଏ। କୁଶଳୀ କାରିଗର କମ୍‌ସେ କମ୍ ବାହାର ଶିଳ୍ପ କାରଖାନାରେ କାମ କଲେ ଚଳିବ, କାରଣ ସେଠାରେ ସେମାନେ ଅଧିକ ଆୟ କରିବାର ସୁଯୋଗ ପାଇପାରିବେ। ନିଜର କିଛି ଚାଷ ଜମିଥିଲେ, ତାକୁ ସମ୍ପର୍କୀୟ ମାଧ୍ୟମରେ ଚାଷକରି ନିଜର ଆର୍ଥିକ ଅବସ୍ଥା ବଢ଼ାଇ ପାରିବେ। ସମସ୍ୟା ହେଉଛି ଅଣକୃଷି କ୍ଷୁଦ୍ର ଶ୍ରମିକଙ୍କୁ ନେଇ ଯେଉଁମାନେ ସ୍ୱଳ୍ପରୋଜଗାର ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ପଳାଉଛନ୍ତି। ଏମାନେ ଠିକାଦାର ବା ଦାଦନ ମାଲିକ ଦ୍ୱାରା ଦଳିତ ଓ ନିର୍ଯାତିତ ହେଉଛନ୍ତି। ଆଉ କିଛି ସମସ୍ୟା ଭୂମିହୀନ ଚାଷୀ ଓ ଭାଗଚାଷୀଙ୍କୁ ନେଇ। ଆମ ରାଜ୍ୟରେ ଭାଗଚାଷୀ ପାଇଁ କୌଣସି ଠିକ୍ ଆଇନ ପ୍ରଣୟନ ହୋଇନାହିଁ। ବିନା ଦସ୍ତାବିଜ ଚାଷୀମାନେ ଭାଗଚାଷୀରେ ମୌଖିକ ଚୁକ୍ତି ଅନୁସାରେ ଚାଷ କରି ଚାଲିଛନ୍ତି। ଉପରୋକ୍ତ ଅନୁଶୀଳନରୁ ଏହା ସ୍ପଷ୍ଟ ଅନୁମେୟ ଯେ, ଗ୍ରାମ୍ୟ ଅର୍ଥନୀତି ବି ଭୂମିହୀନ ଚାଷୀ, ଭାଗଚାଷୀଙ୍କର ଉନ୍ନତୀକରଣ ଉପରେ ନିର୍ଭର କରେ। ଏଣୁ ଭାଗଚାଷୀଙ୍କ ସମସ୍ୟା ସମାଧାନ କରିବା ଜରୁରୀ। ଏହା ହେଲେ କୃଷିରେ ଅଧିକ ଉନ୍ନତି ଆସିପାରିବ।

**ସିଡିଏ, କଟକ**
**ମୋ: ୭୦୦୮୬୫୦୬୯୩**

## ଏଇ ଭାରତରେ

ପ୍ରୀତିଶ ମିସ୍ତ୍ରି ଟମାଟୋ ବର୍ଜ୍ୟରୁ ଏକପ୍ରକାର ବାୟୋ ଲେଦର ବା ଜୈବ ଚମଡ଼ା ପ୍ରସ୍ତୁତ କରୁଛନ୍ତି। ସେ ୨୦୧୯ରେ 'ଦ ବାୟୋ କମ୍ପାନୀ'(ଟିବିସି) ପ୍ରତିଷ୍ଠା କରି ଏହି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏହା ପରିବେଶ ଉପଯୋଗୀ ଅର୍ଥାତ୍ ଏହାକୁ ପ୍ରସ୍ତୁତ କରିବା ସମୟରେ ଖୁବ୍ କମ୍ କାର୍ବନ ନିର୍ଗମନ ହେଉଛି। ବାୟୋ ଲେଦର ଏବେ ପ୍ରାଣୀ ଚମଡ଼ାର ବିକଳ୍ପ ଭାବେ ଉଭା ହୋଇଛି। ଏହା ମଧ୍ୟ ୨୦୨୫ରେ ବୟନଶିଳ୍ପ କ୍ଷେତ୍ରରେ ନୂତନତ୍ୱ ଆଣିଥିବାରୁ ପେଟା ଭେଗାନ ଫ୍ୟାଶନ ପୁରସ୍କାର ପାଇଛି। ଟମାଟୋରେ ପ୍ରଚୁର ପେପ୍‌ଟିନ୍ ରହିଛି। ପଲିୟୁରେଥେନ ଓ ପଲିଭିନାଇଲ କ୍ଲୋରାଇଡ୍ ମିଶାଯାଇ ବାୟୋ ଲେଦର ତିଆରି ହେଉଛି। ପ୍ରୀତିଶ୍‌ଙ୍କ ବୟସ ଏବେ ୨୬। ସେ ବାୟୋଟେକ୍‌ନୋଲୋଜିରେ ଡିଗ୍ରୀ ହାସଲ କରିଛନ୍ତି। ଟମାଟୋରୁ ବାୟୋ ଲେଦର ତିଆରି କରିବାକୁ ନିଷ୍ପତ୍ତି ନେବାର କାରଣ ରହିଛି। ଦେଶରେ ବର୍ଷକୁ ୪୪ ମିଲିୟନ ଟନ୍ ଟମାଟୋ ଉତ୍ପାଦନ ହେଉଥିବାବେଳେ ସେଥିରୁ ୩୦-୩୫% ନଷ୍ଟ ହୋଇଯାଉଛି। ଏଣୁ ଏହି ନଷ୍ଟ ଟମାଟୋକୁ ବ୍ୟବହାର କରିବା ଲାଗି ନିଷ୍ପତ୍ତି ନେଇଥିଲେ। ଏବେ ତିଆରି ହେଉଥିବା ବାୟୋ ଚମଡ଼ାରୁ ବ୍ୟାଗ୍, ଚପଲ , ପୋଷାକ ଓ ଅନ୍ୟାନ୍ୟ ସୌଖୀନ ସାମଗ୍ରୀ ପ୍ରସ୍ତୁତ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୧ ଅଗଷ୍ଟ ୧୯୭୬**

- ବିହାରର ବିଶିଷ୍ଟ ଶ୍ରମିକ ନେତା ତଥା ରାଜ୍ୟ ବିଧାନ ପରିଷଦର ସଦସ୍ୟ ଜଗଦୀଶ ନାରାୟଣ ଚୌବେ (କଂଗ୍ରେସ)ଙ୍କ ୫୩ ବର୍ଷ ବୟସରେ ପରଲୋକ।
- ବିହାରର ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକରେ ଓଡ଼ିଆ ମାଧ୍ୟମରେ ଶିକ୍ଷା ପ୍ରଦାନ ପାଇଁ ଐତିହାସିକ ରାଜିନାମା ସ୍ୱାକ୍ଷରିତ।
- ରୋଡେସିଆର ସୈନ୍ୟମାନଙ୍କ ପକ୍ଷରୁ ମୋଜାମ୍ବିକର ଏକ ଶରଣାର୍ଥୀ ଶିବିର ଉପରେ ଆକ୍ରମଣ କରାଯିବାରୁ ଅନ୍ୟୂନ ୭୪୪ ଜଣ ଲୋକ ନିହତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | 3 | 2 | |
| | | 1 | | | | | | |
| 6 | | 3 | | 8 | | 1 | | |
| | 7 | 6 | | 4 | | | | |
| | | 4 | 6 | | 3 | | | 8 |
| | | | | 2 | | | 3 | |
| | | | | | | | | |
| | | 5 | 8 | 1 | 4 | | 9 | |
| | | | 2 | | | | 7 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 1 | 4 | 9 | 3 | 7 | 6 | 2 |
| 2 | 9 | 4 | 6 | 7 | 1 | 8 | 3 | 5 |
| 3 | 7 | 6 | 5 | 8 | 2 | 9 | 4 | 1 |
| 7 | 6 | 2 | 1 | 4 | 8 | 5 | 9 | 3 |
| 4 | 3 | 5 | 9 | 6 | 7 | 2 | 1 | 8 |
| 9 | 1 | 8 | 3 | 2 | 5 | 4 | 7 | 6 |
| 6 | 2 | 9 | 8 | 3 | 4 | 1 | 5 | 7 |
| 1 | 4 | 7 | 2 | 5 | 6 | 3 | 8 | 9 |
| 5 | 8 | 3 | 7 | 1 | 9 | 6 | 2 | 4 |

ଗତକାଲିର ଉତ୍ତର

# କାର୍ଯ୍ୟ କ୍ଷେତ୍ରରେ ଯୌନ ଉତ୍ପୀଡ଼ନ



ପ୍ରଭାତୀ ନାୟକ

ଭାରତୀୟ ଦଣ୍ଡ ସଂହିତାରେ ଯୌନ ଅପରାଧ ବିଷୟବସ୍ତୁକୁ ସ୍ଥାନିତ କରିଥିଲେ ମଧ୍ୟ କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ଉପରେ ସବିଶେଷ ଓ ସ୍ୱତନ୍ତ୍ର ରୂପେ କୌଣସି ଦଣ୍ଡର ଉଲ୍ଲେଖ ନ ଥିଲା। ଏସବୁ ବିଷୟକୁ ନେଇ ସୁପ୍ରିମକୋର୍ଟ ବିଶାଖା ବନାମ ରାଜସ୍ଥାନ ମାମଲାରେ ମହିଳାମାନଙ୍କର ଯୌନ ନିର୍ଯାତନା ଉପରେ ଟିପ୍ପଣୀ ପ୍ରଦାନକରି ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି ଅଭିହିତ କରିଥିଲେ। ଏପରି ଯୌନ ନିର୍ଯାତନା ମହିଳାମାନଙ୍କ ସମାନତା ଓ ମର୍ଯ୍ୟାଦାର ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ଦର୍ଶାଇଥିଲେ। ଏହି ଘଟଣା ଉପରେ ସେହି ସମୟରେ ଏକ ନିର୍ଦ୍ଦେଶାବଳୀ ପ୍ରଣୟନ କରିଥିଲେ, ଯାହାକି ଯୌନ ନିର୍ଯାତନାଗୁଡ଼ିକର ସମାଧାନ ଏବଂ ଏକ ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ପରିବେଶ ପ୍ରଦାନ କରିବା ପାଇଁ ନିଯୁକ୍ତିଦାତାମାନଙ୍କୁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପ୍ରତିଷ୍ଠା କରିବା ବାଧ୍ୟତାମୂଳକ ବୋଲି ଦର୍ଶାଇଥିଲେ। ଏହି ମଧ୍ୟବର୍ତ୍ତିକାଳୀନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ ନ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୁପ୍ରିମକୋର୍ଟ ମଧ୍ୟ ଦର୍ଶାଇଥିଲେ। ୨୦୧୩ ମସିହାରେ ଭାରତୀୟ ସଂସଦ ଏକ ଆଇନ ପ୍ରଣୟନ କରିଥିଲେ, ଯାହାକି କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ ଏବଂ ନିୟମାବଳୀ ୨୦୧୩।

ଏଠାରେ ଉଲ୍ଲେଖଯୋଗ୍ୟ, ଭାରତରେ ନୂତନ ଅପରାଧ ସଂହିତା, ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୩୮ରେ ଉପର ବର୍ଣ୍ଣିତ ଯୌନ ଉତ୍ପୀଡ଼ନ ସମ୍ବନ୍ଧୀୟ ଅପରାଧ ପାଇଁ ଆବଶ୍ୟକ ଦଣ୍ଡ ବିଷୟରେ ବର୍ଣ୍ଣନା କରାଯାଇଛି। ଏସବୁ ଆଇନଗତ ବ୍ୟବସ୍ଥା ସତ୍ତ୍ୱେ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନଜନିତ ଘଟଣା ସବୁ ପରିଲକ୍ଷିତ ହେଉଛି। କାର୍ଯ୍ୟସ୍ଥଳୀରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନ ଅଧିନିୟମ ଓ ନିୟମାବଳୀ ୨୦୧୩ ଅନୁଯାୟୀ ନିଯୁକ୍ତିଦାତାମାନେ କେତେକ ନ୍ୟାୟିକ ପଦକ୍ଷେପ ନେବା ବାଧ୍ୟତାମୂଳକ। ସେଗୁଡ଼ିକ ମଧ୍ୟରୁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବା, ଠିକ୍ ସମୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ନିର୍ଦ୍ଦେଶାବଳୀକୁ ନିୟମ ଅନୁଯାୟୀ କାର୍ଯ୍ୟକାରୀ କରିବା ନିଯୁକ୍ତିଦାତାଙ୍କର ଏକ କର୍ତ୍ତବ୍ୟ। ଏଠାରେ ଜଣାଇଦେବା ଉଚିତ ଯେ, କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନ କହିଲେ ଆଇନ ଅନୁଯାୟୀ ଏକ ଅବାଞ୍ଛିତ କାର୍ଯ୍ୟ ବା ବ୍ୟବହାରକୁ ବୁଝାଏ, ଯଥା- (କ) ଦୈହିକ ସ୍ପର୍ଶ ଓ ଆଗୁସାର, (ଖ) ଯୌନ ଆକାଂକ୍ଷା ପାଇଁ ଦାବି ବା ଅନୁରୋଧ କରିବା, (ଗ) ଯୌନବୋଧକ ମନ୍ତବ୍ୟ ଦେବା, (ଘ) ଅଶ୍ଳୀଳ ଛବି ପ୍ରଦର୍ଶିତ କରିବା, (ଙ) ଅନ୍ୟ ଯେକୌଣସି ଦୈହିକ, ବାଚନିକ ବା ଅବାଞ୍ଛିତ, ଯୌନ ଅର୍ଥବୋଧକ ଆଚରଣ ଜଣେ ମହିଳାଙ୍କ ପ୍ରତି ବା ଉପସ୍ଥିତ କାର୍ଯ୍ୟକ୍ଷେତ୍ରରେ ଯେକୌଣସି ମହିଳା ଓ ମହିଳା ସହକର୍ମୀଙ୍କ ପ୍ରତି ମଧ୍ୟ ବୁଝାଇଥାଏ।

ଯଦି ଉପର ବର୍ଣ୍ଣିତ ଯୌନ ଉତ୍ପୀଡ଼ନର କୌଣସି ମହିଳା ଦୁର୍ଭାଗ୍ୟବଶତଃ ଶିକାର ହୋଇଥାନ୍ତି, ତେବେ ଏହି ଘଟଣା ଘଟିବା ୩ ମାସ ମଧ୍ୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିରେ ନିଜ ଦ୍ୱାରା କିମ୍ବା ନିଜ ସମ୍ପର୍କୀୟଙ୍କ ଦ୍ୱାରା ଲିଖିତ ଅଭିଯୋଗ କରିବାକୁ ହୁଏ। ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଭିଯୋଗଟି ପ୍ରାପ୍ତହେବା ପରେ ପ୍ରଥମେ ଆପୋସ ସମାଧାନ ପାଇଁ ଚେଷ୍ଟା କରିବେ। ଯଦି ତାହା ନ ହୋଇପାରିଲା ତେବେ ସମସ୍ୟାର ତଦନ୍ତ କରିବେ ଓ ତଦନ୍ତର ସମସ୍ତ ଦସ୍ତାବିଜ ନିଯୁକ୍ତିଦାତାଙ୍କୁ ୧୦ ଦିନ ମଧ୍ୟରେ ପ୍ରଦାନ କରିବେ। ଯେଉଁ କର୍ମକ୍ଷେତ୍ରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନ ଥିବ ସେପରି କ୍ଷେତ୍ରରେ ସରକାରଙ୍କ ଦ୍ୱାରା ଗଠନ କରାଯାଇଥିବା ସ୍ଥାନୀୟ କମିଟି ଏହିସବୁ କାର୍ଯ୍ୟକୁ ସମ୍ପାଦନ କରିଥାନ୍ତି। ଉପରୋକ୍ତ ଆଇନରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ, ଆଇନରେ ଥିବା ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟକାରିତା ପାଇଁ କର୍ମ କ୍ଷେତ୍ରରେ ନିଯୁକ୍ତିଦାତା ତାଙ୍କର ସମସ୍ତ କର୍ମଚାରୀଙ୍କୁ ଏବଂ ଅନ୍ୟ ବ୍ୟକ୍ତି ସମୂହ



(ଯେପରିକି କଲେଜ/ସ୍କୁଲର ଛାତ୍ରୀଛାତ୍ର)ଙ୍କୁ ତାଲିମ ପ୍ରଦାନ କରିବା ଓ ସଚେତନ କରାଇବା ଆବଶ୍ୟକ। ଏତଦ୍‌ବ୍ୟତୀତ ଆଭ୍ୟନ୍ତରୀଣ ଅଭିଯୋଗ କମିଟିଗୁଡ଼ିକର କାର୍ଯ୍ୟଦକ୍ଷତା ପାଇଁ ତାଲିମର ବ୍ୟବସ୍ଥା କରିବା, ନିୟମିତ ବୈଠକର ବ୍ୟବସ୍ଥା କରିବା ଓ ଠିକ୍ ସମୟରେ ରିପୋର୍ଟ ପ୍ରସ୍ତୁତ କରିବା ଇତ୍ୟାଦିକୁ ନିଯୁକ୍ତିଦାତା ଧ୍ୟାନଦେବେ।

ସମ୍ପ୍ରତି ବିଭିନ୍ନ ଘଟଣାବଳୀକୁ ଅନୁଧ୍ୟାନକଲେ ଜଣାପଡ଼େ, ଅନେକ ଆଇନକାନୁନର ବ୍ୟବସ୍ଥା ଥିଲେ ମଧ୍ୟ ଏସବୁର ଠିକ୍ କାର୍ଯ୍ୟକାରୀ ନ ହୋଇପାରିବା ଏକ କ୍ଷୋଭର ବିଷୟ। ଯେପରିକି ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ ଓ ନିୟମାବଳୀ-୨୦୧୩ ମସିହାର ଖୋଲା ଉଲ୍ଲଂଘନ। ଏହିସବୁ ଆଇନ ଅନୁଯାୟୀ କାର୍ଯ୍ୟାଳୟ କ୍ଷେତ୍ରଗୁଡ଼ିକରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଗଠନ ଓ ଠିକ୍ ରୂପେ କାର୍ଯ୍ୟକାରୀ କରିବା। ଏହି ଆଭ୍ୟନ୍ତରୀଣ ଅଭିଯୋଗ କମିଟିର କାର୍ଯ୍ୟକ୍ରମ, ଉପାଦେୟତା, କ୍ଷମତା ଓ ସର୍ବୋପରି କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନକୁ କିପରି ନିବାରଣ, ନିଷେଧ ଓ ପ୍ରତିକାର ହୋଇପାରିବ ସେଥିପ୍ରତି ସଚେତନତା ସୃଷ୍ଟିକରିବା ଦିଗରେ ନିଯୁକ୍ତିଦାତା ବିଭିନ୍ନ ପଦକ୍ଷେପ ନେବାରେ ପ୍ରଯତ୍ନ କରିବେ। ଏହି ପ୍ରଚେଷ୍ଟା ଦ୍ୱାରା ଜନସଚେତନତା ସୃଷ୍ଟିକରିବା ସଙ୍ଗେ ସଙ୍ଗେ ଅଧିନିୟମ ଓ ନିୟମାବଳୀର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ବୋଲି ଆଶା। ଜନସଚେତନତା ପାଇଁ କୌଣସି ବିଷୟ ଉପରେ ତର୍କବିର୍ତ୍ତକ ହେବା ଏକ ସ୍ୱାଗତଯୋଗ୍ୟ ଗଣତାନ୍ତ୍ରିକ ପ୍ରତିଫଳନ। ଏହାଦ୍ୱାରା ସାଧାରଣ ଜନତାଙ୍କ ମତ ବିଷୟରେ ପରୋକ୍ଷରେ ବିଧି ତିଆରି କରୁଥିବା ବ୍ୟକ୍ତିବିଶେଷଙ୍କ ନିକଟରେ ପହଞ୍ଚିଥାଏ। କୌଣସି ଦୁଃଖଦାୟକ ଘଟଣା ସଂଘଟିତ ହେବା ପୂର୍ବରୁ ଜନସଚେତନତା ଆବଶ୍ୟକ ଯେତିକି, ପରବର୍ତ୍ତୀ ପଦକ୍ଷେପର ମୂଲ୍ୟ ମଧ୍ୟ କମ୍ ନୁହେଁ। ଏଠାରେ ସୂଚନାଯୋଗ୍ୟ , କଥିତ ଅଧିନିୟମ ଓ ନିୟମାବଳୀରେ ଥିବା ଦଣ୍ଡର ବ୍ୟବସ୍ଥା ସେତେ ମାତ୍ରାରେ କଠୋର ନୁହେଁ। ନିର୍ଯାତିତ ମହିଳା ଯେଉଁ ମାନସିକ ଓ ଶାରୀରିକ ଯନ୍ତ୍ରଣା ଭୋଗ କରିଥାଏ, ତାହାର ଭରଣା ଠିକ୍ ହେଲା ଭଳି ମନେ ହୁଏ ନାହିଁ। ଏହି ଅଧିନିୟମ ଓ ନିୟମାବଳୀ ୨୦୧୩ ଅନୁଯାୟୀ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବା ସ୍ଥାନୀୟ କମିଟି ତାଙ୍କର ନିଷ୍ପତ୍ତି ନିଯୁକ୍ତିଦାତାଙ୍କୁ ଦେଇଥାନ୍ତି। ଏହା ଉପରେ ନିଯୁକ୍ତିଦାତା ସେବା ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରିପାରିବେ। ଅଭିଯୋଗୀ ଅପରାଧମୂଳକ କାର୍ଯ୍ୟ କରିଥିଲେ ମଧ୍ୟ ତାଙ୍କୁ ନିଯୁକ୍ତିଦାତା କୌଣସି ପ୍ରକାରରେ ଆପରାଧିକ ଦଣ୍ଡ ଦେଇପାରିବେ ନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ, ନିଯୁକ୍ତିଦାତା ଚାହିଁଲେ ଅଧିକ ତଦନ୍ତ ନିମନ୍ତେ ପୋଲିସର ହସ୍ତକ୍ଷେପ ଲୋଡ଼ିପାରିବେ ବା ଉତ୍ପୀଡ଼ିତ ମହିଳା ଏସବୁ ନିଷ୍ପତ୍ତିରେ ଅସନ୍ତୁଷ୍ଟ ଥିଲେ ପୋଲିସର ସହାୟତା ନେଇପାରିବେ। ଆମ ଦେଶ ଭାରତ ଆଇନର ଶାସନରେ ଚାଲେ। ବେଳେ ବେଳେ ଆମେ ସମ୍ବେଦନଶୀଳ ହୋଇ ନିଜସ୍ୱ ମତାନୁଯାୟୀ ବେଢ଼ଙ୍ଗ ବା ବିଧିବିହୀନ ଯୁକ୍ତି କରିଥାଉ, ଯାହା ଆଇନସମ୍ମତ ନ ହୋଇପାରେ। ସମସ୍ତେ ଜାଣନ୍ତି ଯେତେ ଆଇନକାନୁନ ଥିଲେ ମଧ୍ୟ ସୁସ୍ଥ ମାନସିକତା ନ ଥିଲେ ସବୁ ଅସାର। ନିଜକୁ ପରିବର୍ତ୍ତନ କରିବାକୁ ପଡ଼ିବ। ନାରୀମାନଙ୍କୁ ସମ୍ମାନର ସହ ବଞ୍ଚିବାକୁ ଦେବାକୁ ହେବ। ନାରୀ ସ୍ୱାଧୀନତା ନାମରେ ନାରୀ ବିଶୃଙ୍ଖଳା ମଧ୍ୟ ଏକ ଅପରିଣାମଦର୍ଶିତାର ପରିଚୟ। ନୈତିକ ଶିକ୍ଷା ଆଜି ଅପରିହାର୍ଯ୍ୟ ହୋଇଯାଇଛି। ଶୃଙ୍ଖଳିତ ଶାସନ ସହ କଠୋର ହେବାର ସମୟ ଆଜି ହୋଇସାରିଛି। ତେଣୁ ଏପରି ସମୟ ନ ଆସୁ ଶାସନ କଳ ଉପରେ ସାଧାରଣ ଜନତାଙ୍କ ଆଶା ଭରସା ତୁଟି ନ ଯାଉ।

**ସାମାଜିକ କର୍ମୀ ଓ ଆଇନଜୀବୀ**
**ମୋ: ୬୩୭୧୭୦୦୫୧୫**

## ଚିରନ୍ତନୀ

ବିରାଟ ବେଦନାର ସ୍ତୁପ ତଳୁଁ ତୋଳି ଯାହା
ସାଇତି ରଖେ ନର
ଜୀବନର କରି ନାହା,
ଯେ ହାସ ପାଇଁ ସେ ଗୋ କୋଟି ପ୍ରାଣେ
ଦିଏ ବ୍ୟଥା
କାଟଇ ଯାହା ଆଶେ
ଅନାୟାସେ କୋଟି ମଥା ।
-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଇ-ଏଫ୍‌ଆଇଆର୍ ଦାଖଲରେ ସମସ୍ୟା

ମହାଶୟ,

ଏତଲା ନ ରଖିଲେ ଥାନାବାବୁ ସସ୍‌ପେଣ୍ଡ ହେବେ ଏବଂ ଅଭିଯୋଗ ଇଏଫ୍‌ଆଇଆର୍ ମାଧ୍ୟମରେ ଦାଖଲ ହେବ ବୋଲି ସରକାରଙ୍କ ଘୋଷଣା ଏକ ଧୂଆଁବାଣରେ ପରିଣତ ହୋଇଛି । ଯେଉଁମାନଙ୍କ ପାଖରେ ସ୍ମାର୍ଟଫୋନ୍, ଲାପ୍‌ଟପ୍, କମ୍ପ୍ୟୁଟର ଇତ୍ୟାଦି ନାହିଁ ସେମାନେ ଇ-ଏଫ୍‌ଆଇଆର୍ ଦାଖଲ କରିବେ କିପରି ? ଯଦି କୌଣସି ଜନସେବା କେନ୍ଦ୍ରରେ ପହଞ୍ଚି ଇ-ଏଫ୍‌ଆଇଆର୍ ଇ-ମେଲ୍ କରିବାକୁ କୁହାଯାଉଛି ସେମାନେ ତତ୍‌କ୍ଷଣାତ୍ ମନାକରୁଛନ୍ତି । ଟଙ୍କା ପଚାଶ/ଷାଠିଏଟା ପାଇଁ ଆମେ ସମ୍ପୃକ୍ତ ଆଇଆଇସି ବାବୁଙ୍କ ରୋଶର ଶିକାର କାହିଁକି ହେବୁ ବୋଲି ଓଲଟା ପ୍ରଶ୍ନ ହେଉଛି । ଏଣୁ ଏହାର ସମାଧାନ କ'ଣ ସରକାର ବୁଝାନ୍ତୁ ।

**-ଦୁର୍ଗାପ୍ରସାଦ ତ୍ରିପାଠୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କେନ୍ଦ୍ର କ୍ୟାବିନେଟ୍‌ରେ ଓଡ଼ିଶା ପାଇଁ କ୍ୟାପିଟାଲ ରିଜନ୍ ରିଂରୋଡ୍ ମଞ୍ଜୁର କରାଯାଇଥିବାରୁ ରାଜ୍ୟ ଅତିଥି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମନ୍ତ୍ରିମଣ୍ଡଳ ସଦସ୍ୟ ଓ ବିଧାୟକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଅର୍ପଣ କରୁଛନ୍ତି।

# ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ପରଲୋକ

**ସମ୍ବଲପୁର,୨୦।୮(ପ୍ରମୋଦ ବହିଦାର)**

ବିଶିଷ୍ଟ ସାହିତ୍ୟିକ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୯୧ବର୍ଷ ହୋଇଥିଲା। ସେ ପ୍ରୋଷ୍ଟେଟ୍ କର୍କଟ ରୋଗରେ ପୀଡ଼ିତ ଥିଲେ। ସକାଳେ ସେ ଗୁରୁତର ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ସ୍ଥାନୀୟ ରାଜଘାଟରେ ଜିଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯିବା ପରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ବିଶ୍ୱଜିତ ପଶାୟତ ମୁଖାଗ୍ନି ଦେଇଥିଲେ। ଅନ୍ତିମ ସଂସ୍କାର ସମୟରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ବିଧାନସଭାର ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀଙ୍କ ସମେତ ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀ, ବହୁ ସାହିତ୍ୟିକ, କଳାକାର, ସାମାଜିକ କର୍ମୀ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



ପଦ୍ମଶ୍ରୀ ବିନୋଦ ପଶାୟତ ବଲାଙ୍ଗୀର ଜିଲା କୁସ୍‌ମେଲ ଗାଁରେ ୧୯୩୫ ଡିସେମ୍ବର ୩ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ଶୈଶବ ବଲାଙ୍ଗୀର ସହର ଟିକ୍ରାପଡ଼ାରେ କଟିଥିଲା। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସ୍କୁଲ ପାଠପଢ଼ା ଛାଡ଼ି ବାପାଙ୍କ ସେଲୁନରେ କାମ କରିବାକୁ ପଡ଼ିଥିଲା। ୧୯ବର୍ଷ ବୟସରେ ସମ୍ବଲପୁର ଆସି ଗୋଲବଜାର ନିକଟ ବୈଦ୍ୟନାଥ ଛକରେ ନିଜର ଏକ ସେଲୁନ ଆରମ୍ଭ କରିଥିଲେ। ହେଲେ ସାହିତ୍ୟ ପ୍ରତି ଥିବା ତାଙ୍କର ରୁଚି ତାଙ୍କୁ ସାରସ୍ୱତ ଦୁନିଆ ଆଡ଼କୁ ବାଟ କଢ଼ାଇ ନେଇଥିଲା। ସମ୍ବଲପୁରୀ ଭାଷା ସାହିତ୍ୟରେ ସେ ଅନେକ ଗୀତ ଓ ନାଟକ ରଚନା କରିଛନ୍ତି। ଆକାଶବାଣୀ ଓ ଦୂରଦର୍ଶନର ସେ ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ଥିଲେ। ୧୯୬୫ରେ ସମ୍ବଲପୁରରେ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା ହେବା ପରେ ସେ ଏଠାରେ ଗୀତିକାର ଭାବରେ ଯୋଗଦେଇଥିଲେ। ଏହାହିଁ ଥିଲା ତାଙ୍କ ପାଇଁ ପରିଚୟ ଓ ପ୍ରସିଦ୍ଧିର ମଞ୍ଚ। 'ହାଏ କୃଷ୍ଣ ହାଏ କୃଷ୍ଣ ବୋଲି ଯାଉ ମୋ ଜୀବନ' ସମ୍ବଲପୁରୀ ଭଜନ ରଚନା ତାଙ୍କର ଖ୍ୟାତିକୁ ଶୀର୍ଷକୁ ନେଇଥିଲା। ତାଙ୍କ ସାମଗ୍ରିକ କଳାକୃତି ପାଇଁ ସେ ବିଭିନ୍ନ ସଙ୍ଗଠନ ଦ୍ୱାରା ସମ୍ମାନିତ ହୋଇଛନ୍ତି। ୨୦୦୮ରେ ସାରଳା ସମ୍ମାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ପଶ୍ଚିମ ଓଡ଼ିଶା ସଂସ୍କୃତି ସମ୍ମାନ, ୨୦୧୦ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଓ ୨୦୨୪ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ ବିନୋଦ ପଶାୟତ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

# ଅନାସ୍ଥା ପୂର୍ବରୁ ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷଙ୍କ ଇସ୍ତଫା

**ଯାଜପୁର/ଧର୍ମଶାଳା,୨୦।୮ (ହର୍ଷବର୍ଦ୍ଧନ ବେହେରା/ବଟକୃଷ୍ଣ ପରିଡ଼ା)**

ଯାଜପୁର ଜିଲା ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ବୁଧବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫା ପତ୍ର ବ୍ଲକ ଉନ୍ନୟନ ଅଧିକାରୀ(ବିଡିଓ)ଙ୍କ ନିକଟରେ ଦାଖଲ କରିଛନ୍ତି। ତାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ପାଇଁ ଭୋଟ ଗ୍ରହଣକୁ ଆଉ ମାତ୍ର ୨ ଦିନ ବାକି ଥିବାବେଳେ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଅଚାନକ ଇସ୍ତଫା ଦେଇଛନ୍ତି। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ(ଜିତୁ)ଙ୍କ ଭାଇ ତଥା ଅଧ୍ୟକ୍ଷ ପ୍ରଭାତ ଲଗାତାର ୨ଥର ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ଥିଲେ।

ସୂଚନାଯୋଗ୍ୟ, ଯାଜପୁରରେ ଜିଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବରଙ୍କ ପାଇଁ ଭୋଟ ଗ୍ରହଣ ୧୬।୨।୨୦୨୨ରୁ ବିଭିନ୍ନ ପର୍ଯ୍ୟାୟରେ ଆରମ୍ଭ ହୋଇଥିଲା। ୨୬।୨।୨୦୨୨ରେ ଭୋଟ ଗଣତି ହୋଇଥିଲା। ସମସ୍ତ ୧୦ ପଞ୍ଚାୟତ ସମିତି ଅଧ୍ୟକ୍ଷା/ଅଧ୍ୟକ୍ଷ ପଦବୀ ପାଇଁ ୧୨।୩।୨୦୨୨ରେ ନିର୍ବାଚନ ହୋଇଥିଲା। ସବୁ ବ୍ଲକରେ ବିଜେଡି ସମର୍ଥକ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ସେଥିମଧ୍ୟରୁ ୬ ବ୍ଲକରେ ନିର୍ଦ୍ୱନ୍ଦ୍ୱରେ ଅଧ୍ୟକ୍ଷା/ଅଧ୍ୟକ୍ଷ ନିର୍ବାଚିତ ହୋଇଥିବାବେଳେ ଅବଶିଷ୍ଟ ୪ ବ୍ଲକରେ ଭୋଟ ଗ୍ରହଣ ହୋଇଥିଲା। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ତେବେ ବରୀ ବ୍ଲକରେ ବିଜେଡି ସମର୍ଥକ ୨ ପ୍ରାର୍ଥୀ ଥିବାରୁ ସେଠାରେ କଡା ଟକ୍କରରେ ନିର୍ବାଚନ ହୋଇଥିଲା।



ପ୍ରଭାତ ବଳବନ୍ତରାୟ

୨୦୨୪ରେ ସାଧାରଣ ନିର୍ବାଚନରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଲଗାତାର ୨ ଥର ବିଜୟୀ ହୋଇଥିବା ଜିତୁଙ୍କୁ ହରାଇ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ(ଲିକୁ) ବିଧାୟକ ଭାବେ ବିଜୟୀ ହୋଇଥିଲେ। ପରେ ବିଧାୟକ ଲିକୁ ଭାଜପାରେ ଯୋଗ ଦେଇଥିଲେ। ସେବେଠାରୁ ଧର୍ମଶାଳା ବ୍ଲକ ଅଞ୍ଚଳରେ ବ୍ଲକ ଅଧ୍ୟକ୍ଷ ଓ ବିଧାୟକଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଥିଲା। ବିକାଶ କାମରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ ସହଯୋଗ କରୁ ନ ଥିବା ବିଧାୟକ ଲିକୁ ଅଭିଯୋଗ କରି ଆସୁଥିଲେ। ଏହି କ୍ରମରେ ଗତ ୧୦ ତାରିଖରେ ୩୮ ଜଣ ସରପଞ୍ଚ ଓ ସମିତି ସଭ୍ୟ ଉପଜିଲାପାଳଙ୍କ ନିକଟରେ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏହି ବ୍ଲକରେ ୪୫ ପଞ୍ଚାୟତ ରହିଥିବାବେଳେ ଅନାସ୍ଥା ପାଇଁ ୪୬ ମ୍ୟାଜିକ ନମ୍ବର ଥିଲା। ତେବେ ଅନାସ୍ଥା ଭୋଟରେ ତାଙ୍କର ପରାଜିତ ହେବାର ଆଶଙ୍କା ଥିବାରୁ ସେ ଏହା ପୂର୍ବରୁ ଇସ୍ତଫା ଦେଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଅଧ୍ୟକ୍ଷ ପ୍ରଭାତ ତାଙ୍କର ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ସମସ୍ତ ପଞ୍ଚାୟତ ପ୍ରତିନିଧି ଓ ସେମାନଙ୍କ ପରିଜନଙ୍କ ସୁରକ୍ଷା ଦୃଷ୍ଟିରୁ ସେ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ପ୍ରତି ଥିବା ଭଲ ପାଇବା ପାଇଁ ସେ ଚିର ଋଣୀ। ଧର୍ମଶାଳାର ବିକାଶ ପାଇଁ ସେ ସ୍ୱର ଉତ୍ତୋଳନ ଜାରି ରଖିବେ ବୋଲି କହିଛନ୍ତି।

# ୪୪ ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ନ ଦେଲେ ରାସ୍ତାକୁ ଓହ୍ଲାଇବୁ: ବିଜେଡି

**ଭୁବନେଶ୍ୱର, ୨୦।୮(ସୁନିତ୍ ମିଶ୍ର)**

ବିଜେଡି ସରକାର ସମୟରେ ରାଜ୍ୟରେ ୫୬ଟି ନୂଆ ଏନ୍‌ଏସି ଘୋଷଣା କରାଯାଇଥିଲା। ସେଥିମଧ୍ୟରୁ କେବଳ ୧୨ଟି ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଦେବା ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତିକୁ ବିଜେଡି କଡ଼ା ସମାଲୋଚନା କରିଛି। ଶଙ୍ଖ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବିଧାୟକ ତଥା ବରିଷ୍ଠ ସାଧାରଣ ସମ୍ପାଦକ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ସରକାର ଏକ ନିରନ୍ତର ପ୍ରକ୍ରିୟା। ପୂର୍ବ ବିଜେଡି ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ବର୍ତ୍ତମାନର ଭାଜପା ସରକାର ରାଜନୈତିକ ଦୃଷ୍ଟିକୋଣରୁ ପଛଘୁଞ୍ଚା ଦେବା ଦୁର୍ଭାଗ୍ୟଜନକ। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଜେଡି ସରକାର ୫୬ଟି ଏନ୍‌ଏସି ଘୋଷଣା କରିଥିଲେ। କିନ୍ତୁ ବର୍ତ୍ତମାନର ଭାଜପା ସରକାର ମାତ୍ର ୧୨ଟି ଅଞ୍ଚଳକୁ ସ୍ୱୀକୃତି ଦେବା ରାଜ୍ୟର ବିକାଶକୁ ପଛକୁ ନେବା ସଦୃଶ। ରାଜ୍ୟ ସରକାର ତୁରନ୍ତ ବାକି ରହିଯାଇଥିବା ୪୪ଟି ଅଞ୍ଚଳକୁ ଏନ୍‌ଏସି ଘୋଷଣା କରନ୍ତୁ, ନଚେତ୍ ବିଜେଡି ଏହା ବିରୋଧରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।




# ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ନବୀନ

**ଭୁବନେଶ୍ୱର, ୨୦।୮(ସୁନିତ୍ ମିଶ୍ର)**

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ୪ ଦିନ ଧରି ଡିହାଇଡ୍ରେଶନ ସମସ୍ୟା ଯୋଗୁ ସ୍ଥାନୀୟ ଘରୋଇ ହସ୍ପିଟାଲ ସମ୍ ଅଲ୍‌ଟିମେଟ୍‌ରେ ସେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେବା ପରେ ତାଙ୍କୁ କ୍ୟାବିନ୍‌କୁ ଶିଫ୍ଟ କରାଯାଇଥିଲା। ତାଙ୍କୁ ଭେଟିବା ଲାଗି ହସ୍ପିଟାଲରେ ରବିବାର ପ୍ରବଳ ଭିଡ଼ ଜମିଥିଲା। ହେଲେ ଏହା ପରେ ଏକ ଭିଡିଓ ବାର୍ତ୍ତା ଜରିଆରେ ଯେଉଁମାନେ ତାଙ୍କୁ ଭେଟିବାକୁ ଚାହୁଁଛନ୍ତି ସେମାନେ ନବୀନ ନିବାସ ଆସିପାରିବେ ବୋଲି କହିଥିଲେ। ଏହାସହ ସେ ସୁସ୍ଥ ହେଉଥିବା ଖବର ଡାକ୍ତରୀ ଟିମ୍ ପକ୍ଷରୁ ଦିଆଯାଇଥିଲା।

## ଅପରାଧ

# ସାନଭାଇ ଟାଙ୍ଗିଆ ଚୋଟରେ ବଡ଼ ମୃତ

**ଚମ୍ପୁଆ,୨୦।୮(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଲି କଲୋନୀ ସାହିରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ନାବାଳକ ସାନଭାଇଙ୍କ ଟାଙ୍ଗିଆ ଚୋଟରେ ବଡ଼ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସାହିର ରାହୁଲ ନାଏକ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନାକୁ ପଠାଇଛି। ପୋଲିସ ବୁଧବାର ନାବାଳକ ସାନଭାଇଙ୍କୁ ବାଳସୁଧାର ଗୃହକୁ ପଠାଇ ଅଧିକ ତଦନ୍ତ କରୁଛି।

# ଲାଞ୍ଚ: ସିବିଆଇ ହାତରେ ଧରାପଡ଼ିଲେ ଏମ୍‌ସିଏଲ୍ ସବ୍ ଏରିଆ ମ୍ୟାନେଜର

**ବ୍ରଜରାଜନଗର, ୨୦।୮ (ବିଜୟ ବରାଡ଼)**

ଲାଞ୍ଚ ନେବାବେଳେ ମହାନଦୀ କୋଲ୍ ଲିଃ କମ୍ପାନୀ(ଏମ୍‌ସିଏଲ୍)ରେ କାର୍ଯ୍ୟରତ ରାମପୁର କ୍ଷେତ୍ର ସବ୍‌ଏରିଆ ମ୍ୟାନେଜର ଅସିତ୍ କୁମାର ସିବିଆଇ ହାତରେ ଧରାପଡିଛନ୍ତି। ସୂଚନା ଅନୁଯାୟୀ, ଏମ୍‌ସିଏଲ୍ ଅଧୀନରେ ରାମପୁରଠାରେ ଖୋଲାଯାଇଥିବା ଡାକ୍ତରଖାନାରେ ୱାର୍ଡବୟ ଭାବେ ରମେଶ କାର୍ଯ୍ୟ କରୁଥିଲେ। କିଛିଦିନ ତଳେ କୌଣସି କାରଣକୁ ନେଇ ରମେଶ ଓ ତାଙ୍କ ଉପରିସ୍ଥ କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରମେଶଙ୍କ ଦୁଇପୁଅ ସମ୍ପୃକ୍ତ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଏଥିଯୋଗୁ ରମେଶଙ୍କୁ ମ୍ୟାନେଜର ଅସିତ୍ କୁମାର ଚାକିରିରୁ ନିଲମ୍ବନ କରିଥିଲେ। ଚାକିରିରେ ପୁନଃ ନିଯୁକ୍ତି ପାଇଁ ରମେଶ ବାବୁରାମ ନାମକ ବ୍ୟକ୍ତିଙ୍କୁ ମଧ୍ୟସ୍ଥ କରି ଅସିତ୍‌କୁମାରଙ୍କ ପାଖକୁ ପଠାଇଥିଲେ। ବାବୁରାମଙ୍କ ମଧ୍ୟସ୍ଥତାରେ ୨୦,୦୦୦ ଟଙ୍କା ନେବା ପାଇଁ ଅସିତ୍ କହିଥିଲେ। କଥା ତୁଟିବା ପରେ ଅସିତ୍ କୁମାର ରମେଶଙ୍କୁ ସୋମବାର ଚାକିରିରେ ପୁନଃ ନିଯୁକ୍ତି ଦେଇଥିଲେ। ହେଲେ ଏ ସମ୍ପର୍କରେ ବାବୁରାମ ସିବିଆଇକୁ ଜଣାଇଥିଲେ। ବୁଧବାର ଅସିତ୍‌ଙ୍କୁ ତାଙ୍କ କାର୍ଯ୍ୟାଳୟରେ ବାବୁରାମ ଟଙ୍କା ଦେବାବେଳେ ପୂର୍ବ ଯୋଜନା ଅନୁଯାୟୀ ସିବିଆଇ ତାଙ୍କୁ କାବୁ କରିଥିଲା।

# ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ, ୭ ଗିରଫ

**ଭେଡେନ,୨୦।୮ (ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଭେଡେନ ଥାନା ଅଞ୍ଚଳରେ ଜଣେ ନାବାଳିକା(୧୭ବର୍ଷ)ଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ପରିବାର ଲୋକଙ୍କ ଏତଲା କ୍ରମେ ସ୍ଥାନୀୟ ପୋଲିସ ବୁଧବାର ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବସନ୍ତ ପଟେଲ(୨୪), ଛବିଳ ମେଲ୍ଲି(୨୩), ଜୀବର୍ଦ୍ଧନ ବେହେରା(୨୪), ପ୍ରକାଶ ପଧାନ(୨୪), ସୁବ୍ରତ ପଧାନ(୨୬), ତୋଷବନ୍ତ ପଧାନ(୨୬) ଏବଂ ପ୍ରଫୁଲ୍ଲ ବେହେରା(୨୬)। ସମସ୍ତ ଅଭିଯୁକ୍ତ ଭେଡେନ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନଙ୍କୁ ସନ୍ଧ୍ୟାରେ ଭେଡେନ ଗ୍ରାମ୍ୟ ନ୍ୟାୟାଳୟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ବରଗଡ଼ କାରାଗାରକୁ ପଠାଇ ଦିଆଯାଇଛି। ଏ ନେଇ ଭେଡେନ ଥାନାରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ଦଫା ୧୨୬(୨), ୨୯୬, ୩୫୧(୨), ଆଇଟି ଆକ୍ଟ ଦଫା ୬୬(ଇ), ୬୭, ୬୭(ଏ), ୬୭(ବି) ଏବଂ ପୋକ୍‌ସୋ ଆକ୍ଟର ଦଫା ୧୨ରେ ଏକ ମାମଲା (ନଂ.୧୮୮/୨୫) ରୁଜୁ ହୋଇଛି।



ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଉଛି।

ସୂଚନା ଅନୁଯାୟୀ, ସମ୍ପୃକ୍ତା ନାବାଳିକା ଏବଂ ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ମାତ୍ର ପରବର୍ତ୍ତୀ ସମୟରେ ସେହି ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏହାପରେ ନାବାଳିକାଙ୍କ ତଥାକଥିତ ପ୍ରେମିକ ପୂର୍ବରୁ ଚତୁରତାର ସହିତ ନେଇଥିବା ନାବାଳିକାଙ୍କ ଅଶ୍ଳୀଳ ଫଟୋକୁ ହ୍ୱାଟ୍ସଆପ୍ ମାଧ୍ୟମରେ ନାବାଳିକାଙ୍କ ଗ୍ରାମର କେତେଜଣ ଯୁବକଙ୍କ ପାଖକୁ ପଠାଇଥିଲେ। ଏହାପରେ ସେହି ଫଟୋ ଆହୁରି ଭାଇରାଲ ହୋଇଥିଲା। ଏହା ଜାଣିବା ପରେ ନାବାଳିକାଙ୍କ ପରିବାର ଲୋକେ ମଙ୍ଗଳବାର ଭେଡେନ ଥାନାକୁ ଆସି ଏତଲା ଦେଇଥିଲେ।

# ଆବାସିକ ସ୍କୁଲରେ ଛାତ୍ରଙ୍କ ମୃତ୍ୟୁ

**ଚମ୍ପୁଆ,୨୦।୮(ମହେଶ୍ୱର ଦାସ)**

**କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ, ହଷ୍ଟେଲ ପରିଚାଳକ ଗିରଫ**

କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ ଏକ ଘରୋଇ ସ୍କୁଲରେ ମଙ୍ଗଳବାର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ପୁଅର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ହଷ୍ଟେଲ ପରିଚାଳକ ବାଳକରାମ କରଙ୍କୁ ଗିରଫ କରି ତଦନ୍ତ କରୁଛି।

ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟ ହଷ୍ଟେଲରେ ରହି ବଲାଣି ଥାନା ଅଧୀନ କଲମୁଣ୍ଡୁଳି ଗ୍ରାମର ବାମିଆ ମୁଣ୍ଡା ଓ ଚାନ୍ଦମଣି ମୁଣ୍ଡାଙ୍କ ୧୧ ବର୍ଷର ପୁଅ ରାଜକୁମାର ମୁଣ୍ଡା ପାଠ ପଢୁଥିଲେ। ମଙ୍ଗଳବାର ରାଜକୁମାରଙ୍କୁ ଜ୍ୱର ହେବାରୁ ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଅଭିଭାବକଙ୍କୁ ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ମାତ୍ର ମଧ୍ୟାହ୍ନରେ ଅଭିଭାବକ ପହଞ୍ଚିବା ପରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରାଜକୁମାରଙ୍କ ମୃତ୍ୟୁ ଘଟିଥିଲା। ରାଜକୁମାରଙ୍କ ବାପା ପିଲାକୁ ଆଗରୁ ଡାକ୍ତରଖାନା ଅଣାଯାଇଥିଲେ ଏପରି ଘଟଣା ଘଟି ନ ଥାଆନ୍ତା ବୋଲି କହିଥିଲେ। ଏଥିସହିତ ଚମ୍ପୁଆ ଥାନାରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ଲିଖିତ ଅଭିଯୋଗ କରିଥିଲେ। ଚମ୍ପୁଆ ପୋଲିସ ଏକ ମାମଲା(ନଂ. ୨୪୮/୨୫) ରୁଜୁ କରି ହଷ୍ଟେଲ ପରିଚାଳକଙ୍କୁ ଗିରଫ କରି ତଦନ୍ତ କରୁଥିବା ଚମ୍ପୁଆ ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଚମ୍ପୁଆରେ ଛତୁ ଫୁଟିଲା ଭଳି ଆବାସିକ ବିଦ୍ୟାଳୟ ଖୋଲୁଥିବା ବେଳେ ସେଗୁଡ଼ିକର ସ୍ୱଚ୍ଛତା ଉପରେ ଶିକ୍ଷା ବିଭାଗର ନଜର ନ ଥିବା ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ଜେଲରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ଅଫିମ ଚାଲାଣ ବେଳେ ଧରାପଡ଼ିଥିଲେ**

**ବ୍ରହ୍ମପୁର/ଖଲ୍ଲିକୋଟ,୨୦।୮ (ସୁବାସ ଚନ୍ଦ୍ର ପାଢ଼ୀ/ ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା କୋଦଳା ସବ୍‌ଜେଲ୍‌ରେ ବୁଧବାର ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ବେଗୁନିଆପଡା ସାନସାହିର ବି. ଲିଙ୍ଗରାଜ ପାତ୍ର (୬୦)। ଲିଙ୍ଗରାଜ ଅଫିମ ଚାଲାଣ କରୁଥିବା ଅଭିଯୋଗରେ ମଙ୍ଗଳବାର ଗିରଫ ହୋଇଥିଲେ। ବୁଧବାର ଜେଲ୍‌ରେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ଜେଲ କର୍ମଚାରୀମାନେ ତାଙ୍କୁ ତୁରନ୍ତ କୋଦଳା ମେଡିକାଲକୁ ନେଇଥିଲେ। ସେଠାରେ ଲିଙ୍ଗରାଜଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କୋଦଳା ଥାନା ପୋଲିସ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଇ ହସ୍ତାନ୍ତର କରିଛି। ଏ ନେଇ ନଂ.୧୧/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଖଲ୍ଲିକୋଟ ଅବକାରୀ ପୋଲିସ ମଙ୍ଗଳବାର ପାଟ୍ରୋଲିଂ କରୁଥିବା ବେଳେ ଚୋରା ଅଫିମ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ବେଗୁନିଆପଡ଼ା ରାସ୍ତାରେ ଛିଡା ହୋଇଥିବା ଲିଙ୍ଗରାଜଙ୍କ ଉପରେ ସନ୍ଦେହ ହେବାରୁ ସେ ଧରିଥିବା ବ୍ୟାଗ ଯାଞ୍ଚ କରାଯାଇଥିଲା। ସେଥିରୁ ୪୫୦ ଗ୍ରାମ ଅଫିମ ମିଳିଥିଲା। ଅବକାରୀ ଟିମ୍ ଉକ୍ତ ଅଫିମ ଜବତ କରିବା ସହ ଲିଙ୍ଗରାଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟ ଚାଲାଣ ପୂର୍ବରୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ଠିକ୍ ଥିବା ଡାକ୍ତର ରିପୋର୍ଟ ଦେଇଥିଲେ ବୋଲି ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା ଅଧିକାରୀ ତେଜସ୍ୱିନୀ ପ୍ରଧାନ କହିଛନ୍ତି। ତେବେ ହଠାତ୍ ଜେଲରେ ତାଙ୍କର ମୃତ୍ୟୁ ଘଟିଥିବା ଖବର ପାଇ ଆମେ ଦୁଃଖିତ ବୋଲି ସେ କହିଛନ୍ତି। ଅନ୍ୟପଟେ ଡାକ୍ତରଖାନା ଆଣିବା ପୂର୍ବରୁ ଲିଙ୍ଗରାଜଙ୍କ ମୃତ୍ୟୁ ହୋଇଥିବା କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରକାଶ କରିଛନ୍ତି।

# କୃଷିଋଣ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ

**ଭିଜିଲାନ୍ସ ଟିମ୍ ଦ୍ୱାରା ପାକ୍ସ ସମ୍ପାଦକ ଗିରଫ, ଲାଞ୍ଚ ଟଙ୍କା ଜବତ**

**ଆଳି,୨୦।୮ (ବନମାଳୀ ସେନାପତି)**

କୃଷିଋଣ କରାଇଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଦ୍ୱାରା ମହୁ ସମବାୟ ସମ୍ପାଦକ ଧୀରେନ୍ଦ୍ର ମହାନ୍ତି ଧରାପଡ଼ିଛନ୍ତି। ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଗିରଫ କରି ଅଧିକ ତଦନ୍ତ ଚଳାଇଛନ୍ତି। ଏହି ଘଟଣା ପରେ ବୁଧବାର ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମ୍ପାଦକ ମହାନ୍ତିଙ୍କ ସାହୁପଡ଼ାସ୍ଥିତ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଥିଲା। ବ୍ୟାଙ୍କ ପାସ୍‌ବୁକ୍, ଏଲ୍‌ଆଇସି ବଣ୍ଡ, ଜମିଜମା ଦଲିଲ ସହିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଭିଜିଲାନ୍ସ ଅଧିକାରୀମାନେ ଜବତ କରିଛନ୍ତି। ତେବେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କେତେ ଆୟ ବହିର୍ଭୂତ ସମ୍ପତ୍ତି ଜବତ ହୋଇଛି ସେ ସଂକ୍ରାନ୍ତରେ ଭିଜିଲାନ୍ସ ପକ୍ଷରୁ କୌଣସି ତଥ୍ୟ ମିଳିନାହିଁ।



ଧୀରେନ୍ଦ୍ର ମହାନ୍ତି

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ୍ ମହୁ ସମବାୟ ସମିତିର ଚାଷୀ ବୀରେନ୍ଦ୍ର କୁମାର ନାଥ ଓ ତାଙ୍କ ବାପାଙ୍କ ନାମରେ ଦେଢ଼ଲକ୍ଷ ଟଙ୍କାର କୃଷିଋଣ କରିବା ପାଇଁ ଆବେଦନ କରିଥିଲେ। ଏଥିପାଇଁ ସେ ସମିତିରେ ଆବଶ୍ୟକ କାଗଜ ପତ୍ର ଦାଖଲ କରିଥିଲେ। ହେଲେ ଏହି ଋଣ ନିମନ୍ତେ ସମିତିର ସମ୍ପାଦକ ମହାନ୍ତି ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ବୀରେନ୍ଦ୍ର କେନ୍ଦ୍ରାପଡ଼ା ଭିଜିଲାନ୍ସ କାର୍ଯ୍ୟାଳୟକୁ ଜଣାଇଥିଲେ। ଭିଜିଲାନ୍ସ ଟିମ୍‌ର ଯୋଜନା ମୁତାବକ ବୁଧବାର ବୀରେନ୍ଦ୍ର ୧୦ହଜାର ଟଙ୍କା ନେଇ ସମ୍ପାଦକ ମହାନ୍ତିଙ୍କୁ ମହୁ ସମବାୟ କାର୍ଯ୍ୟାଳୟରେ ଦେଇଥିଲେ। ହେଲେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା କଟକ ଓ କେନ୍ଦ୍ରାପଡ଼ା ଭିଜିଲାନ୍ସ ଟିମ୍ ଧୀରେନ୍ଦ୍ରଙ୍କୁ କାବୁ କରିନେବା ସହିତ ପ୍ରଲେପ ଦିଆଯାଇଥିବା ଲାଞ୍ଚ ଟଙ୍କାକୁ ଜବତ କରିଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗ କରିଥିବା ଚାଷୀ ବୀରେନ୍ଦ୍ର ଓ ସମ୍ପାଦକ ମହାନ୍ତିଙ୍କୁ କଟକ ଭିଜିଲାନ୍ସ ଏସ୍‌ପିଙ୍କ ନିକଟକୁ ନିଆଯାଇଥିବା ସୂଚନା ମିଳିଛି।

# ଇନ୍‌ଫର୍ମର ସନ୍ଦେହରେ ଆଦିବାସୀ ଯୁବକଙ୍କୁ ହତ୍ୟା

**ମାଲକାନଗିରି, ୨୦।୮ (ଦୁର୍ଯ୍ୟୋଧନ ପାତ୍ର)**

**୫ ଜଣଙ୍କୁ ମୃତ୍ୟୁଦଣ୍ଡ ଧମକ**

ଛତିଶଗଡ କାଙ୍କେର ଜିଲାରେ ମାଓବାଦୀମାନେ ପ୍ରଜାକୋର୍ଟରେ ଜଣେ ଆଦିବାସୀ ଯୁବକଙ୍କୁ ଇନ୍‌ଫର୍ମର ସନ୍ଦେହରେ ହତ୍ୟା କରିଛନ୍ତି। ସେ ହେଲେ ଛୋଟେବେଠିଆ ଥାନା ବିଣାଗୁଣ୍ଡା ଗ୍ରାମର ମନୀଷ ନୁରୁଟି। କେତେଜଣ ସଶସ୍ତ୍ର ମାଓବାଦୀ ମଙ୍ଗଳବାର ରାତିରେ ଆସି ବୈଠକ ଅଛି କହି ମନୀଷଙ୍କୁ ଘରୁ ଉଠାଇ ନେଇଥିଲେ। ପରେ ଗ୍ରାମ ମଝିରେ ଏକ ବୈଠକ କରି ୨ ଜଣ ଆଦିବାସୀ ଯୁବକଙ୍କୁ ମାଡ଼ ମାରିଥିଲେ। ପରେ ମନୀଷଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ପ୍ରଜାକୋର୍ଟରେ ହତ୍ୟା କରିଥିଲେ। ଏଥିସହ କୋଙ୍ଗେ ପଞ୍ଚାୟତ ସରପଞ୍ଚ ରାମଜୀ ଧ୍ରୁର୍ଭା, ବୁଧୁ, ଆଇତୁ ଟୁବା, କୋରେଟି ଧନୀ ଓ ଅର୍ଜୁନ ତାତି ଏହି ୫ଜଣଙ୍କୁ ମୃତ୍ୟୁଦଣ୍ଡ ଧମକ ଦେଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମନୀଷଙ୍କ ମୃତଦେହ ଜବତ କରିବା ସହ ଉକ୍ତ ଅଞ୍ଚଳରେ କୋମ୍ବିଂକୁ ଜୋରଦାର କରାଯାଇଛି। ଅନ୍ୟପକ୍ଷରେ ମାଓବାଦୀଙ୍କ ଏପରି ଘଟଣା ଯୋଗୁ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି।



ମନୀଷ ନୁରୁଟି

## ସଂକ୍ଷେପରେ

### ଲୁଣାନଦୀରେ ବୁଡ଼ି ମହିଳା ମୃତ

**ଡେଲାଙ୍ଗ,୨୦।୮(ରଶ୍ମିରଞ୍ଜନ ପ୍ରଧାନ):** ମୁନିନ୍ଦା ପଞ୍ଚାୟତ ଅନ୍ତର୍ଗତ ଡାକପଡ଼ା ଗ୍ରାମର ଜଣେ ମହିଳା ଲୁଣା ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଡାକପଡ଼ା ଗ୍ରାମର ସସ୍ମିତା ଖଟୋଇ (୪୫)। ତାଙ୍କ ଘର ପଛପଟ ଦେଇ ଲୁଣା ନଦୀ ପ୍ରବାହିତ ହୋଇଥିବା ବେଳେ ମହିଳା ଜଣକ ସନ୍ଧ୍ୟାରେ ନଦୀକୁ ଶୌଚ ହେବାକୁ ଯାଇଥିଲେ। ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ଖୋଜାଖୋଜି କରିବାରେ ମହିଳା ଜଣକ ନଦୀ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାରକରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଡେଲାଙ୍ଗ ପୋଲିସ ପହଞ୍ଚି ମୃତଦେହକୁ ଜବତକରି ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଏନେଇ ପୋଲିସ୍ ୧୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ଶିକ୍ଷକ ପ୍ରଶିକ୍ଷିକାଙ୍କ ଶ୍ରେଣୀ ଶିକ୍ଷାଦାନ ପରିଦର୍ଶନ

**ଡେଲାଙ୍ଗ,୨୦।୮(ରଶ୍ମିରଞ୍ଜନ ପ୍ରଧାନ):** ପୁରୀ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ପ୍ରୀତି ପ୍ରତିମା ସ୍ୱାଗତିକା ପାଲ୍ ବୁଧବାର ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ ଶ୍ରେଣୀ ପରିଦର୍ଶନକରି କୋମଳମତି ଶିଶୁମାନଙ୍କୁ ଶିକ୍ଷାଦାନ ସମ୍ପର୍କରେ ପଚାରି ବୁଝିଛନ୍ତି। ଶ୍ରେଣୀ ପ୍ରକୋଷ୍ଠରେ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା ଓ ରୋଜାଲିନ ମହାରଣାଙ୍କୁ ଶିଶୁ ବାଟିକା ପିଲାମାନଙ୍କୁ ଓ ୧ମରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ବହୁଶ୍ରେଣୀୟ ଶିକ୍ଷାଦାନ, ଉପଯୁକ୍ତ ଶିକ୍ଷଣ କୌଶଳ ଓ ଶିକ୍ଷଣ ସାମଗ୍ରୀର ବ୍ୟବହାର ଉପରେ ମଧ୍ୟ ପରାମର୍ଶ ଦେଇଛନ୍ତି। ଶିକ୍ଷୟିତ୍ରୀଙ୍କ ଉତ୍ତମ ଶ୍ରେଣୀ ପରିଚାଳନା, ଶୃଙ୍ଖଳା ଓ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଖାଇ ସେ ସନ୍ତୋଷଜନକ ଟିପ୍ପଣୀ ଦେଇଛନ୍ତି। ପରିଦର୍ଶନ ସମୟରେ ସିଆର୍‌ସିସି ଲୋକନାଥ ପ୍ରଧାନ ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଟେଲିଫୋନ୍ ଟାୱାରରୁ ଚୋରି

**ଡେଲାଙ୍ଗ,୨୦।୮(ରଶ୍ମିରଞ୍ଜନ ପ୍ରଧାନ):** ଡେଲାଙ୍ଗ କଲ୍ୟାଣପୁର ପଞ୍ଚାୟତର ବାଲିହୁଙ୍କା ଶିଶୁଆପଡ଼ାଠାରେ ଥିବା ଟେଲିଫୋନ ଟାୱାରର ବିଟିଏସ୍ କାର୍ଡ ଚୋରି ହୋଇଥିବା ଜଣାପଡ଼ିଛି। ଟାୱାର କମ୍ପାନୀର କ୍ଷେତ୍ର ପରିଚାଳକ ମୀର ଜାବୀର ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି କେସ୍ ନଂ. ୩୦୧/୨୫ରେ ମାମଲା ରୁଜୁକରି ଡେଲାଙ୍ଗ ପୋଲିସ ତଦନ୍ତ ଚାଲୁ ରଖିଥିବା ନେଇ ଥାନାଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

### କ୍ଲଷ୍ଟରସ୍ତରୀୟ ଆସ ସ୍କୁଲ ଯିବା କମିଟି ବୈଠକ

**ଟାଙ୍ଗୀ,୨୦।୮(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଆସ ସ୍କୁଲ ଯିବା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ମମତା ଦାଶ ସଭାପତିତ୍ୱ କରିଥିବାବେଳେ କୁହୁଡ଼ି, ରତନପୁର ପଞ୍ଚାୟତର ସରପଞ୍ଚ, ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଆଲୁମିନି କମିଟି ସଭାପତି, ଶିକ୍ଷାବିତ, ପରିଚାଳନା କମିଟି ସଭାପତି, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଯୋଗ ଦେଇଥିଲେ। ଗତ ଖରାଛୁଟିରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଘର ଘର ବୁଲି ଅଧାରୁ ପାଠ ଛାଡ଼ିଥିବା, ଆଦୌ ବିଦ୍ୟାଳୟକୁ ଆସି ନ ଥିବା ପିଲାଙ୍କୁ ଚିହ୍ନଟ କରିଥିଲେ।

# ନିମାପଡ଼ାରେ ଖୁବ୍‌ଶୀଘ୍ର ଘରୋଇ ଶୀତଳଭଣ୍ଡାର ନିର୍ମାଣ

**ନିମାପଡ଼ା,୨୦।୮(ବିଚିତ୍ରାନନ୍ଦ ସାହୁ)**

ଓଡ଼ିଶାରେ ପ୍ରଥମ ଥର ପାଇଁ ନିମାପଡ଼ାରେ ୯.୧୨ କୋଟି ଟଙ୍କା ବ୍ୟୟରେ ୨୫୪୦ ମେଟ୍ରିକ ଟନ୍ ବିଶିଷ୍ଟ ପ୍ରାଇଭେଟ୍ ସେକ୍ଟର ଶୀତଳଭଣ୍ଡାର ଖୁବ୍‌ଶୀଘ୍ର ନିର୍ମାଣ ହେବ। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଏକ ସ୍ୱତନ୍ତ୍ର ଯୋଜନାରେ ଶୀତଳଭଣ୍ଡାର ନୀତିରେ ଏହି ପ୍ରାଇଭେଟ୍ ସେକ୍ଟର ଶୀତଳଭଣ୍ଡାର ପ୍ରତିଷ୍ଠା ହେବ। ଏହି ନୂତନ ପ୍ରକଳ୍ପ ନିର୍ମିତ ହେଲେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଚାଷୀ ବହୁଳ ଭାବେ ଉପକୃତ ହେବେ ଓ ଚାଷୀଙ୍କ ମୁହଁରେ ହସ ଫୁଟିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡା ନିମାପଡ଼ାଠାରେ ଏହି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବାବେଳେ ଏହା ନିମାପଡ଼ା ପାଇଁ ଗର୍ବ ଓ ଗୌରବର ବିଷୟ। ରାଜ୍ୟରେ କୃଷି ଓ କୃଷକର



ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ମଞ୍ଚାସୀନ ଅତିଥିବୃନ୍ଦ।

ବିକାଶ ଆମ ସରକାରଙ୍କର ପ୍ରାଥମିକତା ଓ ମୂଳଲକ୍ଷ୍ୟ। ଚାଷ ଓ ଚାଷୀଙ୍କର ବିକାଶ ହେଲେ ରାଜ୍ୟର ବିକାଶ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ସମାରୋହରେ ସମ୍ମାନିତ ଅତିଥି ଭାବେ ଉଦ୍ୟାନ ବିଭାଗର ଡେପୁଟି ଡାଇରେକ୍ଟର ମଞ୍ଜୁଳା ତ୍ରିପାଠୀ, ନିମାପଡ଼ା ଉଦ୍ୟାନ ବିଭାଗ ଅଧିକାରିଣୀ ଶୁଭଶ୍ରୀ କର, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଘରୋଇ ଶୀତଳଭଣ୍ଡାରର ଉଦ୍ୟୋଗୀ ସୋନାଲି ବରାଳ ଓ ବିଷ୍ଣୁ ଚରଣ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମଗ୍ର ଶିକ୍ଷା ଅଭିଯାନ ଯୋଜନାରେ ୮୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିମାପଡ଼ା ବ୍ଲକ ଅଧୀନ ଧଳେଶ୍ୱର ପଞ୍ଚାୟତରେ ବୋଧେଇ ପ୍ରାଥମିକ ବିଦ୍ୟାଳୟ, ସଲଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନହନ୍ତରା ସରକାରୀ ପ୍ରାଥମିକ ବିଦ୍ୟାଳୟ, ଏକମକଣା ସରକାରୀ ପ୍ରାଥମିକ ବିଦ୍ୟାଳୟ, କୋପିନ୍ଦା ପାଟୋଳି ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ, କୋଲହଣା ପ୍ରାଥମିକ ବିଦ୍ୟାଳୟ ଓ ତେରୁଣ୍ଡିଆ ପଞ୍ଚାୟତର କୁରୁକୁଣ୍ଡା ପ୍ରାଥମିକ ବିଦ୍ୟାଳୟ ସମେତ ପ୍ରମୁଖ ୭ଟି ବିଦ୍ୟାଳୟର ନୂତନ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ଧଳେଶ୍ୱର ସରପଞ୍ଚ ସଚ୍ଚିଦାନନ୍ଦ ରାଉତରାୟ, ସମିତି ସଭ୍ୟ ବେବିନା ଜେନା, ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବିଧାୟିକାଙ୍କ ପ୍ରତିନିଧି ଯତୀନ୍ଦ୍ରନାଥ ସ୍ୱାଇଁ, ବରିଷ୍ଠ ଯୁବନେତା ସନ୍ତୋଷ ପରିଡ଼ା, ବିଜୟ ପ୍ରଧାନ, ଭାଜପା ନଗର ସଭାପତି ନିରଞ୍ଜନ ନାୟକଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ।

# କେନାଲରେ ଆସିଲା ପାଣି



**ଅସ୍ତରଙ୍ଗ,୨୦।୮(ମମତା ଜେନା)**

ପୁରୀ ଜିଲା ଅସ୍ତରଙ୍ଗ, କାକଟପୁର, ଚାରିଛକ ଆଦି ଅଞ୍ଚଳରେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଲଘୁଚାପ ବର୍ଷା ଚାଷୀ ମନରେ ଆଶା ସଞ୍ଚାର କରୁଥିବା ବେଳେ ଏହା କିନ୍ତୁ ବେଉଷଣ ପାଇଁ ପର୍ଯ୍ୟାପ୍ତ ନୁହଁ ବୋଲି କେତେଜଣ ଚାଷୀ ପ୍ରକାଶ କରିଛନ୍ତି। କାକଟପୁର ଓ ଅସ୍ତରଙ୍ଗରେ ୮% ଚାଷୀ ରୁଆ ବେଉଷଣ କାର୍ଯ୍ୟ ସାରିଥିବାବେଳେ ଆଉ ଅବଶିଷ୍ଟ ଜମି ପାଣି ଅଭାବରୁ ଶୁଖିଲା ପଡ଼ିଛି। ଆଉ ଯଦି ୧୫ ଦିନ ମଧ୍ୟରେ ଆଶାନୁରୂପ ବର୍ଷା ନ ହୁଏ, ତେବେ ଚାଷକାର୍ଯ୍ୟ ଠପ୍ ହୋଇଯିବ ବୋଲି ଚାଷୀଙ୍କ ଅସନ୍ତୋଷକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଦିଲୀପ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଅନୁଧ୍ୟାନ କରାଯାଇ ଆପଣା ଉଦ୍ୟମରେ କେନାଲରେ ପାଣି ପଡ଼ିଛି। କେନାଲ ପାଣି ଦେଖି ଚାଷୀମୁହଁରେ ହସ ଫୁଟିଲାଣି। କାକଟପୁର ଅଞ୍ଚଳରେ ଅଣଜଳସେଚିତ ଜମିଗୁଡ଼ିକ ବର୍ଷା ଅଭାବରୁ ଚାଷ ହୋଇ ନ ପାରିବା ଯୋଗୁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଅନେକ ଚାଷୀ ଚାଷ ଉପରୁ ମୁହଁ ଫେରାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲିଯାଉଥିବାବେଳେ ଚାଷୀ ପରିବାରଗୁଡ଼ିକ ବର୍ଷ ବର୍ଷ ଧରି ହନ୍ତସନ୍ତ ହେଉଛନ୍ତି। ସରକାର ପରେ ସରକାର ଆସୁଥିଲେ ମଧ୍ୟ ଚାଷୀଙ୍କ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହୋଇପାରୁନାହାନ୍ତି। କେବଳ କୁମ୍ଭୀରକାନ୍ଦଣା କାନ୍ଦିବା ଛଡ଼ା ଏହାର ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଅଲଗା। ଏ ସମ୍ପର୍କରେ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଦିଲୀପ କୁମାର ରାଉତ କହିଛନ୍ତି, ଆମ୍ଭ ବିଭାଗ କୌଣସି ପରିସ୍ଥିତିରେ ବିନା ପ୍ରତିବନ୍ଧକରେ ଚାଷୀଙ୍କୁ ପାଣି ଯୋଗାଇ ଆସୁଥିଲା, ଆଗାମୀ ଦିନରେ ପାଣି ଯୋଗାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ଯଦି ଆପଣମାନଙ୍କ ତରଫରୁ ବା ଚାଷୀଙ୍କ ପକ୍ଷରୁ କିଛି ଅଭିଯୋଗ ଆସେ, ୨୪ ଘଣ୍ଟା ମଧ୍ୟରେ ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ପ୍ରଲମ୍ବାସୁର ବଧ ବେଶରେ ଦର୍ଶନଦେଲେ ବଡ଼ଠାକୁର


ମହାପ୍ରଭୁଙ୍କ ପ୍ରଲମ୍ବାସୁର ବଧ ବେଶ।

**ପୁରୀ,୨୦।୮(ଅଜିତ୍ କୁମାର ମହାନ୍ତି)**

ଭାଦ୍ରବ କୃଷ୍ଣ ଦ୍ୱାଦଶୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ବଡ଼ଠାକୁର ବଳଭଦ୍ର ପ୍ରଲମ୍ବାସୁର ବଧ ବେଶରେ ସୁସଜ୍ଜିତ ହେବା ସହ ପ୍ରଲମ୍ବାସୁର ବଧନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ବଡ଼ଠାକୁର ପ୍ରଲମ୍ବାସୁର ବଧ ବେଶ ହୋଇଥିଲେ। ପ୍ରଲମ୍ବାସୁର କାନ୍ଧରେ ଶ୍ରୀବଳଭଦ୍ର ବସିଥିଲେ। ଗୋଟିଏ ଭୁଜ ପ୍ରଲମ୍ବାସୁରର କାନ୍ଧ ଓ ଅନ୍ୟଟି ବାହୁ ଉପରେ ରହିଥିଲା। ବାମହସ୍ତରେ ବଡ଼ଠାକୁର ଶୋଲନିର୍ମିତ ପଦ୍ମ ଓ ଦକ୍ଷିଣହସ୍ତରେ ଅମୃତ ଲଡ୍ଡୁ ଧାରଣ କରିଥିଲେ। ପ୍ରଲମ୍ବାସୁର ବଧ ବେଶ ଅବସରରେ ଶ୍ରୀଜଗନ୍ନାଥ ଓ ମା' ସୁଭଦ୍ରା ସାଧାରଣ ବେଶରେ ବିରାଜମାନ କରିଥିଲେ। କେବଳ ବଳଭଦ୍ରଙ୍କୁ ପ୍ରଲମ୍ବାସୁର ବଧବେଶରେ ଭୂଷିତ କରାଯାଇଥିଲା। ଏକ ବିରାଟକାୟ କାଷ୍ଠନିର୍ମିତ ପ୍ରଲମ୍ବାସୁର ମୂର୍ତ୍ତି ରତ୍ନସିଂହାସନସ୍ଥ ବଳଭଦ୍ରଙ୍କ ନିମ୍ନଭାଗରେ ସଜା ଯାଇଥିଲା। ସେ ଅସୁରର ସ୍କନ୍ଧ ଏବଂ ଦୁଇ ଭୁଜରେ ବଳଭଦ୍ର ବସିଥିବା ଭଳି ଦୃଶ୍ୟ ଏ ବେଶରୁ ସ୍ପଷ୍ଟ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଦଣ୍ଡାୟମାନ ଅବସ୍ଥାରେ ରହିବା ସହ ବାମହାତରେ ଅମୃତ ଲଡ୍ଡୁ ଓ ଦକ୍ଷିଣ ହସ୍ତରେ ସୁବର୍ଣ୍ଣ ପଦ୍ମ ଧାରଣ କରିଥିଲେ।

## ବଳଙ୍ଗାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ଦାବି

**ବଳଙ୍ଗା,୨୦।୮(କେଦାରେଶ୍ୱର ନନ୍ଦ)**

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି। ବଳଙ୍ଗା ବଜାର ନିମାପଡ଼ା, ପିପିଲି, ସତ୍ୟବାଦୀ ବ୍ଲକର ମଧ୍ୟମସ୍ଥଳ। ଏଠାରେ ସବୁଜ ପନିପରିବା ପ୍ରଚୁର ପରିମାଣରେ ଉତ୍ପାଦନ ହୋଇଥାଏ। ଏହି ବଜାରରୁ ପୁରୀ, ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ଜଟଣୀ, ନିମାପଡ଼ା, କାକଟପୁର ଆଦି ସ୍ଥାନକୁ ନେଇ ବେପାରୀମାନେ ବେପାର କରି ଗୁଜରାଣ ମେଣ୍ଟାଇଥାନ୍ତି। ଭୌଗୋଳିକ ଦୃଷ୍ଟିକୋଣକୁ ଲକ୍ଷ୍ୟ କରାଯାଇ ବଳଙ୍ଗାକୁ ରାଜ୍ୟର ଏକ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରାଗଲେ ୭୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏହାର ସୁଫଳ ପାଇପାରିବେ। ବର୍ତ୍ତମାନ ପୁରୀ ଜିଲାର କୌଣସି ଅଞ୍ଚଳକୁ ଏନ୍‌ଏସି ଘୋଷଣା କରି ନ ଥିବାରୁ ଏହାର ବିଚାରକୁ ନେଇ ବଳଙ୍ଗାକୁ ଏନ୍‌ଏସିର ଆବଶ୍ୟକତା ରହିଛି। ଏ ନେଇ ନିମାପଡ଼ା ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୃଷ୍ଟିଦେବାକୁ ବଳଙ୍ଗା ବଜାର କମିଟି ସଭାପତି ପ୍ରକାଶ କୁମାର ସାହୁ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ସୁଧାଂଶୁ ମୋହନ ଲେଙ୍କା, ପ୍ରେସ୍ କ୍ଲବ ସଭାପତି କେଦାରେଶ୍ୱର ନନ୍ଦ, ସାମାଜିକ କର୍ମୀ ଅଜିତ୍ ଚାନ୍ଦ ଦାସ, କୃପାସିନ୍ଧୁ ଦତ୍ତ, ଶ୍ରୀକର ପ୍ରଧାନ, ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## ଗ୍ରାମାଞ୍ଚଳ ଉନ୍ନତି ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ



ରାଜୀବ ଗାନ୍ଧୀଙ୍କ ଜୟନ୍ତୀରେ ଉପସ୍ଥିତ ଅତିଥିମାନେ।

**ପୁରୀ,୨୦।୮(ଅଜିତ୍ କୁମାର ମହାନ୍ତି)**

ପୁରୀ ଜିଲା କଂଗ୍ରେସ ପକ୍ଷରୁ ଭିଆଇପି ରୋଡ୍ ସ୍ଥିତ ଜିଲା କାର୍ଯ୍ୟାଳୟ ଇନ୍ଦିରା ଭବନ ଠାରେ ବୁଧବାର ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୧ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ପ୍ରକୋଷ୍ଠର ଅଧ୍ୟକ୍ଷ ମାନସ କୁମାର କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ବ୍ୟକ୍ତିଗତ ଜୀବନ ଠାରୁ ଆରମ୍ଭ କରି ରାଜନୈତିକ ନିଷ୍ପତ୍ତି ଯଥା ଗ୍ରାମାଞ୍ଚଳ ଉନ୍ନତି ପାଇଁ ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ କରିଥିଲେ। ପ୍ରଯୁକ୍ତି ବିଦ୍ୟାକ୍ଷେତ୍ରରେ ଭାରତରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସମର୍ଥ ହୋଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଂଯୋଜକ ଇଂ ରାଜେଶ କୁମାର ମିଶ୍ରଙ୍କ ସଂଯୋଜନାରେ ଉତ୍ତମ ଆଚାର୍ଯ୍ୟ, ପୁଷ୍କର ମହାପାତ୍ର, ସୁଜିତ ମହାପାତ୍ର, ପ୍ରେମାନନ୍ଦ ମହାନ୍ତି, ସରସ୍ୱତୀ ପାତ୍ର, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ବିଶ୍ୱନାଥ ଦାଶ, ସୀତାକାନ୍ତ ମହାନ୍ତି, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସୁକାନ୍ତ କୁମାର ପ୍ରଧାନ, ଅମୀୟ ମହାପାତ୍ର, ମିଟୁ ସାମନ୍ତରାୟ, ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କୁକୁଡ଼ାଚାଷ, ବ୍ୟବସାୟିକ ଅଭିବୃଦ୍ଧି ପାଇଁ କର୍ମଶାଳା

**ପିପିଲି,୨୦।୮(ଦୁର୍ଗା ମାଧବ ମିଶ୍ର)**

ସୁବର୍ଣ୍ଣେଶ୍ୱରୀ ପ୍ରାଥମିକ ସମବାୟ ସମିତି ମାଧ୍ୟମରେ କୁକୁଡ଼ା ପାଳନ ଓ ବ୍ୟବସାୟିକ ଅଭିବୃଦ୍ଧି ନିମନ୍ତେ ପିପିଲି ନିକଟ ଶୁଆବରେଇ ଗ୍ରାମରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓପୋଲ୍‌ଫେଡ୍ ସଭାପତି ଭୋଳେଶ୍ୱର ସ୍ୱାଇଁ, ଅତିରିକ୍ତ ନିର୍ଦ୍ଦେଶିକା ଡ. ଦୀପ୍ତି ମହାପାତ୍ର ଯୋଗଦେଇ ଓପୋଲ୍‌ଫେଡ୍‌ର ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସମସ୍ତ କୁକୁଡ଼ା ଚାଷୀଙ୍କୁ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଓପୋଲ୍‌ଫେଡ ପରିଚାଳନା ନିର୍ଦ୍ଦେଶକ ଗିରିଧର ଭୋଇ, ସାଧାରଣ ପରିଚାଳକ ଭକ୍ତହରି ମଲିକ, ପୁରୀ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଶରତ ଚନ୍ଦ୍ର ବେହେରା, ପିପିଲି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଆଲୋକ ରଞ୍ଜନ ମିଶ୍ର, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ସେନାପତି, ପୂର୍ବତନ ପିପିଲି ବ୍ଲକ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଓପୋଲ୍‌ଫେଡ୍ ସହବନ୍ଧିତ ଉକ୍ତ ସମବାୟ ସମିତି ମାଧ୍ୟମରେ କୁକୁଡ଼ା ଚାଷୀମାନଙ୍କୁ ମିଳୁଥିବା ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଓପୋଲ୍‌ଫେଡ୍ ମାର୍କେଟିଂ ମ୍ୟାନେଜର ତାରିଣୀ କୁମାର ସାହୁ ଏହି ସଭାରେ ସଭାପତିତ୍ୱ କରିଥିବା ବେଳେ ଉକ୍ତ ସମବାୟର ସଦସ୍ୟା ସଦସ୍ୟ ଓ ଆଖପାଖ ଅଞ୍ଚଳର କୁକୁଡ଼ା ଚାଷୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏଥିରେ ଯୋଗ ଦେଇଥିବା ସଫଳ ଚାଷୀମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରୋତ୍ସାହନ ରାଶି ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ସୁବର୍ଣ୍ଣେଶ୍ୱରୀ ପ୍ରାଥମିକ କୁକ୍କୁଟ ସମବାୟର ସଭାପତି ସ୍ୱପ୍ନେଶ୍ୱର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦିକା ରଶ୍ମିତା ପଶ୍ଚିମକବାଟ ଧନ୍ୟବାଦ ଦେଇଥିଲେ।

# ନାଲିଫିତା ତଳେ ସୂର୍ଯ୍ୟମନ୍ଦିର ବିକାଶ

**କୋଣାର୍କ,୨୦।୮(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ସୂର୍ଯ୍ୟମନ୍ଦିରର ପାରିପାର୍ଶ୍ୱିକ ବିକାଶରେ ବିଭାଗୀୟ ଉଦାସୀନତା ମନୋଭାବ ନୀତିକୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ପର୍ଯ୍ୟଟକ ପ୍ରେମୀ ନାପସନ୍ଦ କରିଛନ୍ତି। ସୂଚନାଯୋଗ୍ୟ, ସୂର୍ଯ୍ୟମନ୍ଦିରର ପାରିପାର୍ଶ୍ୱିକ ବିକାଶ ପାଇଁ ଗତ ସରକାରଙ୍କ ସମୟରେ ବହୁ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ଏହି କାର୍ଯ୍ୟ ଦାୟିତ୍ୱରେ ଥିବା ଓବିସିସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାଜସ୍ୱ ଓ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ମାଧ୍ୟମରେ ପର୍ଯ୍ୟଟକଙ୍କ ଗାଡ଼ି ପାର୍କିଂ ସ୍ଥାନ ନିରୂପଣ, ବ୍ୟବସାୟୀଙ୍କୁ ଥଇଥାନ, କାର୍ଯ୍ୟସ୍ଥଳରେ ରହି ବ୍ୟବସାୟ କରୁଥିବା ଦୋକାନୀଙ୍କୁ ଉଚ୍ଛେଦକରି ସେମାନଙ୍କୁ କ୍ଷତିପୂରଣ ପ୍ରଦାନ ଓ ଥଇଥାନ କରିବା ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଏହି କାମ ପାଇଁ ଗତ ୨ ବର୍ଷ ମଧ୍ୟରେ ଏକାଧିକ ବାର ଓବିସିସି କର୍ତ୍ତୃପକ୍ଷଙ୍କ ପକ୍ଷରୁ କ୍ଷେତ୍ର ପରିଦର୍ଶନ ସହ କାର୍ଯ୍ୟ ଆରମ୍ଭ କରିବା ପାଇଁ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ବାଣପଦା ଗ୍ରାମ ଠାରେ ଥିବା ସରକାରୀ ଜମିରେ ପାର୍କିଂ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ବିଭାଗୀୟ ଉଦାସୀନତା ମନୋଭାବ ଯୋଗୁ ଏହି କାର୍ଯ୍ୟ ଠପ୍ ହୋଇଯାଇଛି। ପାର୍କିଂ କାର୍ଯ୍ୟରେ ବ୍ୟବହାର ପାଇଁ ଆସିଥିବା ବାଲି କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପଛପଟ ପଡ଼ିଆରେ ଜମା ହୋଇ ଏକ କୃତ୍ରିମ ବାଲିବନ୍ତ ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟ ରାଜ୍ୟ ସରକାରଙ୍କ ନାଲିଫିତା ତଳେ ରହିଯାଇଛି


ପ୍ରାକୃତିକ ବାଲିବନ୍ତ ସୃଷ୍ଟି ହୋଇଛି।

**ବିଭାଗୀୟ ଉଦାସୀନ ନୀତିକୁ ଦାୟୀକଲେ ବୁଦ୍ଧିଜୀବୀ**

ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ମତବ୍ୟକ୍ତ କରିଛନ୍ତି। ସେହିପରି ସୂର୍ଯ୍ୟମନ୍ଦିର ପରିସରରେ ପୂର୍ବରୁ ବ୍ୟବସାୟ କରୁଥିବା ଦୋକାନୀଙ୍କୁ କୋଣାର୍କ ଏନ୍‌ଏସି ପକ୍ଷରୁ ମଙ୍ଗଳା ମନ୍ଦିର ପାର୍ଶ୍ୱରେ ଅସ୍ଥାୟୀ ଭାବେ ଥଇଥାନ କରାଯାଇଛି। ସେହି ବ୍ୟବସାୟୀଙ୍କ ନିମନ୍ତେ ସ୍ଥାୟୀ ଦୋକାନ ଗୃହ ନିର୍ମାଣ ମଧ୍ୟ ସାତସପନ ପାଲଟିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସାମ୍ପ୍ରତିକ ସମୟରେ ଓବିସିସି କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁ ସୂର୍ଯ୍ୟମନ୍ଦିର ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ଏକପ୍ରକାର ତ୍ରିଶଙ୍କୁ ଅବସ୍ଥାରେ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଫଟୋ ରେ ଖବର


ଗଣେଶ ପୂଜା ପାଇଁ କାରିଗରମାନେ ମୂର୍ତ୍ତି ନିର୍ମାଣ କରୁଛନ୍ତି।


ମହାପ୍ରଭୁଙ୍କ ପ୍ରଲମ୍ବାସୁର ବଧ ନୀତି ପାଇଁ ଦୋଳମଣ୍ଡପ ସାହି ଆଖଡ଼ାରୁ ପ୍ରଲମ୍ବାସୁର କୃଷ୍ଣ, ବଳରାମଙ୍କ ସହ ଶ୍ରୀମନ୍ଦିରକୁ ଯାଉଛନ୍ତି।



ଖେଲୋ ଇଣ୍ଡିଆରେ ଭାଗ ନେଇଥିବା ପୁରୀ ଶାହା କଲେଜର କ୍ରୀଡ଼ାବିତ୍‌ଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ୬୦ ଜଣଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ

## ରାଜୀବ ଗାନ୍ଧୀଙ୍କ ୮୧ତମ ଜୟନ୍ତୀ

ଭୁବନେଶ୍ୱର, ୨୦।୮ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ, ରାଜୀବ ଗାନ୍ଧୀ ଷ୍ଟଡ଼ି ସର୍କଲ ଓ ୟାଦି ପକ୍ଷରୁ ରାଜୀବ ଗାନ୍ଧୀଙ୍କ ୮୧ତମ ଜୟନ୍ତୀ ଓ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ ଉତ୍ସବ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ୬୦ ଜଣଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ ପ୍ରଦାନ କରାଯାଇଛି। ଅନୁଷ୍ଠାନର ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଲେ, ଯୁବକମାନେ ହେଉଛନ୍ତି ସମ୍ଭାବନାର ଶକ୍ତି। ରାଜୀବ ଗାନ୍ଧୀ ଭାରତକୁ ଶୋଷଣ ଦୁର୍ନୀତି ଓ ବୈଷମ୍ୟ ମୁକ୍ତ ସମାଜ ଗଠନ କରିବାକୁ ସଂକଳ୍ପ ବଦ୍ଧ ହୋଇଥିଲେ। ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତବର୍ଷକୁ ସର୍ବଶ୍ରେଷ୍ଠ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ରାଜୀବ ଗାନ୍ଧୀଙ୍କ ଉଦ୍ୟମ ଚିର ପ୍ରଶଂସନୀୟ। ଭୋଟ୍ ହେଉଛି ଗଣତନ୍ତ୍ର ପ୍ରକ୍ରିୟାର ବଡ଼ ଅସ୍ତ୍ର। ଆଜିର ଯୁବକମାନେ ମଦ, ମାଂସ ଓ ପ୍ରଲୋଭନ ଦ୍ୱାରା ନିଜ ଅମୋଘ ଅସ୍ତ୍ରକୁ ନଷ୍ଟ ନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ କହିଲେ, ରାଜୀବ ଗାନ୍ଧୀ ତାଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଭାରତ ବର୍ଷ ବିଜ୍ଞାନ ଓ ବୈଷୟିକ ଉନ୍ନତି ପାଇଁ ଯେଉଁ କାର୍ଯ୍ୟ କରିଥିଲେ ତାହା ଆଜି ଭାରତ ବର୍ଷର ଜନସାଧାରଣ ଯୁବକ ଆଜି ଉପଭୋଗ କରୁଛନ୍ତି। ସମ୍ମାନିତ ଅତିଥି ଭାବରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ, ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥାଇ ବି ରାଜସ୍ୱର ୧ ଟଙ୍କାରୁ ୮୦ ପଇସା ବାଟମାରଣା ହେବା ଅତ୍ୟନ୍ତ ଚିନ୍ତାଜନକ କହି ନିଜ ସରକାରଙ୍କୁ ବି ସମାଲୋଚନା କରିବାକୁ ପଛାଇ ନ ଥିଲେ। ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ କହିଲେ, ସର୍ବଧର୍ମ ସମଭାବପନ୍ନ ବିଶ୍ୱାସ କରିବା, ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କୁ ସୁଯୋଗ ଦେବା ଓ କେବିକେକୁ ସ୍ୱତନ୍ତ୍ର ଧ୍ୟାନ ଦେବା ରାଜୀବ ଗାନ୍ଧୀଙ୍କ ଅବଦାନ ଚିରସ୍ମରଣୀୟ। ଅନ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଭାରତୀୟ ବାୟୁସେନାର ପୂର୍ବତନ ଏୟାର ଭାଇସ ମାର୍ଶଲ ମହାରାଜା ମହନ୍ତ, ଖବର କାଗଜ ପର୍ଯ୍ୟବେକ୍ଷକର ଡ. ପବିତ୍ର ମୋହନ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ସଙ୍ଗଠନର ସମ୍ପାଦକ ସାଗର ରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।


ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ପିସିସି ସଭାପତି ଭକ୍ତ ଚରଣ ଦାସ ଜଣଙ୍କୁ 'ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ' ପ୍ରଦାନ କରୁଛନ୍ତି।

# ଡାକ୍ତରୀ ପାଠ ପଢ଼ିବେ ଉଚ୍ଚକାପାଟର ଝିଅ ଲିଜା

ଭୁବନେଶ୍ୱର, ୨୦।୮ (ସୁଚିସ୍ମିତା ସାହୁ)

## କେଜିବିଭିରୁ ମେଡିକାଲ କଲେଜ ଯାତ୍ରା


ଲିଜା ମାଝୀ

ଡାକ୍ତରୀ ପଢ଼ିବି, ଲୋକଙ୍କ ସେବା କରିବି। ଗ୍ରାମାଞ୍ଚଳରେ ରହି ନିଜର ଡାକ୍ତରୀ ପାଠ ପଢ଼ିବାର ସ୍ୱପ୍ନକୁ ସାକାର କରିବାକୁ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି ଅନୁସୂଚିତ ଜନଜାତିର ଝିଅ ଲିଜା ମାଝୀ। ପରିବାରର ଆର୍ଥିକ ପରିସ୍ଥିତି ଏତେ ଭଲ ନାହିଁ। ତଥାପି ନିଜ ଇଚ୍ଛା ପୂରଣ ପାଇଁ ସେ ଆଗେଇ ଆସିଛନ୍ତି। ନିଜ ଅଞ୍ଚଳ, ସମ୍ପ୍ରଦାୟର ଶହ ଶହ ଝିଅଙ୍କ ପାଇଁ ଲିଜା ଉଦାହରଣ ପାଲଟିଛନ୍ତି।

ସମ୍ବଲପୁର ଜିଲା ବାମରା ବ୍ଲକ ଉଚ୍ଚକାପାଟ ଗ୍ରାମରେ ଲିଜାଙ୍କ ଘର। ବାପା ଲଳିତ ମୋହନ ମାଝୀ ଜଣେ କ୍ଷୁଦ୍ର ଚାଷୀ ଏବଂ ମାଆ ପଦ୍ମିନୀ ଗୃହିଣୀ। ବାମରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ନବମ ଓ ଦଶମ ପାଠ ପଢୁଥିବା ବେଳେ ସେ କସ୍ତୁରବା ଗାନ୍ଧୀ ଆବାସିକା ବିଦ୍ୟାଳୟ ହଷ୍ଟେଲ (କେଜିବିଭି)ରେ ରହି ପଢୁଥିଲେ। ସେ ମାଟ୍ରିକ୍‌ରେ ୮୨% ମାର୍କ ରଖିବା ସହ ଭୁବନେଶ୍ୱରସ୍ଥିତ ଓଏଭି (ଆଇକନିକ)ରେ ଯୁକ୍ତ୨ ବିଜ୍ଞାନରେ ୮୧.୬% ମାର୍କ ରଖିଛନ୍ତି। ତେବେ ସେ ଚଳିତବର୍ଷ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍-୨୦୨୫ରେ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି। ସୁନ୍ଦରଗଡ଼ସ୍ଥିତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ତାଙ୍କୁ ପାଠ ପଢ଼ିବାର ସୁଯୋଗ ମିଳିଛି।

ଲିଜାଙ୍କ ସଫଳତା ନେଇ କେଜିବିଭି ବିଦ୍ୟାଳୟ କର୍ତ୍ତୃପକ୍ଷ ଗୌରବ ପ୍ରକାଶ କରି କହିଛନ୍ତି, ତାଙ୍କ କାହାଣୀ କେବଳ ଏକ ବ୍ୟକ୍ତିଗତ ବିଜୟ ନୁହେଁ, ବରଂ ଗ୍ରାମୀଣ ଓଡ଼ିଶାର ଅଗଣିତ ବାଳିକାଙ୍କ ପାଇଁ ଏକ ଆଶାର ପ୍ରତୀକ। କେଜିବିଭିର ଶ୍ରେଣୀଗୃହରୁ ମେଡିକାଲ କଲେଜର କରିଡର ପର୍ଯ୍ୟନ୍ତ ତାଙ୍କର ଯାତ୍ରା ପ୍ରମାଣ କରେ ଯେ ଶିକ୍ଷା ହେଉଛି ସଶକ୍ତୀକରଣର ସବୁଠାରୁ ଶକ୍ତିଶାଳୀ ହତିଆର ବୋଲି ସେ କହିଛନ୍ତି।

# ଶ୍ରୀ ଜୟଦେବ କଲେଜରେ ରକ୍ତଦାନ ଶିବିର

ବାଲିଅନ୍ତା, ୨୦।୮ (ନୀଳମାଧବ ସାହୁ)

ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡ. ଅଶୋକ କୁମାର ମହାପାତ୍ର ଯୋଗଦେଇ ସୁସ୍ଥ ରହିବାକୁ ହେଲେ ଛାତ୍ରୀଛାତ୍ର ନିଜ ଲାଇଫ୍ ଷ୍ଟାଇଲ ବଦଳାଇବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ରୋଗର ପ୍ରଥମ କାରଣ ହେଉଛି ଆଜିର ଲାଇଫ ଷ୍ଟାଇଲ। ତେଣୁ ଠିକ୍ ସମୟରେ ଖାଇବା, ଶୋଇବା ଓ ଠିକ୍ ସମୟରେ ଉଠିବା ପାଇଁ ସେ ଉପଦେଶ ଦେଇଥିଲେ। କଲେଜ ଯୁଥ ରେଡକ୍ରସ ପକ୍ଷରୁ ଆୟୋଜିତ ଏହି ଶିବିରରେ କଟକର ସେଣ୍ଟ୍ରାଲ ରେଡକ୍ରସ ସେଣ୍ଟର କର୍ମକର୍ତ୍ତା ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକମାନେ ରକ୍ତଦାନ କରିଥିଲେ। ଏହି ଅବସରରେ ଏକ ସଭା ଅଧ୍ୟକ୍ଷ ଡ. ଦେବାଶିଷ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡ. ରଞ୍ଜନ କୁମାର ରଥ, ଅଧ୍ୟାପିକା ତପସ୍ୱିନୀ ମହାରଣା ଓ ଡ. ସୁପ୍ରିୟା ଦାସ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀ ଜ୍ୟୋତିପ୍ରିୟା ସାହୁ ସଭା ପରିଚାଳନା କରିଥିଲେ।


ଜୟଦେବ କଲେଜରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଡ. ଅଶୋକ କୁମାର ମହାପାତ୍ରଙ୍କ ସହ ଅନ୍ୟମାନେ।

# 'ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ଆହ୍ୱାନ'


ପ୍ରତିଷ୍ଠା ଉତ୍ସବରେ ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ଅଧିକାରୀ ଅଜୟ ପାରେଖଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୨୦।୮ (ସୌମ୍ୟରଞ୍ଜନ ରାଉତ)

## ବିଶ୍ୱ ହିନ୍ଦୁ ପରିଷଦର ୬୧ତମ ପ୍ରତିଷ୍ଠା ଦିବସ

ବିଶ୍ୱ ହିନ୍ଦୁ ପରିଷଦର ୬୧ତମ ପ୍ରତିଷ୍ଠା ଉତ୍ସବ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ବୁଧବାର ଭୁବନେଶ୍ୱର ମହାନଗର ସଂଗଠନ ପକ୍ଷରୁ ପାଳିତ ହୋଇଯାଇଛି। ସନ୍ଥ ତ୍ରୈଲୋକ୍ୟଶ୍ୱରାନନ୍ଦଙ୍କ ଉପସ୍ଥିତିରେ ପ୍ରାନ୍ତ ଉପସଭାପତି ପବିତ୍ର ମୋହନ ସ୍ୱାଇଁ, ମହାନଗର ସାଂଗଠନିକ ଜିଲା ସଭାପତି ପ୍ରଦୀପ ଚନ୍ଦ୍ର ମହାନ୍ତି ଓ ପରିଷଦର କେନ୍ଦ୍ରୀୟ ଅଧିକାରୀ ଅଜୟ ପାରେଖ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପରିଷଦର କେନ୍ଦ୍ରୀୟ ଅଧିକାରୀ ପାରେଖ କହିଲେ, ପରିଷଦ ଗତ ୬ଦଶକ ଧରି ହିନ୍ଦୁ ସମାଜର ସୁରକ୍ଷା, ସଂସ୍କୃତିର ସଂରକ୍ଷଣ ଓ ସାମାଜିକ ସମରସତା ପାଇଁ ନିରନ୍ତର କାର୍ଯ୍ୟ କରି ଆସୁଛି। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ହିନ୍ଦୁ ସମାଜ ପାଇଁ ଏକ ଆତ୍ମ ଅବଲୋକନର ପ୍ରସଙ୍ଗ। ଅତ୍ୟନ୍ତ ଅସ୍ୱାଭାବିକ ପରିସ୍ଥିତିରେ ସ୍ୱାମୀଜୀ ଦୁର୍ଗମ ଗ୍ରାମାଞ୍ଚଳରେ ନୀରିହ ବନବାସୀମାନଙ୍କୁ ମିଶନାରୀଙ୍କ ଷଡ଼ଯନ୍ତ୍ର କବଳରୁ ବଞ୍ଚେଇ ଏକ ସ୍ୱାଭିମାନ ସମ୍ପନ୍ନ ଜୀବନଯାପନ କରିବାର ରାସ୍ତା ଦେଖେଇ ଗଲେ ତାହା ଅନନ୍ତ କାଳ ପର୍ଯ୍ୟନ୍ତ ସମଗ୍ର ହିନ୍ଦୁ ସମାଜ ପାଇଁ ପଥ ପ୍ରଦର୍ଶକ। ତାଙ୍କ ଜୀବନଦୃଷ୍ଟି, ଆଦର୍ଶ ଓ ତ୍ୟାଗରୁ ପ୍ରେରଣା ନେଇ ସମାଜରେ ସାଂସ୍କୃତିକ ଜାଗରଣ ସୃଷ୍ଟି କରିବାକୁ ସମସ୍ତଙ୍କୁ ଆଗକୁ ଆସିବା ଆବଶ୍ୟକ। ସନ୍ଥ ତ୍ରୈଲୋକ୍ୟଶ୍ୱରାନନ୍ଦ ରାଜ୍ୟରେ ତଥା ଦେଶରେ ହିନ୍ଦୁ ଧର୍ମର ଲୋକଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଯେଉଁ ଆହ୍ୱାନ ସୃଷ୍ଟି ହୋଇଛି ସେ ନେଇ ଚିନ୍ତାବ୍ୟକ୍ତ କରିବା ସହ ଏହାର ସମାଧାନ ପାଇଁ ସମସ୍ତ ହିନ୍ଦୁ ସମାଜ ଆଗକୁ ଆସିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ସଂଗଠନର ପଦାଧିକାରୀମାନେ, ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଓ ମାତୃଶକ୍ତିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ମହାନଗର ଜିଲା ସଭାପତି ପ୍ରଦୀପ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ନିଟ୍ ଟପ୍ପର ହେଲେ ଏସ୍‌ସିବି ଛାତ୍ର ପୁଶନ

କଟକ, ୨୦।୮ (ଶିଳ୍ପା ପ୍ରିୟଦର୍ଶିନୀ)



ଏସ୍‌ସିବି ମେଡିକାଲ କଲେଜ ଛାତ୍ର ଡା. ପୁଶନ ମହାପାତ୍ର ନିଟ୍ ମେଡିକାଲ ପିଜି ପ୍ରବେଶିକା ପରୀକ୍ଷାରେ ଦେଶରେ ଟପ୍ପର ହୋଇଛନ୍ତି। କଟକ କାଳୀଗଳି ଅଞ୍ଚଳର ଜୟକୃଷ୍ଣ ମହାପାତ୍ର ଓ ରଚିତା ମହାପାତ୍ରଙ୍କ ପୁଅ ପୁଶନ। ଷ୍ଟିୱାର୍ଟ ସ୍କୁଲରୁ ଦଶମ ଏବଂ ଏଲ୍‌ଆର ଡିଏଭିରୁ ଯୁକ୍ତଦୁଇ ଶେଷ କରିବା ପରେ ଏସ୍‌ସିବି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ଗତଶିକ୍ଷା ବର୍ଷରେ ତାଙ୍କର ଏମ୍‌ବିବିଏସ୍ ପଢ଼ା ଶେଷ ହୋଇଛି। ଗତବର୍ଷ ଜାନୁଆରୀରୁ ଚଳିତବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ସେ ହାଉସ୍‌ସର୍ଜନ ଭାବେ ଇଣ୍ଟର୍ନଶିପ୍ କରୁଥିଲେ। ମାର୍ଚ୍ଚ ପରଠୁ ସେ ନିଟ୍ ପିଜି ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଳାଇଥିଲେ। ପୁଶନଙ୍କ ଭଉଣୀ ଡା. ଚେତନା ମହାପାତ୍ର ଏସ୍‌ସିବି ମେଡିକାଲ କଲେଜ ଇଏନ୍‌ଟି ବିଭାଗର ପିଜି ଛାତ୍ରୀ। ଭିଣୋଇ ବିଶ୍ୱଜିତ ବାହାଲ ଏଠାରେ ଭେଷଜ ବିଭାଗର ଡାକ୍ତର ଅଟନ୍ତି।

# ଦି ସିଲିଭର୍ସ ବରିଷ୍ଠ ନାଗରିକ ସଂଘର ସ୍ୱର୍ଣ୍ଣକ୍ଷେତ୍ର ଉତ୍ସବ

ଭୁବନେଶ୍ୱର, ୨୦।୮ (ସୌମ୍ୟରଞ୍ଜନ ରାଉତ)

ଦି ସିଲିଭର୍ସ ବରିଷ୍ଠ ନାଗରିକ ସଂଘର ସପ୍ତମ ସ୍ୱର୍ଣ୍ଣକ୍ଷେତ୍ର ଉତ୍ସବ ଚେତ୍‌ନା ସ୍ୱତନ୍ତ୍ର ବିଦ୍ୟାଳୟ ସହିତ ମିଳିତ ଭାବରେ ବୁଧବାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ 'ସୁସ୍ଥ ବାର୍ଦ୍ଧକ୍ୟ: ପରବର୍ତ୍ତୀ ଜୀବନର ଶାରିରୀକ, ମାନସିକ ଏବଂ ଭାବ ପ୍ରବଣ ସୁସ୍ଥତା' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଶ୍ୱାତୀ ମିଶ୍ର, ଚେତନାର ପ୍ରତିଷ୍ଠାତା ପ୍ରଫେସର ଡ. ନାରାୟଣ ଚନ୍ଦ୍ର ପତି, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ମୁଖ୍ୟବକ୍ତା ଭାବେ କମଳା ନେହେରୁ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଗୋପାଳକୃଷ୍ଣ ନନ୍ଦ, ଅଧିବକ୍ତା ଭାବେ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ସଭାପତି ମଧୁମାଧବ ଜେନାଙ୍କ ସହିତ ଦି ସିଲିଭର୍ସର ସଭାପତି ଦେବବ୍ରତ ପଟ୍ଟନାୟକ, ସମ୍ପାଦକ କୈଳାଶ ଚନ୍ଦ୍ର ମିଶ୍ର ଏବଂ ବିଦ୍ୟୁତ ଯନ୍ତ୍ରୀ ଇଂ. ମନୋଜ ଦାସ ଯୋଗଦେଇଥିଲେ। ଅନୁଷ୍ଠାନର ବାର୍ଷିକ ସ୍ମରଣିକା ଉନ୍ମୋଚନ ହେବା ସହ ଗାରିମାମୟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଡ. ମନୋଜ କୁମାର ମହାନ୍ତି, ହାଡିବନ୍ଧୁ ପଟ୍ଟନାୟକ, ଶାଶ୍ୱତ ବରିଷ୍ଠ ନାଗରିକ ସଂଘ ସଭାପତି ବିଜୟ କୁମାର ଦାସ, ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ସମ୍ପାଦକ ଯୁଗଳ କିଶୋରେ ସାହୁ ପ୍ରମୁଖ ଆଲୋଚ୍ୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିନୟ ଭୂଷଣ ମହାପାତ୍ର ପରିଚାଳନା ଓ ଦି ସିଲିଭର୍ସର ଯୁଗ୍ମ ସମ୍ପାଦକ ଅରବିନ୍ଦ ମହାରଣା ଧନ୍ୟବାଦ ଦେଇଥିଲେ।



# ସିଭିଲ ପେନ୍‌ସନ ଆଇନ ପେନ୍‌ସନରଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବ

ଭୁବନେଶ୍ୱର, ୨୦।୮ (ସୁଚିସ୍ମିତା ସାହୁ)

## ଓଡିଶା ଅଡିଟ ଆଣ୍ଡ ଏକାଉଣ୍ଟସ ପେନସନ ଆସୋସିଏଶନ ସାଧାରଣ ପରିଷଦ ବୈଠକ

ଓଡିଶା ଅଡିଟ୍ ଆଣ୍ଡ ଏକାଉଣ୍ଟ୍‌ସ ପେନ୍‌ଶନର ଆସୋସିଏଶନ୍‌ର ବାର୍ଷିକ ସାଧାରଣ ପରିଷଦ ବୈଠକ ବୁଧବାର ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ଘନଶ୍ୟାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଭାତ କୁମାର ସାହୁ ଅତିଥି ଭାବେ ଯୋଗଦେଇ ବିଗତ ବର୍ଷଗୁଡିକର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଓ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ସିଭିଲ ପେନ୍‌ସନ ଆଇନ ପେନ୍‌ସନରଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବା ସହ ସେମାନଙ୍କ ମଧ୍ୟରେ ଅସମାନତା ସୃଷ୍ଟି କରିବ। ଏହି ଆଇନକୁ ପ୍ରତ୍ୟାହାର କରିବାକୁ ଆସୋସିଏଶନ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯିବ। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାରେ ପେନ୍‌ସନରମାନେ ସମ୍ମୁଖୀନ ହେଉଥିବା ଅସୁବିଧାର ତୁରନ୍ତ ସମାଧାନ ପାଇଁ ସ୍ଥାନୀୟ ସିଜିଏଚ୍‌ଏସ କର୍ତ୍ତୃପକ୍ଷ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ସଂଘ ଆଲୋଚନା ଜାରି ରଖିଛି ବୋଲି ସେ କହିଛନ୍ତି। ବିଜୟ କୁମାର ଖଟୁଆ ଗୀତଗୋବିନ୍ଦ ପାଠ କରିଥିଲେ। ବୈଠକରେ ପୂର୍ବତନ ସାଧାରଣ ସମ୍ପାଦକ ଗୋକୁଳି ବାବୁ, ମାୟାଧର ନନ୍ଦ, ପ୍ରଭାକର ମୁନି, ଉତ୍ତମ ଚରଣ ସାହୁ, ଦିଲୀପ ରାଉତ, ସୁଦର୍ଶନ ପଟ୍ଟନାୟକ ପେନସନରଙ୍କ ବିଭିନ୍ନ ସୁବିଧା ଓ ଅସୁବିଧାର ସମାଧାନ ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ। ଉପ ସଭାପତି ବିରଞ୍ଚି ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ। ସଂଘ କୋଷାଧ୍ୟକ୍ଷ ପ୍ରିୟ ନାଥ ସାମଲ, କାର୍ଯ୍ୟକାରୀ କମିଟି ସଦସ୍ୟ ଶ୍ରୀବତ୍ସ ମହାପାତ୍ର, ବିଜୟ ଖଟୁଆ, ସୁରେନ୍ଦ୍ର ନାଥ ନାୟକ, ପଞ୍ଚାନନ ପଣ୍ଡା, ପୁରୁଷୋତ୍ତମ ବଳ ପ୍ରମୁଖ ପରିଚାଳନା କରିଥିଲେ।


ବୈଠକରେ ଆସୋସିଏଶନ ସଭାପତି ଘନଶ୍ୟାମ ପାଣିଗ୍ରାହୀଙ୍କ କର୍ମକର୍ତ୍ତାମାନେ।

# କଳିଙ୍ଗ ସେନା ସଭାପତି ଭାବେ ହେମନ୍ତ ରଥ ପୁନଃ ନିର୍ବାଚିତ

ଭୁବନେଶ୍ୱର, ୨୦।୮ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ଅନ୍ୟତମ ରାଜନୈତିକ ଦଳ କଳିଙ୍ଗ ସେନାର ସଭାପତି ଭାବେ ହେମନ୍ତ ରଥ ବୁଧବାର ପୁନଃ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପସଭାପତି ଭାବେ ଅଧିବକ୍ତା ସବ୍ୟସାଚୀ ମହାପାତ୍ର, ଅବଦୁଲ୍ କୟୁମ୍‌ଖାନ, ଉମାକାନ୍ତ ଜେନା, ହିମାଂଶୁ ନାୟକ, ହେମନ୍ତ ସିଂ, ଅଧିବକ୍ତା ତୁଳସୀ ନାରାୟଣ ଦାସ, ଗୌରାଙ୍ଗ ପ୍ରଧାନ ନିର୍ବାଚିତ ହୋଇଥିବାବେଳେ ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ରାଜ୍, ଇଂ. ମନୋଜ କୁମାର ନାୟକ, ଇଂ. ସ୍ୱାତିଶ୍ ରଞ୍ଜନ ସାହୁ, ଅମୂଲ୍ୟ ନାୟକ, ବରଦାକାନ୍ତ ମହାନ୍ତି, ଇଂ. ରାଧାମୋହନ ପଟ୍ଟନାୟକ, ବିଶ୍ୱଜିତ ପାତ୍ର ଓ ସମ୍ପାଦକ ଭାବେ ସଞ୍ଜୟ କୁମାର ପ୍ରଧାନ, ମୋନାଲିସା ବିଶ୍ୱାଳ, ରିତ ସାମଲ, ମଧୁସୂଦନ ସାହୁ, ଅଶୋକ ସାହୁ, ସରୋଜ ଆଚାର୍ଯ୍ୟ, ସମୀର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଉତ୍କଳ ସାମ୍ବାଦିକ ଭବନଠାରେ ବୁଧବାର ନିର୍ବାଚନ କରାଯାଇଥିଲା। ଖବରଦାତା ପ୍ରଦୋଷ ପଟ୍ଟନାୟକ ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ରହି ସାଙ୍ଗଠନିକ ନିର୍ବାଚନ ପରିଚାଳନା କରିଥିଲେ।



କଳିଙ୍ଗ ସେନାର ସଭାପତି ଭାବେ ହେମନ୍ତ ରଥଙ୍କ ସହ ନିର୍ବାଚିତ ଅନ୍ୟ କର୍ମକର୍ତ୍ତାମାନେ।

# ହାଟସାହି ପୂଜା କମିଟି ମାଟି ଅନୁକୂଳ

ଭୁବନେଶ୍ୱର, ୨୦।୮ (ସୁବାସ ଚନ୍ଦ୍ର ପ୍ରଧାନ)

ହାଟସାହି ଦୁର୍ଗାପୂଜା ସମିତି ପକ୍ଷରୁ ମା'ଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ରାଜେନ୍ଦ୍ର ସମର୍ଥା, ସମ୍ପାଦକ ବିଜେନ୍ଦ୍ର ମହାପାତ୍ରଙ୍କ ସହ କର୍ମକର୍ତ୍ତା ଓ ସଦସ୍ୟମାନେ ଦେବୀ ମଣ୍ଡପଠାରୁ ପୂଜା ସାରି ଘଣ୍ଟ, ଘଣ୍ଟା, ବାଜା ବଜାଇ ଏକ ପଟୁଆରରେ ଦୟାନଦୀ କୂଳରେ ଥିବା ତାରକଶ୍ୱର ମନ୍ଦିର ନିକଟରେ ପୂଜା ହୋମ କରିଥିଲେ। କମିଟିର କର୍ମକର୍ତ୍ତାମାନେ ଦେବୀ ମଣ୍ଡପ ପର୍ଯ୍ୟନ୍ତ ରୋଶଣି କରି ମାଟି ସ୍ଥାପନା କରିଥିଲେ। ଏହି ମାଙ୍ଗଳିକ କାର୍ଯ୍ୟକୁ ସମିତିର ବରିଷ୍ଠ ସଭ୍ୟ ହରିହର ସମର୍ଥା, ନିର୍ମଳ ଦେ, ବେଣୁଧର ସମର୍ଥା, ବାପି ସିଂ, ସଞ୍ଜୟ ସାହୁ, ପ୍ରସନ୍ନ ସିଂ, ସୁବାସ ମହାପାତ୍ର, ସୁକାନ୍ତ ସାହୁ, ସାଧନ ବ୍ରତ ମହାପାତ୍ର, ରାମ ଚନ୍ଦ୍ର ସିଂ, ଶକ୍ତି ସିଦ୍ଧାର୍ଥ ମହାନ୍ତି, କାଳିଆ ମହାରଣା, ସ୍ମୃତି ରଞ୍ଜନ ସମର୍ଥା, ଦୀପୁ ସମର୍ଥା ପ୍ରମୁଖ ପରିଚାଳନା କରିଥିଲେ।


ମାଟି ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଉଛି।

# ନୂଆ ଭୁବନେଶ୍ୱର ପ୍ରକଳ୍ପ ନେଇ ସିଙ୍ଗାପୁର ସଂସ୍ଥାର ଆଲୋଚନା

ଭୁବନେଶ୍ୱର, ୨୦।୮ (ଅନୁରାଧା ମହାରଣା)

ପ୍ରସ୍ତାବିତ ନୂଆ ସହର ରୂପରେଖ ନେଇ ସିଙ୍ଗାପୁରସ୍ଥିତ ଅନ୍ତର୍ଜାତୀୟ ପରାମର୍ଶଦାତା ସଂସ୍ଥା ସୁରବନ ଜୁରଙ୍ଗର ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅବିନାଶ ମିଶ୍ରା ଏବଂ ଆଞ୍ଚଳିକ ନିର୍ଦ୍ଦେଶକ ଅଭିଷେକ ମାଲହୋତ୍ରା ବୁଧବାର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କୁ ସାକ୍ଷାତ୍ କରି ଆଲୋଚନା କରିଛନ୍ତି। ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହର ପ୍ରକଳ୍ପ ଉପରେ ବିଶେଷ ଗୁରୁତ୍ୱ ଦେଇ ସହରାଞ୍ଚଳ ଭିତ୍ତିଭୂମି ଏବଂ ପରିଚାଳିତ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଓଡ଼ିଶା ସରକାର ପ୍ରସ୍ତାବିତ ନୂତନ ସହର ପାଇଁ ପ୍ରାୟ ୩୩୮.୪୩୬ ହେକ୍ଟର ଜମି ଚିହ୍ନଟ କରିଛନ୍ତି। ଏହାକୁ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ଏହି ପ୍ରକଳ୍ପ ଏକ ମଡେଲ ସହର କଳ୍ପନା କରିବା ସହିତ ଏଥିରେ ଜମି ମୂଲ୍ୟକୁ ଉନ୍ନତ କରିବା ଏବଂ ଅନ୍ତର୍ଜାତୀୟ ବ୍ରାଣ୍ଡିଂ ହାସଲ କରିବା ପାଇଁ ଡିଜାଇନ କରାଯାଇଛି। ଏଥିପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବ ଏବଂ ବିକାଶ ପାଇଁ ସର୍ବୋତ୍ତମ ଉପଯୁକ୍ତ ଉତ୍ପାଦ ସୁପାରିସ କରିବା ପାଇଁ ଜେଏଲ୍‌ଏଲ୍‌କୁ ବିଚାରକୁ ନେବ। ଏ ସମ୍ପର୍କରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ସମୟରେ ବିଡିଏ ଏବଂ ଜେଏଲ୍‌ଏଲ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଉଷା ପାଢ଼ୀ କହିଛନ୍ତି, ଭୁବନେଶ୍ୱର ନୂତନ ସହର ପ୍ରକଳ୍ପ ଓଡ଼ିଶା ପାଇଁ ଏକ ବିଶ୍ୱସ୍ତରୀୟ ସହରାଞ୍ଚଳ କେନ୍ଦ୍ର ଗଠନର ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହା ଭବିଷ୍ୟତ ପିଢ଼ି ପାଇଁ ଅନ୍ତର୍ଭୁକ୍ତି, ସ୍ଥାୟିତ୍ୱ ଏବଂ ସ୍ଥିରତାକୁ ପ୍ରତିଫଳିତ କରୁଛି।


ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସହ ସିଙ୍ଗାପୁର ସଂସ୍ଥାର ପ୍ରତିନିଧିମାନେ ଆଲୋଚନା କରୁଛନ୍ତି।

# ପୂଜା ପାଇବେ ୧୫ ଫୁଟର ବୁଦ୍ଧଙ୍କ ଆକୃତି ଗଣେଶ


ବୁଦ୍ଧଙ୍କ ଆକୃତିର ଗଣେଶ ମୂର୍ତ୍ତି ପ୍ରତୀକ।

## ଜଟଣୀ ଗଣେଶ ପୂଜା
■ ଫ୍ରେଣ୍ଡ୍ସ କ୍ଲବ୍ ଗଣେଶ ପୂଜା କମିଟିର ପ୍ରସ୍ତୁତି ଜୋର୍‌ଦାର
■ ଆକର୍ଷଣ ସାଜିବ ଡିଜିଟିଆନ୍ ପ୍ରାସାଦ ତୋରଣ

ଜଟଣୀ,୨୦।୮ (ରବୀନ୍ଦ୍ରନାଥ ମହାକୁଡ଼)

ଆସନ୍ତା ୨୭ ତାରିଖରେ ଗଣେଶ ପୂଜା। ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଆୟୋଜନକୁ ନେଇ ବିଭିନ୍ନ ବ୍ୟବସାୟୀ ସଂଘ ପୂଜା କମିଟି ସହିତ ସାହିବସ୍ତି ଓ କ୍ଲବ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଏହି ପରିପ୍ରେକ୍ଷୀରେ ଜଟଣୀ ରେତଙ୍ଗ କଲୋନୀସ୍ଥ ଫ୍ରେଣ୍ଡ୍ସ କ୍ଲବ ପୂଜା କମିଟି ଜୋରଦାର ପ୍ରସ୍ତୁତି ଚଳାଇଛି। ୧୮ବର୍ଷ ପୂର୍ବେ କେତେଜଣ କଳା ସଂସ୍କୃତି ଓ ଧର୍ମୀୟ ଭାବନା ରଖିଥିବା ଉତ୍ସାହୀ ଯୁବକ ଫ୍ରେଣ୍ଡ୍ସ କ୍ଲବ ଗଠନ କରି ପୂଜା ଆରମ୍ଭ କରିଥିଲେ। ସେତେବେଳେ ୨୦ ହଜାର ଟଙ୍କାରେ ପୂଜା ଆରମ୍ଭ ହୋଇଥିଲା। ଚଳିତବର୍ଷ ପୂଜା ପେଣ୍ଡାଲ, ମଣ୍ଡପ ଓ ମୂର୍ତ୍ତିକୁ ଆକର୍ଷଣୀୟ କରିବା ପାଇଁ ଚଳିତବର୍ଷ ପାଖାପାଖି ୫ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଥ ଖର୍ଚ୍ଚ ହେବା ନେଇ ପୂଜା କମିଟି ସମ୍ପାଦକ ଶୁଭମ୍ ନନ୍ଦ ଆକଳନ କରିଛନ୍ତି। ଏଥର ଆକର୍ଷଣ ରହିବ ଚଣ୍ଡାଶୋକରୁ ଧର୍ମାଶୋକ ହୋଇଥିବା ଅଶୋକ ଏବଂ ଗୌତମ ବୁଦ୍ଧଙ୍କ ଐତିହାସିକ ଗାଥାର ଥିମ୍। ୧୫ ଫୁଟ ଉଚ୍ଚ ଗୌତମ ବୁଦ୍ଧଙ୍କ ଅବତାରରେ ବିଶାଳକାୟ ଗଣେଶ ମୂର୍ତ୍ତି ସହିତ ଡୀଜିଟିଆନ୍ ରାଜରାଜୁଡା ସମୟ ଢାଞ୍ଚାର ଏକ ତୋରଣ ପ୍ରସ୍ତୁତ କରାଯାଉଛି। ରଙ୍ଗ ବେରଙ୍ଗର ଡିଜିଟାଲ ଆଲୋକ ସହିତ ମଣ୍ଡପ ନିକଟରେ ଛୋଟ ପିଲାଙ୍କ ପାଇଁ ଏକ ବୁଦ୍ଧ ପାର୍କ ନିର୍ମାଣ କରାଯାଉଛି। ପ୍ରତିଦିନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କଥାବସ୍ତୁକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ। ମଣ୍ଡପ ଚାରିପଟେ ସିସିଟିଭି ଲାଗିବ। ସନ୍ଧ୍ୟା ଆଳତିପରେ ପ୍ରସାଦ ବଣ୍ଟନ କରାଯିବ। ଭସାଣି ଯାତ୍ରାରେ ପାରମ୍ପରିକ ବାଦ୍ୟ, ନୃତ୍ୟ ପରିବେଷଣ ହେବ।

### ସେମାନେ ଯାହା କୁହନ୍ତି...



" ଅନୁଷ୍ଠାନ ପକ୍ଷରୁ ୧୮ବର୍ଷ ପୂର୍ବେ ପୂଜା ଆରମ୍ଭ ହୋଇଥିଲା। ସେତେବେଳର ଖର୍ଚ୍ଚ ତୁଳନାରେ ବର୍ତ୍ତମାନ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛୁ। ଆମ ମଣ୍ଡପ ନୂତନତ୍ୱ ପାଇଁ ସବୁ ବର୍ଷ ଚର୍ଚ୍ଚାରେ ରହିଥାଏ। ଚଳିତବର୍ଷ ୧୫ ଫୁଟ ଉଚ୍ଚ ବୁଦ୍ଧଦେବଙ୍କ ଆକୃତିର ଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବେ।
- ଜିତେନ୍ଦ୍ର ପତ୍ରି, ସଭାପତି



" ଚଳିତବର୍ଷ ଆମ ଅନୁଷ୍ଠାନ ୧୯ ବର୍ଷରେ ପଦାର୍ପଣ କରିଛି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ପୋଲିସ ସହ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ମଣ୍ଡପ ଅଞ୍ଚଳରେ ସିସିଟିଭି ସ୍ଥାପନ, ଫାଷ୍ଟଏଡ୍ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ର ରହିବ। ପ୍ରତିଦିନ ସନ୍ଧ୍ୟା ଆଳତି ଏବଂ ପ୍ରସାଦ ବଣ୍ଟନ କରାଯିବ।
-ଶୁଭମ୍ ନନ୍ଦ, ସମ୍ପାଦକ

# ସେପ୍ଟେମ୍ବର ୧୫ ସୁଦ୍ଧା ଧାଡ଼ି ଦର୍ଶନ

ପୁରୀ,୨୦।୮ (ଅଜିତ୍ କୁମାର ମହାନ୍ତି)

ଭକ୍ତଙ୍କ ଶୃଙ୍ଖଳିତ ତଥା ସୁଲଭ ଦର୍ଶନ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ସାତପାହାଚ ଠାରୁ ନାଟମଣ୍ଡପରେ ର୍‍ୟାମ୍ପ ସହ ଧାଡ଼ି ଦର୍ଶନ କରିବା ନେଇ ଯୋଜନା କରାଯାଇଛି। ଧାଡ଼ି ଦର୍ଶନ କେବେଠାରୁ କାର୍ଯ୍ୟକାରୀ ହେବ ସେ ନେଇ ସରକାରଙ୍କ ପକ୍ଷରୁ ତାରିଖ ବଦଳିବାରେ ଲାଗିଥିଲା। ପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଶୀତଳଭଣ୍ଡାରକୁ ଚାଲିଯାଇଥିଲା। ମୁଖ୍ୟତଃ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇ ନ ଥିବାରୁ କିଛି ଅନୁମତି କାରଣରୁ ସରକାର ଏନେଇ ଆଉ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ। ଅପରପକ୍ଷରେ ଭୁବନେଶ୍ୱରଠାରେ ର୍‍ୟାମ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଥିଲା। ନିର୍ମାଣକୁ ୮ମାସରୁ ଅଧିକ ସମୟ ବିତିଯାଇଥିବା ବେଳେ ପାଣି, ଖରା ସହ ଅପରିତ୍ୟକ୍ତ ଅବସ୍ଥାରେ ବ୍ୟାରିକେଡ୍ ଓ ର୍‍ୟାମ୍ପ ପଡ଼ିଛି। ଆଇନମନ୍ତ୍ରୀଙ୍କ ସୂଚନା ପରେ ପୁଣି ଧାଡ଼ି ଦର୍ଶନ ନେଇ ନୂଆ ଆଶା ଦେଖାଦେଇଛି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଆସନ୍ତା ସେପ୍ଟେମ୍ବର ୧୫ ସୁଦ୍ଧା ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ଜଗମୋହନରେ ଥିବା ହୁଣ୍ଡି ହଟାଇବା ପାଇଁ ମ୍ୟାନେଜିଂ କମିଟିରେ ସୁପାରିସ ଦରକାର, ତେଣୁ ଖୁବ୍‌ଶୀଘ୍ର ପରିଚାଳନା କମିଟି ଗଠନ କରାଯିବ।

# ଚିକିତ୍ସାଧୀନ ୨ ଶିକ୍ଷକଙ୍କୁ ମିଳିଲା ଆର୍ଥିକ ସହାୟତା

ବେଗୁନିଆ,୨୦।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଦଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିବେକାନନ୍ଦ ମିଶ୍ର ଗତ ଜୁଲାଇ ୮ରେ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସେହିପରି ପ୍ରାଥମିକ ଶିକ୍ଷକ ସଂଘର ଉପଦେଷ୍ଟା ବସନ୍ତ କୁମାର ପ୍ରହରାଜ ଦୀର୍ଘଦିନ ହେବ ଜ୍ୱରରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ବୁଧବାର ସହକାରୀ ଶିକ୍ଷକ ମିଶ୍ର ଏବଂ ପ୍ରହରାଜଙ୍କ ବେଗୁନିଆସ୍ଥିତ ବାସଭବନରେ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ସହିତ ମିଳିତ ଶିକ୍ଷକ ସଂଘର ସଭାପତି ରବୀନ୍ଦ୍ର କୁମାର ମହାପାତ୍ର, ସମ୍ପାଦକ ସରୋଜ କୁମାର ବେହେରା, କୋଷାଧ୍ୟକ୍ଷ ବୀରକିଶୋର ମହାରଣା ପ୍ରମୁଖ ପହଞ୍ଚି ଶିକ୍ଷକ କଲ୍ୟାଣ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଶିକ୍ଷକ ସଂଘର ସଦସ୍ୟ ବସନ୍ତ କୁମାର ଜୟସିଂହ, ରାମଚନ୍ଦ୍ର ଷଣ୍ଢ, ଦାଶରଥି ବେହେରା, ବିଶ୍ୱଜିତ ପଟ୍ଟନାୟକ, ଆଶିଷ କୁମାର ସୁବୁଦ୍ଧି, ଉମାକାନ୍ତ ନାୟକ ଓ ସୂର୍ଯ୍ୟନାରାୟଣ ପଣ୍ଡା ମଧ୍ୟ ଉକ୍ତ ଶିକ୍ଷକ ଦ୍ୱୟଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଥିଲେ।


ଜଣେ ଶିକ୍ଷକଙ୍କୁ ମିଳିତ ଶିକ୍ଷକ ସଂଘ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି।

# ବିଦ୍ୟାଳୟରେ ସ୍କାଉଟ୍ସ, ଗାଇଡ୍ସ ବାଧ୍ୟତାମୂଳକ ହେବ

■ ଜିଲା କ୍ରୀଡ଼ା ସଙ୍ଗଠନ ଓ ସ୍କାଉଟ୍ସ ଗାଇଡ୍ସ ବୈଠକ
■ ବଜେଟ ଅନୁମୋଦିତ, ଯୁଗ୍ମସମ୍ପାଦକ ପ୍ରକାଶ ପଲାଇ ସମ୍ବର୍ଦ୍ଧିତ

ଖୋର୍ଦ୍ଧା,୨୦।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଗାଇଡ୍ସ ଓ କ୍ରୀଡ଼ା ସଂଗଠନର ସାଧାରଣ ବୈଠକ ବୁଧବାର ସ୍ଥାନୀୟ ବିଜେବି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ ଅଧ୍ୟକ୍ଷତା କରିଥିଲେ। ସ୍କାଉଟ୍ସ ଓ ଗାଇଡ୍ସର ଜିଲା ସମ୍ପାଦକ ସୁଧାକର ମହାପାତ୍ର ବାର୍ଷିକ ବିବରଣୀ ପାଠ ସହିତ ବାର୍ଷିକ ବଜେଟ ଉପସ୍ଥାପନ କରିଥିଲେ। ଜିଲାର ପ୍ରତ୍ୟେକ ବିଦ୍ୟାଳୟରେ କ୍ରୀଡ଼ା ସହିତ ବାଧ୍ୟତାମୂଳକ ଭାବେ ସ୍କାଉଟ୍ସ ଓ ଗାଇଡ୍ସ ଶାଖା ଖୋଲିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ୧୮ଟି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ନିମନ୍ତେ ବ୍ୟୟ ଅଟକଳ ଚୂଡ଼ାନ୍ତ ହୋଇଛି। ସ୍କାଉଟ୍ସ ଓ ଗାଇଡ୍ସର ବାର୍ଷିକ ବଜେଟ ଅନୁମୋଦନ କରାଯାଇଥିଲା। ଚଳିତବର୍ଷ ଜିଲା କ୍ୟାମ୍ପୋରି ଓ ରାଜ୍ୟ ପୁରସ୍କାର ପାଇଁ ପ୍ରତିଯୋଗୀ ଚୟନ ବିଜେବି ହାଇସ୍କୁଲରେ କରାଯିବ। ଅବସର ନେଇଥିବା ଜିଲା ସ୍କାଉଟ୍ କମିଶନର ଚିତ୍ତରଞ୍ଜନ ବରାଳଙ୍କୁ ସର୍ବସମ୍ମତିକ୍ରମେ ସାମୂହିକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଜିଲା ସ୍କାଉଟ ଗାଇଡ୍ସ ଯୁଗ୍ମସମ୍ପାଦକ ପ୍ରକାଶ କୁମାର ପଲାଇଙ୍କୁ ରାଜ୍ୟସ୍ତରରେ ଅନୁଷ୍ଠିତ ଜୁହାର ଓ ପ୍ରତିବିମ୍ବ ସମେତ ଅନ୍ୟାନ୍ୟ ପ୍ରତିଯୋଗିତାରେ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦିଲୀପ କୁମାର ମୋଦି, ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁ, ଟାଙ୍ଗୀ ଶିକ୍ଷା ଅଧିକାରୀ ଗୋବିନ୍ଦ ହେମ୍ବ୍ରମ, ବାଲିପାଟଣା ଶିକ୍ଷା ଅଧିକାରୀ ପ୍ରଭାତ କୁମାର ରଥ, ବୋଲଗଡ଼ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ସମେତ ଜିଲା କ୍ରୀଡ଼ା ଅଧିକାରୀ, ସ୍କାଉଟ ଜିଲା କମିଶନର ପ୍ରଭାକର ସାହୁ ଏବଂ ଜିଲା କାର୍ଯ୍ୟକାରୀ କମିଟି ଉଭୟ କ୍ରୀଡ଼ା ଓ ସ୍କାଉଟ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇ କ୍ରୀଡ଼ା ଓ ସ୍କାଉଟ ଗାଇଡ୍‌କୁ ପ୍ରତ୍ୟେକ ବିଦ୍ୟାଳୟରେ ଅଧିକ କ୍ରିୟାଶୀଳ କରିବାପାଇଁ ମତ ଉପସ୍ଥାପନ କରିଥିଲେ। ଗାଇଡ୍ସ କମିଶନର ଜୟନ୍ତୀ ହୋତା ଧନ୍ୟବାଦ ଦେଇଥିଲେ।

# ଏନ୍‌ଏସି ଦାବିରେ ୧୫ରେ ବୋଲଗଡ଼ ବନ୍ଦ


ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟମାନେ।

ବୋଲଗଡ଼,୨୦।୮ (ଦେବବ୍ରତ ହୋତା)

ରାଜ୍ୟ ସରକାର ୧୨ଟି ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ଦେବାକୁ ଘୋଷଣା କରିଥିବା ବେଳେ ବୋଲଗଡ଼ ନାମ ନ ଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ୨୦୦୯ ମସିହାରୁ ବହୁ ଦାବି ଓ ଆନ୍ଦୋଳନ ପରେ ଗତ ବିଜେଡି ସରକାର ସମୟରେ ୨୦୨୪ ମାର୍ଚ୍ଚ ୧୩ରେ ବୋଲଗଡ଼ ଏନଏସି ମାନ୍ୟତା ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା। ତେବେ ସରକାର ପରିବର୍ତ୍ତନ ହୋଇ ବିଜେପି ସରକାର କ୍ଷମତାକୁ ଆସିବାର ଏକବର୍ଷ ପରେ ଘୋଷଣା କରିଥିବା ନୂତନ ତାଲିକାରେ ବୋଲଗଡର ନାମ ନାହିଁ। ଏନେଇ ପୂର୍ବତନ ସମିତିସଭ୍ୟ ତଥା ମହୋତ୍ସବ କମିଟି ସମ୍ପାଦକ ଆଡଭୋକେଟ ବୀର ଦାସଙ୍କ ଆବାହକତ୍ୱରେ ବୁଧବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ଜିଲାପରିଷଦ ସଭ୍ୟାଙ୍କ ପ୍ରତିନିଧି, ସରପଞ୍ଚ ପ୍ରତିନିଧି, ସମିତିସଭ୍ୟାଙ୍କ ପ୍ରତିନିଧି, ବରିଷ୍ଠ ନାଗରିକ ମଞ୍ଚ, ବୋଲଗଡ଼ ଉନ୍ନୟନ ପରିଷଦ, ଓକିଲ ସଂଘ, ପୂଜ୍ୟପୂଜା ସମିତି, ବଣିକ ମହାସଂଘ ସମେତ ଏହି ପଞ୍ଚାୟତ ଅଞ୍ଚଳର ମୁରବିଶ୍ରେଣୀୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ବୋଲଗଡ଼କୁ ଏନ୍‌ଏସି ମାନ୍ୟତା ଦାବିରେ ଆସନ୍ତା ୨୫ତାରିଖ ସୋମବାର ବୋଲଗଡ଼ ବନ୍ଦ ପାଳନ କରାଯିବ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୋଲଗଡ଼ ବିଡିଓଙ୍କୁ ଦାବିପତ୍ର ଦିଆଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଗୋପୀନାଥ ଖାଡଙ୍ଗା, ରଘୁନାଥ ଦଳବେହେରା, ଲଲାଟେନ୍ଦୁ କେଶରୀ ସିଂହ, ହରିହର ସାହୁ, ଦିଲ୍ଲୀପ ଦତ୍ତ, ସନାତନ ପାଢଶାଣୀ, ଶୁଭେନ୍ଦ୍ର ସାହୁ, ଗୌରୀ ଦେବୀ, ଗଦାଧର ଚମ୍ପତି, ଧିରେଶ ମହାପାତ୍ର, ପାଣ୍ଡବ ସାହୁ, ମନୋଜ ପଣ୍ଡା, ବାବୁଲି ପ୍ରଧାନ, ସଂସାରୀ ସାହୁ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ପରଲୋକ

ଟାଙ୍ଗୀ,୨୦।୮ (ରଘୁନାଥ ସାହୁ)

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଟାଙ୍ଗୀ ଶାଖାର ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ତଥା ଚାନ୍ଦପୁର ଶାସ୍ତ୍ରୀନଗର ବାସିନ୍ଦା ବିଶ୍ୱନାଥ ପ୍ରଧାନ (୭୮)ଙ୍କର ବୁଧବାର ସକାଳେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ତାଙ୍କୁ ଚାନ୍ଦପୁର ବସନ୍ତମଞ୍ଜରୀ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଜୀବନ ଦୀପ ଲିଭିଯାଇଥିଲା। ସେ ସରଳ, ପରୋପକାରୀ, ସମାଜିକ କର୍ମୀ ଭାବେ ପରିଚିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠ ପୁତ୍ର ସୂର୍ଯ୍ୟକାନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକ ଯୋଗୁ ଟାଙ୍ଗୀ ଓ ଚାନ୍ଦପୁର ଆଦି ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବୋଲଗଡ଼ ତହସିଲଦାରଙ୍କୁ ସମ୍ବର୍ଦ୍ଧନା



ବୋଲଗଡ ତହସିଲଦାର ବିଜୟ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବୋଲଗଡ଼, ୨୦।୮ (ଦେବବ୍ରତ ହୋତା)

ବୋଲଗଡ ତହସିଲଦାର ବିଜୟ କୁମାର ସେଠୀଙ୍କୁ ବିଭିନ୍ନ ସଂଗଠନ, ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମଙ୍ଗଳବାର ବୋଲଗଡ଼ କାର୍ଯ୍ୟରତ ସାମ୍ବାଦିକ ସଂଘ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରିଛି। ବୋଲଗଡ଼ ଅଞ୍ଚଳର ବିକାଶକୁ ଶୀର୍ଷରେ ପହଞ୍ଚାଇବାକୁ ତହସିଲଦାର ସେଠୀ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟରତ ସାମ୍ବାଦିକ ସଂଘ ସଭାପତି ନିରଞ୍ଜନ ନାୟକ, ସମ୍ପାଦକ ସତ୍ୟନାରାୟଣ ବାରିକ, ସହସମ୍ପାଦକ ନିରଞ୍ଜନ ସେଠୀ, ଉପଦେଷ୍ଟା ଦେବବ୍ରତ ହୋତା, ଦୀପକ ପାହାଡ଼ସିଂ, ପ୍ରଫୁଲ୍ଲ ସିଂହ, କାଶୀ ହୋତା, କାର୍ତ୍ତିକ ସ୍ୱାଇଁ, ସୁଶାନ୍ତ ପ୍ରଧାନ, ହାଡିବନ୍ଧୁ ଲେଙ୍କା, ସଂଜୀବ ସେଠୀ, ସୁରେଶ ସାମନ୍ତରାୟ, ଶିକ୍ଷାବିତ ଗୋପୀନାଥ ଖାଡଙ୍ଗା, ରଘୁନାଥ ଦଳବେହେରା, ସମବାୟବିତ ଲଲାଟେନ୍ଦୁ କେଶରୀ ସିଂହ, ସାମାଜିକକର୍ମୀ ମନୋଜ ପଣ୍ଡା, ପପୁ ମହାପାତ୍ର, ଓକିଲ ସୁଶ୍ରୀ ଗୌରୀ ଦେବୀ, ଅରିଫ୍ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ସେଠୀ ତହସିଲ, ବ୍ଲକ ଓ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର ମୁଖ୍ୟ ଭାବେ ସମସ୍ତ ଦାୟିତ୍ୱ ସୁଚାରୁରୂପେ ତୁଲାଉଛନ୍ତି। ତାଙ୍କ ଉଦ୍ୟମରେ ସ୍ଥାନୀୟ ବୃଦ୍ଧାଶ୍ରମର ୨ଜଣ ଅନ୍ତେବାସୀ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶିକ୍ଷାନୁଷ୍ଠାନକୁ ପଟ୍ଟା ପ୍ରଦାନ, ଜବରଦଖଲ ଉଚ୍ଛେଦ, ଅସହାୟଙ୍କୁ ସରକାରୀ ଯୋଜନାରେ ସହାୟତା, ବିକାଶମୂଳକ କାର୍ଯ୍ୟ ପାଇଁ ସେ ସାଧାରଣରେ ପ୍ରଶଂସିତ ହୋଇପାରିଛନ୍ତି।

# ବେଆଇନ ବାଲି ବୋଝେଇ ହାଇୱା ଓଲଟିଲା

ବାରଙ୍ଗ,୨୦।୮ (ଲିଙ୍ଗରାଜ ରାଉତ)

ବାରଙ୍ଗ ତହସିଲ ଅନ୍ତର୍ଗତ ବେଲଗଛିଆ ଗ୍ରାମ ନିକଟରେ ବୁଧବାର ଏକ ବେଆଇନ ବାଲି ବୋଝେଇ ହାଇୱା ଓଲଟି ପଡିଛି। ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯିବା ସହ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ସୂଚନାଯୋଗ୍ୟ, ଭୋର ସମୟରେ ବେଲଗଛିଆ ଗ୍ରାମପଞ୍ଚାୟତ ଜୟପୁର ନିକଟସ୍ଥ କାଠଯୋଡ଼ି ନଦୀପଠାରୁ ବେଆଇନ ଭାବେ ବାଲି ଉଠାଇ ଏକ ହାଇୱା(ନଂ–ଓଡି ୦୨ଏଜେ୦୫୫୪)ତ୍ରିଶୂଳିଆ ଅଭିମୁଖେ ଆସୁଥିଲା। ହାଇୱାଟି ଦ୍ରୁତ ଗତିରେ ଆସୁଥିବାରୁ ଭାରସାମ୍ୟ ହରାଇ ନଦୀବନ୍ଧ କଡକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# ରଞ୍ଜନ ମହାପାତ୍ରଙ୍କୁ ରାଜୀବ ଗାନ୍ଧୀ ସେବା ସମ୍ମାନ

**ଟାଙ୍ଗୀ,୨୦।୮ (ରଘୁନାଥ ସାହୁ):** ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ୍ସ ଫୋରମ୍ ପକ୍ଷରୁ ଚଳିତବର୍ଷ ପାଇଁ ବିଭିନ୍ନ ମହାବିଦ୍ୟାଳୟର ୧୨ଜଣ ୟୁଥ୍ ରେଡ୍‌କ୍ରସ କାଉନ୍‌ସେଲରଙ୍କୁ ରାଜୀବ ଗାନ୍ଧୀ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୧ତମ ଜନ୍ମତିଥିରେ ଭୁବନେଶ୍ୱର ଜୟଦେବ ଭବନରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଟାଙ୍ଗୀସ୍ଥିତ ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୟୁଥ୍ ରେଡ୍‌କ୍ରସ୍ କାଉନ୍‌ସେଲର ଅଧ୍ୟାପକ ରଞ୍ଜନ କୁମାର ମହାପାତ୍ର ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜୀବ ଗାନ୍ଧୀ ସେବା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ଅଧ୍ୟକ୍ଷ ମହେନ୍ଦ୍ର କୁମାର ପ୍ରଧାନ ଏବଂ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀମାନେ ଶୁଭେଚ୍ଛା ଜଣାଇଛନ୍ତି।



# ଅସରାଏ ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ

## ଗାଡ଼ି ଚଳାଚଳରେ ସମସ୍ୟା

ବାଘମାରି,୨୦।୮ (ମିହିର ରଞ୍ଜନ ମହାପାତ୍ର)

ଅସରାଏ ବର୍ଷାରେ ବାଘମାରି ଢ଼ାବା ଛକ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗାଡ଼ି ଚଳାଚଳରେ ସମସ୍ୟା ସୃଷ୍ଟି ହୋଇଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ମୁତାବକ, ଖୋର୍ଦ୍ଧା – ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ଗତବର୍ଷ ବିଭାଗ ପକ୍ଷରୁ ବହୁ ଅର୍ଥ ବ୍ୟୟ କରାଯାଇଛି। ଏକ ଠିକାସଂସ୍ଥା ଏହାର ଦାୟିତ୍ୱ ତୁଲାଇଥିଲା। ସମ୍ପୃକ୍ତ ଠିକାସଂସ୍ଥାର ମନମୁଖୀ କାର୍ଯ୍ୟ ପାଇଁ ସାରୁଅଠାରୁ ବେଗୁନିଆ ପର୍ଯ୍ୟନ୍ତ ରାସ୍ତାରୁ ପିଚୁ ଉଠି ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଲୋକଙ୍କ ଅଭିଯୋଗ ପରେ ତାଳିପକା କାମ କରାଯାଇଛି। ରାସ୍ତା ପ୍ରଶସ୍ତୀକରଣଠାରୁ ତାଳିପକା ପର୍ଯ୍ୟନ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ସ୍ଥାୟିତ୍ୱ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତାରେ ଦୈନିକ ବହୁ ଯାତ୍ରୀବାହୀ ବସ, ମାଲବାହୀ ଟ୍ରକ, ମିନିଟ୍ରକ, ଟ୍ରାକ୍ଟର, କାର, ବାଇକ ଆଦି ଯାଆସ କରୁଛି। ଜାତୀୟ ରାଜପଥର ବାଘମାରି ଢ଼ାବା ଛକରୁ ବାଘମାରିରୁ –ବେଗୁନିଆ ରାସ୍ତା ଏବଂ ବାଘମାରି – କଣ୍ଟିଲୋ ରାସ୍ତା ସଂଯୋଗ ସ୍ଥଳଟି ଭି–ଶେପ୍ ହୋଇଥିବା ବେଳେ ନିମ୍ନମାନର କାମ ପାଇଁ ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ବୁଧବାର ଅଦିନିଆ ବର୍ଷା ଫଳରେ ପାଣି ଜମି ରହିଛି। ଗାଡ଼ିମୋଟର ଯାଆସ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବର୍ଷା ହେଲେ ଦୁଇଟି ରାସ୍ତାର ମିଶ୍ରଣ ସ୍ଥଳରୁ ପାଣି ନିଷ୍କାସନ ହେବା ଉପରେ ଜାତୀୟ ରାଜପଥ ବିଭାଗର ଦୂରଦୃଷ୍ଟି ଅଭାବରୁ ଏଠାରେ ପାଣି ଜମି ରହି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ବର୍ଷା ସମୟରେ କିଭଳି ପାଣି ନିଷ୍କାସନ ହେବ ତାହାର ବ୍ୟବସ୍ଥା କରିବା ପାଇଁ ଖୋର୍ଦ୍ଧା ଜିଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।


ରାସ୍ତାରେ ଥିବା ଖାଲରେ ବର୍ଷାଜଳ ଜମିରହିଛି।

# ଅମଲାଙ୍କ ଆନ୍ଦୋଳନ ଜାରି: ଲୋକେ ହଇରାଣ

ଖୋର୍ଦ୍ଧା,୨୦।୮ (ପ୍ରଭାତ ପାଣିଗ୍ରାହୀ)

ରାଜ୍ୟ ଅମଲା ସଂଘର ଆହ୍ୱାନ କ୍ରମେ ୧୦ ଦଫା ଦାବିରେ ଖୋର୍ଦ୍ଧା ଜିଲା ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛି। ବୁଧବାର ଏହି ଆନ୍ଦୋଳନ ଦଶମ ଦିନରେ ପହଞ୍ଚିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଓ ୧୦ଟି ବ୍ଲକ କାର୍ଯ୍ୟାଳୟ ପରିସରରେ ଅମଲାମାନେ ଧାରଣା ଦେଇଛନ୍ତି। ଏଥିଯୋଗୁ ଜନସାଧାରଣ ହଇରାଣ ହେଉଛନ୍ତି। ଜିଲାପାଳ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ ଅଫିସକୁ ବିଭିନ୍ନ କାମରେ ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି।

ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତିରୁପତି ବାଲାଜୀ ସାହୁ, କାର୍ଯ୍ୟ ପରିଷଦ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ ଏବଂ ରାଜ୍ୟ ସଂଘର ପ୍ରତିନିଧି ଖୋର୍ଦ୍ଧା ଜିଲାର ଦୁଇ ଉପବିଭାଜନ ଖୋର୍ଦ୍ଧା ଓ ଭୁବନେଶ୍ୱର ଧାରଣାସ୍ଥଳରେ ଯୋଗ ଦେଇଥିଲେ। ଖୋର୍ଦ୍ଧା ଜିଲା ଶାଖା ସମ୍ପାଦକ ଅରୁଣ କୁମାର ମୁଦୁଲି, ସାଂଗଠନିକ ସମ୍ପାଦକ ରଶ୍ମିରଞ୍ଜନ ରାଉତରାୟ, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ମହାପାତ୍ର, ଉପସଭାପତି ଅନୁପମା ପାତ୍ର, କାର୍ଯ୍ୟପରିଷଦ ଅଧ୍ୟକ୍ଷ କୁଳଦୀପ ପାଲଟାସିଂହ, ମୁଖ୍ୟ ଉପଦେଷ୍ଟା ବ୍ରଜକିଶୋର ମହାପାତ୍ର, ଉପଦେଷ୍ଟା ସନ୍ତୋଷ କୁମାର ନିଶଙ୍କ ପ୍ରମୁଖ ଅମଲାମାନଙ୍କ ସହ ଆନ୍ଦୋଳନର ରୂପରେଖ ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ କଡ଼ା ତାଗିଦ ସତ୍ତ୍ୱେ ସଂଘ ଜିଦରେ ଅଟଳ ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଜିଲା ସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି।

ଜିଲା ସଂଘର ସାଂଗଠନିକ ସମ୍ପାଦକ ରଶ୍ମିରଞ୍ଜନ ରାଉତରାୟ କହିଛନ୍ତି, ସରକାର ଅମଲାଙ୍କ ପ୍ରତି ବୈମାତୃକ ମନୋଭାବ ଓ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଦାବି ସମ୍ବନ୍ଧୀୟ ଆଲୋଚନା ପାଇଁ ସରକାର ଡାକିନାହାନ୍ତି କିମ୍ବା ଦାବି ପୂରଣ ଦିଗରେ ପଦକ୍ଷେପ ନେଇନାହାନ୍ତି। ଆନ୍ଦୋଳନ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଆମେ ଦୁଃଖିତ। ୨୦୧୭ ମସିହାରୁ ନ୍ୟାର୍ଯ୍ୟ ଦାବି ସରକାରଙ୍କ ପାଖେ ଉପସ୍ଥାପନ କରିଆସୁଛୁ। ବହୁବାର ଆନ୍ଦୋଳନକୁ ଓହ୍ଲାଇଛୁ। ସରକାର କେବଳ ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଛନ୍ତି। ସେହିପରି ଅମଲା ସଂଘର କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ମହାପାତ୍ର କହିଛନ୍ତି, ୧୦ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ବରିଷ୍ଠ ରାଜସ୍ୱ ନୀରିକ୍ଷକ ସୁପ୍ରଭା ପଟ୍ଟନାୟକ କହିଛନ୍ତି, ଅମଲାମାନେ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥାନ୍ତି। ତେବେ ସରକାର ସେମାନଙ୍କୁ ଅଣଦେଖା କରୁଛନ୍ତି। ଏହାର ପ୍ରତିବାଦରେ ଜୁଲାଇ ୭ରେ ରାଜସ୍ୱ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଥିଲେ। ୯ ତାରିଖରେ ରାଜସ୍ୱ ମନ୍ତ୍ରୀଙ୍କ ସହ ଏକ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ସରକାର ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଆନ୍ଦୋଳନ ଚାଲିଛି।



ଆନ୍ଦୋଳନରେ ସାମିଲ ହୋଇଥିବା ଅମଲାମାନେ।

**ପ୍ରଫେସର ରାଧାନାଥ ରଥଙ୍କ ତୈଳଚିତ୍ର ଉନ୍ମୋଚିତ**

କଟକ,(କାର୍ତ୍ତିକ ସାହୁ): ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ତଥା ମନସ୍ତତ୍ତ୍ୱବିତ୍ ପ୍ରଫେସର ରାଧାନାଥ ରଥଙ୍କ ତୈଳଚିତ୍ର ଶ୍ରୀରାମଚନ୍ଦ୍ର ଭବନଠାରେ ବୁଧବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ପ୍ରଫେସର ରଥ ପରିଣତ ବୟସରେ ସାହିତ୍ୟ ରଚନା କରିବା ଆରମ୍ଭ କରିଥିଲେ ମଧ୍ୟ ସମକାଳୀନ ସମାଜ, ଜୀବନ ଓ ସମସ୍ୟାକୁ ବେଶ୍ ମାର୍ମିକ ଭାବେ ନିଜ କୃତିରେ ବର୍ଣ୍ଣନା କରିବାରେ ସଫଳ ହୋଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ଅଜିତ୍ କୁମାର ମହାନ୍ତି, ସମ୍ମାନିତ ଅତିଥି ପ୍ରଫେସର ସଙ୍ଗୀତା ରଥ, ମୁଖ୍ୟବକ୍ତା ପ୍ରଫେସର ବିଜୟାନନ୍ଦ ସିଂହ ବକ୍ତବ୍ୟ ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ନିଟ୍ ଟପ୍ପର ହେଲେ ଏସ୍‌ସିବି ଛାତ୍ର ପୁଶନ

କଟକ,୨୦।୮(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ କଲେଜ ଛାତ୍ର ଡା. ପୁଶନ ମହାପାତ୍ର ନିଟ୍ ମେଡିକାଲ ପିଜି ପ୍ରବେଶିକା ପରୀକ୍ଷାରେ ଦେଶରେ ଟପ୍ପର ହୋଇଛନ୍ତି। କଟକ କାଳୀଗଳି ଅଞ୍ଚଳର



ଜୟକୃଷ୍ଣ ମହାପାତ୍ର ଓ ରଚିତା ମହାପାତ୍ରଙ୍କ ପୁଅ ପୁଶନ। ଷ୍ଟିୱାର୍ଟ ସ୍କୁଲରୁ ଦଶମ ଏବଂ ଏ ଲ୍ ଆ ର୍ ଡିଏଭିରୁ ଯୁକ୍ତ ୨ ଶେଷ କରିବା ପରେ ଏସ୍‌ସିବି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ଗତଶିକ୍ଷା ବର୍ଷରେ ତାଙ୍କର ଏମ୍‌ବିବିଏସ୍ ପଢ଼ା ଶେଷ ହୋଇଛି। ଗତବର୍ଷ ଜାନୁଆରୀରୁ ଚଳିତବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ସେ ହାଉସ୍‌ସର୍ଜନ ଭାବେ ଇଣ୍ଟର୍ନଶିପ୍ କରୁଥିଲେ। ମାର୍ଚ୍ଚ ପରଠୁ ସେ ନିଟ୍ ପିଜି ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଳାଇଥିଲେ। ପୁଶନଙ୍କ ଭଉଣୀ ଡା. ଚେତନା ମହାପାତ୍ର ଏସ୍‌ସିବି ମେଡିକାଲ କଲେଜ ଇଏନ୍‌ଟି ବିଭାଗର ପିଜି ଛାତ୍ରୀ। ଭିଣୋଇ ବିଶ୍ୱଜିତ ବାହାଲ ଏଠାରେ ଭେଷଜ ବିଭାଗର ଡାକ୍ତର ଅଟନ୍ତି।

### ଝୋଟେଶ୍ୱର ମନ୍ଦିରର ମୁଖ୍ୟ ପୂଜକଙ୍କ ପରଲୋକ

ମଙ୍ଗୁଳି–ଜଗତପୁର,୨୦।୮(ମାନସ ସାମଲ)

ଚୌଦ୍ୱାରର ଅଷ୍ଟଶମ୍ଭୁ ମନ୍ଦିରରେ ଆସୁଥିବା ମୁଣ୍ଡମାଳ ସ୍ଥିତ ଝୋଟେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ବାବାଜୀ ଶତପଥୀ(୭୦)ଙ୍କ ହୃଦ୍‌ଘାତରେ ମଙ୍ଗଳବାର ମଧ୍ୟରାତ୍ରିରେ ଦେହାନ୍ତ ହୋଇଛି। ସେ ମୁଣ୍ଡମାଳ ଗ୍ରାମର ବ୍ରାହ୍ମଣ ସାହିରେ ସପରିବାର ରହୁଥିଲେ। ମଙ୍ଗଳବାର ରାତିରେ ଶୋଇଥିବା ବେଳେ ଛାତିରେ ହଠାତ୍ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ କଟକ ବଡ଼ ମେଡିକାଲ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୨ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ତାଙ୍କର ପାର୍ଥିବଶରୀରକୁ ଗ୍ରାମ ପରିକ୍ରମା କରାଇ ସ୍ଥାନୀୟ ଶ୍ମଶାନରେ ସତ୍କାର କରାଯାଇଥିଲା। ବଡ଼ ପୁଅ ଚିତ୍ତରଞ୍ଜନ ଶତପଥୀ ମୁଖାଗ୍ନି ଦେଇଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

ଚୌଦ୍ୱାର,୨୦।୮(ଆଶୁତୋଷ ଦାସ)

ଚୌଦ୍ୱାର କଲେଜରେ ଏକ ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜର ରେଞ୍ଜର୍ସ ଆଣ୍ଡ ରୋଭର୍ସ ପକ୍ଷରୁ ଆୟୋଜିତ ଶିବିରରେ କଟକସ୍ଥିତ ଅଗ୍ରୱାଲ ଚକ୍ଷୁ ହସ୍ପିଟାଲର ଅଭିଜ୍ଞ ଡାକ୍ତରମାନେ ଯୋଗଦେଇ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ଚକ୍ଷୁ ପରୀକ୍ଷା କରାଇ ପରାମର୍ଶ ଦେଇଥିଲେ। ଶିବିରକୁ ଅଧ୍ୟକ୍ଷା ରଶ୍ମି ରାଉତରାୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୨୫୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ରୋଭର୍ସ ଲିଡର ଅଧ୍ୟାପକ ଆରଣ୍ୟକ ରାଉତରାୟ ଓ ରେଞ୍ଜର ଲିଡର ରଚିତା ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଶିବିରକୁ ରୋଭର୍ସ ରେଞ୍ଜର, ସ୍କାଉଟ ଆଣ୍ଡ ଗାଇଡ୍‌ର କ୍ୟାଡେଟମାନେ ପରିଚାଳନା କରିଥିଲେ।

# କୁଷ୍ଠାଶ୍ରମ ମାନବିକ ମର୍ଯ୍ୟାଦାର ପବିତ୍ର ସ୍ଥାନ: ରାଜ୍ୟପାଳ



ନୟାବଜାରସ୍ଥିତ କୁଷ୍ଠାଶ୍ରମକୁ ମହାତ୍ମା ଗାନ୍ଧୀଙ୍କ ଆଗମନର ଶତବାର୍ଷିକୀ ପାଳନ ଉତ୍ସବରେ ଉପସ୍ଥିତ ରାଜ୍ୟପାଳ ହରିବାବୁ କମ୍ଭମପାଟି, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ସାଂସଦ ଭର୍ତ୍ତୃହରି ମହତାବ ଓ ଅନ୍ୟମାନେ।

କଟକ,୨୦।୮(କାର୍ତ୍ତିକ ସାହୁ)

**ମହାତ୍ମା ଗାନ୍ଧୀଙ୍କ ଆଗମନର ଶତବାର୍ଷିକୀ**

ଗାନ୍ଧିଜିଙ୍କ ଦୃଷ୍ଟିକୋଣ ଆଜି ଆମ ପାଇଁ ଗଭୀର ଭାବରେ ପ୍ରାସଙ୍ଗିକ। କୁଷ୍ଠରୋଗ ହେଉ, ଏଚ୍‌ଆଇଭି କିମ୍ବା କଳଙ୍କ ବହନ କରୁଥିବା ଯେକୌଣସି ଅବସ୍ଥା ହେଉ, ସେ ଦିଗରେ ଗାନ୍ଧିଜୀଙ୍କ ବାର୍ତ୍ତା ସ୍ପଷ୍ଟ। ଏକ ସମାଜର ପ୍ରକୃତ ପ୍ରଗତି ଏହା ସୁବିଧାପ୍ରାପ୍ତ ଲୋକଙ୍କ ସହିତ କିପରି ବ୍ୟବହାର କରେ ତାହା ଦ୍ୱାରା ନୁହେଁ, ବରଂ ଏହା ସବୁଠାରୁ ଦୁର୍ବଳଙ୍କ ପ୍ରତି କିପରି ଯତ୍ନ ନିଏ ତାହା ଦ୍ୱାରା ମାପ କରାଯାଏ। କୁଷ୍ଠାଶ୍ରମ କେବଳ ଚିକିତ୍ସାର ଏକ କେନ୍ଦ୍ର ନୁହେଁ। ଏହା ମାନବିକ ମର୍ଯ୍ୟାଦାର ଏକ ପବିତ୍ର ସ୍ଥାନ ବୋଲି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି।

ମହାତ୍ମା ଗାନ୍ଧୀଙ୍କ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକୀ ପାଳନ ଉପଲକ୍ଷେ କଟକ ନୂଆବଜାରସ୍ଥିତ ଏସିଆର ସର୍ବବୃହତ କୁଷ୍ଠାଶ୍ରମରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ଯୋଗଦେଇ କହିଛନ୍ତି, ଶହେ ବର୍ଷ ପୂର୍ବେ ୧୯୨୫ରେ, ଗାନ୍ଧିଜୀ ଓଡ଼ିଶାକୁ ତାଙ୍କର ଦ୍ୱିତୀୟ ଗସ୍ତ ସମୟରେ ଏହି ସ୍ଥାନକୁ ଆସିଥିଲେ। ସେହି ଯାତ୍ରା କେବଳ ଏକ ଶାରୀରିକ ଯାତ୍ରା ନ ଥିଲା, ଏହା ଏକ ନୈତିକ ତୀର୍ଥଯାତ୍ରା ଥିଲା। ଯେତେବେଳେ କଳଙ୍କ, ଭୟ ଏବଂ ଭେଦଭାବ ସମାଜର ପ୍ରତିକ୍ରିୟାକୁ ପରିଭାଷିତ କରୁଥିଲା, ଗାନ୍ଧିଜୀ କରୁଣା, ସାହସ ଏବଂ ଯତ୍ନର ସହିତ ପ୍ରତିକ୍ରିୟା ଦେଇଥିଲେ। ସେ କଲୋନୀରେ ରୋଗୀମାନଙ୍କୁ ଅଲଗା କରିବାର ଅଭ୍ୟାସକୁ ବିରୋଧ କରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ପୃଥକୀକରଣ ଦୁଃଖକୁ ଆହୁରି ଗଭୀର କରିଥାଏ। କୁଷ୍ଠରୋଗରେ ପୀଡ଼ିତ ଲୋକଙ୍କୁ ବାଦ ଦିଆଯିବା ଉଚିତ ନୁହେଁ, ବରଂ ସମାଜ ଗଠନରେ ଏକୀକୃତ କରିବା ଉଚିତ୍। ଗାନ୍ଧିଜୀଙ୍କ ଉପସ୍ଥିତିର ସରଳତା ଏବଂ ତାଙ୍କ ଆତ୍ମାର ମହାନତା ମାଧ୍ୟମରେ, ସେ ଭୟ ଏବଂ ବାଦର ପ୍ରତିବନ୍ଧକଗୁଡ଼ିକୁ ଭାଙ୍ଗି ଦେଇଥିଲେ। ବାସିନ୍ଦାମାନଙ୍କୁ କରୁଣା ଏବଂ ସମ୍ମାନ ସହିତ ଗାନ୍ଧିଜୀ ଆଲିଙ୍ଗନ କରିଥିଲେ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ରାଜ୍ୟପାଳ କୁଷ୍ଠାଶ୍ରମ ପରିସରରେ ମହାତ୍ମା କୁଷ୍ଠ ସେବା ସ୍ମୃତି ବନର ଉଦଘାଟନ କରିଥିଲେ।

ଅନ୍ୟତମ ଅତିଥି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, କୁଷ୍ଠ ରୋଗୀମାନଙ୍କ ଆଧୁନିକ ଚିକିତ୍ସା କରିବା ତଥା ଅଙ୍ଗ ହରାଇଥିବା ବ୍ୟକ୍ତିମାନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯିବା ସହ ସେମାନଙ୍କ ପୁନଃ ଥଇଥାନର ସମସ୍ତ ବ୍ୟବସ୍ଥା ପ୍ରତି ସରକାର ଯତ୍ନବାନ ଅଛନ୍ତି। ଅନ୍ୟତମ ଅତିଥି ସାଂସଦ ଡ. ଭର୍ତ୍ତୃହରି ମହତାବ କହିଥିଲେ, ସ୍ୱାଧୀନତା ସମସ୍ତଙ୍କ ପାଇଁ। ଦଳିତ, ପ୍ରପୀଡ଼ିତ, ନିଷ୍ପେଷିତଙ୍କ ପାଇଁ ମଧ୍ୟ ସମାନ ସ୍ୱାଧୀନତା ଯୋଗାଇ ଦେବା ଥିଲା ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ। ଏହି ସ୍ୱପ୍ନ ସାକାର କରିବା ଦିଗରେ ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ କିରନଦୀପ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ। ନୟନ କିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଏସ୍‌ସିବିରେ ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ ପ୍ରିୟଙ୍କା

କଟକ,୨୦।୮(ଶିଳ୍ପା ପ୍ରିୟଦର୍ଶିନୀ)



ପ୍ରିୟଙ୍କା ମାରାଣ୍ଡି।

■ଆଜି ହେବ ଅସ୍ତ୍ରୋପଚାର
■୧୦ ଜଣିଆ ଡାକ୍ତରୀ ଟିମ୍ ଗଠିତ

କଟକ ଏସ୍‌ସିବି ମେଡିକାଲରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ତ୍ରୀ ପ୍ରିୟଙ୍କା ମାରାଣ୍ଡି ଶଲ୍ୟ ବିଭାଗରେ ବୁଧବାର ଭର୍ତ୍ତି ହୋଇଛନ୍ତି। ପ୍ରିୟଙ୍କାଙ୍କ ମାଂସ ବଢ଼ିଥିବାରୁ ତାଙ୍କର ଗୁରୁବାର ପୂର୍ବାହ୍ନରେ ଅସ୍ତ୍ରୋପଚାର କରାଯିବ। ଏନେଇ ବୁଧବାର ମେଡିକାଲ୍ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରିୟଙ୍କାଙ୍କ ସ୍ପାଇନାଲ ଆନେସ୍ଥେସିଆରେ ଅସ୍ତ୍ରୋପଚାର କରାଯିବ। ସର୍ଜନ ପ୍ରଫେସର ଡା. ଏଲ୍.ଭି. ଗୌରୀଙ୍କ ନେତୃତ୍ୱରେ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଜୟନ୍ତ ବିଶ୍ୱାଳଙ୍କ ସମେତ ଭେଷଜ, ସ୍ତ୍ରୀ ଓ ପ୍ରସୂତି ରୋଗ, ପଲ୍‌ମୋନାରି ମେଡିସିନ, ଆନେସ୍ଥେସିଆ, ଏଣ୍ଡୋକ୍ରାଇନୋଲୋଜି, କାର୍ଡିଓଲୋଜି ବିଭାଗର ୧୦ ଜଣିଆ ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଅସ୍ତ୍ରୋପଚାର ପୂର୍ବରୁ ସମସ୍ତ ପରୀକ୍ଷାନିରୀକ୍ଷା କରାଯାଇଛି ଏବଂ ରିପୋର୍ଟ ଠିକ୍ ରହିଛି। ଏହାସହ ଡାଇବେଟିସ୍, ରକ୍ତଚାପ, କାର୍ଡିଓଲୋଜି, ରେସ୍ପିରେଟୋରି ଆଦିର କ୍ଲିଅରାନ୍ସ ମିଳିସାରିଛି। ଏକ ସର୍ଜରୀକାଲ ସିଷ୍ଟ ରହିଛି, ଅସ୍ତ୍ରୋପଚାର ପାଇଁ ଅଧଘଣ୍ଟା ସମୟ ଲାଗିବ। ଜଣେ ସାଧାରଣ ରୋଗୀ ଭାବେ ପ୍ରିୟଙ୍କା ମାରାଣ୍ଡି ଏସ୍‌ସିବି ଆସିଛନ୍ତି। ମେଡିକାଲ ପକ୍ଷରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଦ୍ୱାରା ତାଙ୍କର ଚିକିତ୍ସା ଚାଲିଛି ବୋଲି ଶତପଥୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ମେଡିକାଲର ପ୍ରଶାସନିକ ଅଧିକାରୀ ସୁବାସ ରାଏ, ମେଡିକାଲର ଲୋକ ସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦଧୀଚି ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ

ଭୁବନେଶ୍ୱର,୨୦।୮

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଣ୍ଟାପଡ଼ା ବ୍ଲକ୍‌ର ସୁନ୍ଦରଗ୍ରାମସ୍ଥିତ ଦଧୀଚି ଗ୍ରୁପ୍ ପକ୍ଷରୁ (ଦଧୀଚି ସମୂହ ଅନୁଷ୍ଠାନ) ଆୟୋଜିତ ନିଶାମୁକ୍ତ ଭାରତ ଅଭିଯାନ ଓ ଜନସଚେତନତା କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏନ୍‌ସିବିର ଇଓ କମ୍ ଏସ୍‌ସମୀରଣ ପଲ୍ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲାବେଳେ ଏସ୍‌ଆଇ ରାହୁଲ ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ପଲ୍ ତାଙ୍କର ଅଭିଭାଷଣରେ ନିଜର ୧୫ ବର୍ଷର ଅଭିଜ୍ଞତାରେ କେତେ ପରିବାରଙ୍କୁ ରକ୍ଷା କରିଛନ୍ତି, କିପରି ନିଶାଦ୍ରବ୍ୟକୁ ଦୂରୀକରଣ କରିପାରିବେ, ନିଜେ ଚରିତ୍ର ଗଠନ କରିପାରିବେ ଓ ନିଜ ପରିବାର, ସାହି ପଡ଼ିଶା, ସହର, ଗ୍ରାମ ଓ ପରିବେଶକୁ ନିଜ ମନକୁ ପବିତ୍ର ଓ ନିର୍ମଳ ଓ ନିଶାମୁକ୍ତକରି ଏକ ସୁନ୍ଦର ଓଡ଼ିଶା ଓ ଭାରତ ଗଠନ କରିପାରିବା ତା' ଉପରେ ଉପଦେଶ ଦେଇଥିଲେ। ଅପରପକ୍ଷରେ ରାହୁଲ ଏକ ପ୍ରତିଜ୍ଞା ବା ଶପଥ ପାଠ କରାଇଥିଲେ। ଦଧୀଚି ସମୂହ ଅନୁଷ୍ଠାନର ଅଧ୍ୟକ୍ଷ ଡ. ମନୋଜ କୁମାର ଦାଶ ଏବଂ ଅଧ୍ୟକ୍ଷା ବବିତା ଦାଶଙ୍କ ଅନୁପ୍ରେରଣାରେ ଏହି ନିଶା ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ସମ୍ଭବ ହୋଇପାରିଥିଲା।ଡ. ଦାଶ କହିଥିଲେ, ଗୋଟେ ବ୍ଲଡ୍ ଜଣେ ମନୁଷ୍ୟକୁ ବଞ୍ଚାଇଦେଇପାରେ, କିନ୍ତୁ ଗୋଟେ ନିଶାଦ୍ରବ୍ୟ ସେହି ବ୍ଲଡ୍‌କୁ ଖରାପ କରିଦିଏ ଏବଂ ମନୁଷ୍ୟକୁ ମାରିଦିଏ। ପ୍ରଶାସନ ବିଭାଗର ଅଧ୍ୟକ୍ଷ ସୀମାଞ୍ଚଳ ପଣ୍ଡା ତଥା ସସ୍ମିତା ମଲ୍ଲିକ, ଚିନ୍ମୟ ମିଶ୍ର, ଦୀପ୍ତିରଞ୍ଜନ ପଟ୍ଟନାୟକ, ଧ୍ୟାନଜ୍ୟୋତି ସାହୁ, କେତନ ବେହେରା, ପ୍ରଶାନ୍ତ କୁମାର ରାଉତ, ରଶ୍ମିତା ବିଶୋଇ, ଶୁଭସ୍ମିତା ଦାଶ, ରାହୁଲ ସାମନ୍ତରାୟ ଓ ଭାଗ୍ୟରଥି ବାରିକ ପ୍ରମୁଖ ସହଯୋଗ କରିଥିଲେ।

ପରିଶେଷରେ ଏନ୍‌ସିବି ପକ୍ଷରୁ ଦଧୀଚି ଅନୁଷ୍ଠାନର ସମସ୍ତ ସ୍କୁଲ ଓ କଲେଜକୁ ନିଶାମୁକ୍ତ ପରିବେଶ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ନିଯୁକ୍ତି ଓ ପ୍ରଶିକ୍ଷଣ ବିଭାଗର ଅଫିସର ହରେକୃଷ୍ଣ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲାବେଳେ ଶିକ୍ଷକ ଉଦୟନାଥ ସାହୁ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

# ଖ୍ରୀଷ୍ଟ କଲେଜରେ ଇନୋଭେଶନ, ଷ୍ଟାର୍ଟଅପ୍ କର୍ମଶାଳା




ଖ୍ରୀଷ୍ଟ କଲେଜରେ ଆୟୋଜିତ କର୍ମଶାଳାରେ ଉପସ୍ଥିତ ଅତିଥି।

କଟକ,୨୦।୮(ଶିଳ୍ପା ପ୍ରିୟଦର୍ଶିନୀ)

ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଖ୍ରୀଷ୍ଟ କଲେଜରେ ବାଣିଜ୍ୟ ବିଭାଗ, ଆଇକ୍ୟୁଏସି ଓ ଟାଇମ୍ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ସହଯୋଗରେ ଇନୋଭେଶନ ଓ ଷ୍ଟାର୍ଟଅପ୍ ସମ୍ପର୍କିତ ଏକ କର୍ମଶାଳା କଲେଜ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର କର୍ମଶାଳାକୁ ଉଦ୍‌ଘାଟନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସୁବ୍ରତ ବଳ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଉଦ୍ୟୋଗୀ ମାନସ ଦତ୍ତ ଯୋଗ ଦେଇ ବିଦ୍ୟାର୍ଥୀମାନେ କର୍ମ ନିଯୁକ୍ତି ପଛରେ ନ ଗୋଡ଼ାଇ ନିଜେ କିପରି ସ୍ୱତନ୍ତ୍ର ଭାବେ ନୂତନ ବ୍ୟବସାୟର ସ୍ୱତ୍ୱାଧିକାରୀ ହୋଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଶାଳାରେ ଆଇକ୍ୟୁଏସିର ସଂଯୋଜକ ପ୍ରାଧ୍ୟାପକ ଶୋଭନ୍ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହ ସଂଯୋଜକ ଡ. ଦିଲୀପ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାକୁ ଡ. ସୁବ୍ରତ ସାମନ୍ତରାୟ, ଡ. ପ୍ରଦୀପ୍ତ କୁମାର ପତି, ଡ. ପ୍ରଦ୍ୟୁମ୍ନ ଦାଶ, ଡ. ଦୀପକ କୁମାର ଦାଶ, ଡ. ସଞ୍ଜିତ ବିଶ୍ୱାସ, ଡ. ମଙ୍ଗରାଜ ପାତ୍ର, ଡ. ସଞ୍ଜୁ ଶର୍ମା, ଅଧ୍ୟାପକ ସତ୍ୟବ୍ରତ ମିଶ୍ର, ଅଧ୍ୟାପିକା ପ୍ରିୟଦର୍ଶିନୀ ପ୍ରଧାନ ଓ ଅଧ୍ୟାପକ ଶୁଭାଶିଷ ଦାଶ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଇନୋଭେଶନ ଓ ଷ୍ଟାର୍ଟଅପ୍ ସମ୍ବନ୍ଧୀୟ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ରାଜୀବ ଗାନ୍ଧୀଙ୍କ ଥିଲା ଉଚ୍ଚକୋଟୀର ବୈଦେଶିକ ନୀତି

କଟକ,୨୦।୮(ଶିଳ୍ପା ପ୍ରିୟଦର୍ଶିନୀ)

ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ତଥା ଅକ୍ଷୟ ଉର୍ଜା ଦିବସ କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ ବରିଷ୍ଠ କଂଗ୍ରେସ ନେତା ନିର୍ମଳ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୁଧବାର ପାଳିତ ହୋଇଯାଇଛି। ପ୍ରଗତିବାଦୀ ଚିନ୍ତାଧାରା, ଉଚ୍ଚକୋଟୀର ବୈଦେଶିକ ନୀତି, ରାଜୀବଙ୍କୁ ଚିର ସ୍ମରଣୀୟ କରି ରଖିଛି। ଭୋଟ ମତଦାନ ଅଧିକାର ୨୧ବର୍ଷ ପରିବର୍ତ୍ତେ ୧୮ବର୍ଷ କରିବା, କୁଷ୍ଠ ନିରାକରଣ, ସମସ୍ତଙ୍କୁ କାମ, ସମସ୍ତଙ୍କୁ ସାକ୍ଷର କରିବା ରାଜୀବଙ୍କ ମୂଳ ଲକ୍ଷ୍ୟ ଥିଲା। ପୃଥିବୀରୁ ଶକ୍ତି ସଂକଟ ଦୂର କରିବା, ଅକ୍ଷୟ ଶକ୍ତିର ନିୟନ୍ତ୍ରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ବୋଲି କର୍ମୀମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ପ୍ରାକ୍ତନ ଉପସଭାପତି ଶିଶିର ରଥ, ରାଜେଶ ସ୍ୱାଇଁ ଓ ମନୋଜ ବିଶ୍ୱାଳ, କଂଗ୍ରେସ ମୁଖପାତ୍ର ମାନସ ପରିଡା, ବରିଷ୍ଠ କଂଗ୍ରେସ ନେତା ରାମ ଚନ୍ଦ୍ର ଗୋଚ୍ଛାୟତ, ନଗର ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟ, ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ, ନଗର କଂଗ୍ରେସ ଉପସଭାପତି ଜିତେନ୍ଦ୍ର ଶତପଥୀ, ସାଧାରଣ ସମ୍ପାଦକ ଜୟନାରାୟଣ ତ୍ରିପାଠୀ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।




ଡ୍ରିମ୍‌ସ ୟୁନିଭରସିଟିରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

### ଆଠଗଡ଼ ବ୍ଲକ କଂଗ୍ରେସ ସଭାପତି ଚୟନ ପାଇଁ ପ୍ରସ୍ତୁତି ବୈଠକ

ଖୁଣ୍ଟୁଣୀ,୨୦।୮(ସଚ୍ଚିଦାନନ୍ଦ ପଣ୍ଡା)

ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ବ୍ଲକର ନୂତନ ସଭାପତି ଚୟନ ପାଇଁ ଏକ ସାଂଗଠନିକ ବୈଠକ ଆଠଗଡ଼ ବ୍ଲକ ଗୌଡ଼ଝରୀ ସ୍ୱପ୍ନେଶ୍ୱର ଶିବ ମନ୍ଦିର ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲା କଂଗ୍ରେସ ସଂଯୋଜକ ପ୍ରଦୀପ୍ତ କୁମାର ଦାସଙ୍କ (ବୁଲୁ) ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ କଂଗ୍ରେସ ପ୍ରବକ୍ତା ହିମାଂଶୁ ଶେଖର ଲେଙ୍କା, ଜିଲା ଅନୁସୂଚିତ ଜାତି ସଭାପତି ପ୍ରତାପ କୁମାର ମଲ୍ଲିକ ଉପସ୍ଥିତ ହୋଇ ବ୍ଲକ ତରଫରୁ ଅନ୍ୟୂନ ୫ ଜଣ ପ୍ରାର୍ଥୀ (ସାଧାରଣ ବର୍ଗ, ପଛୁଆ ବର୍ଗ, ମହିଳା, ଅନୁସୂଚିତ ଜାତି/ ଜନଜାତି, ସଂଖ୍ୟା ଲଘୁ ବର୍ଗରୁ ଜଣେ ଲେଖାଏ)ଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଆଠଗଡ଼ କଂଗ୍ରେସର ବିଧାୟକ ପ୍ରାର୍ଥୀ ସୁଦର୍ଶନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ପର୍ଯ୍ୟବେକ୍ଷକ ଆଠଗଡ଼ ବ୍ଲକ ଅନ୍ତର୍ଗତ ୩୪ଟି ପଞ୍ଚାୟତରୁ ଆସିଥିବା କର୍ମକର୍ତ୍ତାମାନଙ୍କ ସହ ପୃଥକ୍ ଆଲୋଚନା କରି ବ୍ଲକ ସଭାପତି ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ।

# ରାଶନ ଦୋକାନରେ ଓଜନ ଠକେଇ

କଟକ ସଦର,୨୦।୮(ସୁଶାନ୍ତ କୁମାର ଜେନା)

**ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି**

କଟକ ସଦର ବ୍ଲକ ପରିସରରେ ବୁଧବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ରାଶନ୍ ଦୋକାନରେ ଓଜନରେ ଠକେଇ କରାଯାଉଥିବା ଅଭିଯୋଗ ଆସିଥିଲା। ବିଶେଷକରି ଅରିଲୋ, ପ୍ରହରାଜପୁର, ଆମଣ ପଞ୍ଚାୟତର ନିର୍ଦ୍ଦିଷ୍ଟ କେତେଜଣ ଡିଲର ଓଜନରେ ଠକୁଥିବା ଅଭିଯୋଗ ହୋଇଥିଲା। କାରଣ ସାମାଜିକ ସମୀକ୍ଷା ଦାୟିତ୍ୱରେ ଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟାମାନେ ଦୁଇଟି ଓଜନ ମେଶିନ ବ୍ୟବହାର କରୁଥିବା ଦେଖାଯାଇଥିଲା। ଗୋଟିକରେ ବଟକରା ରଖି ଓଜନ କରାଯାଇ ଲୋକଙ୍କଠାରୁ ବାୟୋମେଟ୍ରିକ୍ ଛାପ ନିଆଯାଉଛି। ମାତ୍ର ଚାଉଳ ଓଜନ ଆଉ ଗୋଟିଏ ମେଶିନରେ କରାଯାଉଛି। ପାଞ୍ଚକିଲୋ ଚାଉଳରେ ଏକ କିଲୋ କମିଯାଉଛି। ତେଣୁ ଉପଭକ୍ତାମାନେ ଠକାମିର ଶିକାର ହେଉଛନ୍ତି। ଏହାଛଡ଼ା ବିଭିନ୍ନ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ଅହେତୁକ ବିଳମ୍ବ ଘଟୁଛି ବୋଲି କମରପଦା ଗ୍ରାମର ତ୍ରିନାଥ ଦାଶ କହିଥିଲେ। ଶ୍ରମଭିତ୍ତିକ କାମ କରିବା ପାଇଁ ଲୋକମାନଙ୍କୁ ପ୍ରୋତ୍ସାହନ ମିଳୁ ନ ଥିବାରୁ କେହି ଆଗ୍ରହ ପ୍ରକାଶ କରୁ ନାହାନ୍ତି। ସି – ୧ ଫର୍ମରେ ଶ୍ରମିକମାନେ କାମ ପାଇଁ ଆବେଦନ କରୁ ନ ଥିବାବେଳେ କିପରି ସେମାନଙ୍କୁ କାମ ଦିଆ ଯାଉଛି, ସେ ସମ୍ପର୍କରେ ତଦନ୍ତ ପାଇଁ ଦାବି ହୋଇଥିଲା। କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରତୀକ ସାହୁ, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ଅତିରିକ୍ତ ନିର୍ବାହୀଯନ୍ତ୍ରୀ ଶୁଭସ୍ମିତା ନାଥ ପ୍ରମୁଖ ଭାଗ ନେଇଥିଲେ।

## ଫଟୋ ରେ ଖବର




ଶ୍ରମଆଇନ ମୁତାବକ ପ୍ରାପ୍ୟ ମିଳୁନଥିବା ପ୍ରତିବାଦରେ ବୁଧବାର ଜଗତପୁର ଶିଳ୍ପାଞ୍ଚଳ ଶ୍ରମିକ ସଂଗଠନ ପକ୍ଷରୁ ଜିଲାପାଳଙ୍କ ଅଫିସ ନିକଟରେ ବିକ୍ଷୋଭ।



ରେଭେନ୍‌ଶା ୟୁନିଭରସିଟିର ଜଗନ୍ନାଥ ଛାତ୍ରାବାସରେ ବିଭିନ୍ନ ସମସ୍ୟା ନେଇ ଅନ୍ତେବାସୀମାନେ ବୁଧବାର କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ଅସ୍ତରଙ୍ଗ ଥାନାରେ ଅଧିକାରୀଙ୍କ ଯୋଗଦାନ

ଅସ୍ତରଙ୍ଗ,୨୦।୮(ପ୍ରଦୀପ କୁମାର ଦାକ୍ଷିତ): ଅସ୍ତରଙ୍ଗ ଥାନାର ନୂତନ ଥାନାଧିକାରୀ ଭାବେ ଦୁର୍ଗାଚରଣ ମହାପାତ୍ର ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏହା ପୂର୍ବରୁ ଜିଲା ପୋଲିସ ବିଭାଗରେ ଜଣେ ଦକ୍ଷ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ଥାନାଧିକାରୀ ଭାବେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ସଂହତି ପ୍ରତିଷ୍ଠା କରିବା ସହ ଜନସାଧାରଣ ଏବଂ ପୋଲିସ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷାକରି ଉପଯୁକ୍ତ ଆଇନ ସେବା ସହ ଅପରାଧୀମାନଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ଏହି ଅବସରରେ ଥାନାର ସମସ୍ତ ଅଧିକାରୀ, ଅସ୍ତରଙ୍ଗ ମିଡିଆ ଫୋରମ୍ ସଭାପତି ବିଜୟ କୁମାର ବେହେରା, ଉପସଭାପତି ମାନସ ରଞ୍ଜନ ଖୁଣ୍ଟିଆ, ବରିଷ୍ଠ ଖବରଦାତା ପ୍ରଦୀପ୍ତ ଦାକ୍ଷିତ, ସମ୍ପାଦକ ମଳୟ ବେହେରା ଓ ବୁଦ୍ଧିଜୀବୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୩୬ ଘଣ୍ଟା ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

- ରାସ୍ତାରେ ଛତିଶଗଡ଼ ପର୍ଯ୍ୟଟକଙ୍କୁ ଅଟକାଇବା ଘଟଣା
- ବିଡିଓଙ୍କ ଦୋଷ ଲୁଚାଇଲା ପୋଲିସ
- ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ଉଠିଲା ପ୍ରଶ୍ନ

ଗୋପ,୨୦।୮(ଭାରତୀ ଭୂଷଣ ଉପାଧ୍ୟାୟ): ରାଜ୍ୟ ସରକାର ପର୍ଯ୍ୟଟନ ଶିଳ୍ପର ବିକାଶ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଥିବା ବେଳେ ମଙ୍ଗଳବାର ଛତିଶଗଡ଼ ପର୍ଯ୍ୟଟକଙ୍କୁ ରାସ୍ତାରେ ଜଣେ ପ୍ରଶାସନିକ ଅଧିକାରୀ ଅଟକାଇବା ଓ ପୋଲିସ ମକଦ୍ଦମା କରିବାକୁ ୩୬ ଘଣ୍ଟା ବିତିଥିଲେ ମଧ୍ୟ ସରକାର ପଦକ୍ଷେପ ଗ୍ରହଣ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ଲକ୍ ଅଞ୍ଚଳରେ ଏପରି ଏକ ଘଟଣା ଘଟିଥିଲେ ମଧ୍ୟ କାହିଁକି ସରକାର ନୀରବଦ୍ରଷ୍ଟା ସାଜିଛନ୍ତି, ତାହା ମଧ୍ୟ ଆଲୋଚନାର ବିଷୟ ବସ୍ତୁ ପାଲଟିଥିବା ବେଳେ ଗୋପ ପୋଲିସ ବିଡିଓଙ୍କ ଦୋଷ ଲୁଚାଇବା ପଛରେ କି ଉଦ୍ଦେଶ୍ୟ ରହିଛି, ତାହା ମଧ୍ୟ ଆଲୋଚନାର ବିଷୟବସ୍ତୁ ପାଲଟିଛି। ସୂଚନାଯୋଗ୍ୟ, ଛତିଶଗଡ଼ ଅଞ୍ଚଳର ୨ଟି କାରରେ ୧୨ ଜଣ ପର୍ଯ୍ୟଟକ ପୁରୀ, କୋଣାର୍କ ବୁଲି ଛତିଶଗଡ଼ ଫେରୁଥିଲେ। ଗୋପ-କୋଣାର୍କ ରାସ୍ତାର କେଉଁଝୁଙ୍ଗା ଛକ ନିକଟରେ ବିଡିଓ ଛବିରାଣୀ ସାହୁଙ୍କ ଗାଡ଼ିକୁ ଉକ୍ତ ପର୍ଯ୍ୟଟକମାନେ ଅତିକ୍ରମ କରିବା ଓ ପରେ ବିଡିଓଙ୍କ ଗାଡ଼ିକୁ ସାଇଡ୍ ଦେଇ ନ ଥିଲେ। ବିଡିଓ ଛବିରାଣୀ ପର୍ଯ୍ୟଟକଙ୍କ ଗାଡ଼ି ଅଟକାଇ ଗୋପ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପର୍ଯ୍ୟଟକମାନଙ୍କୁ ଥାନାକୁ ଆଣିଥିଲେ। ପର୍ଯ୍ୟଟକମାନେ ଭୁଲ୍ ମାଗିଥିଲେ ମଧ୍ୟ ପୋଲିସ କୌଣସି କଥା ଶୁଣି ନ ଥିଲା। ଗୋପ ପୋଲିସ ଦୀର୍ଘ ଘଣ୍ଟା ଧରି ପର୍ଯ୍ୟଟକଙ୍କୁ ବସାଇ ରଖିବା ପରେ ନିଜ ପଟୁ ଏକ ବେପରୁଆ ଗାଡ଼ି ଚାଳନା ଓ ମଦ୍ୟପାନ କରିବାକୁ ନେଇ ୨୬୭/୨୫ରେ ମାମଲା ରୁଜୁ କରିଥିଲା। ଏପରି ଏକ ଘଟଣାରେ ଛତିଶଗଡ଼ ପର୍ଯ୍ୟଟକଙ୍କୁ ଜାଣିଶୁଣି ହଇରାଣ ହରକତ କରାଯାଉଥିବା ନେଇ ପର୍ଯ୍ୟଟକମାନେ ଅଭିଯୋଗ କରିବା ସହ ଆଉ ପୁରୀ, କୋଣାର୍କ ଆସିବେ ନାହିଁ ବୋଲି କହିଥିଲେ। ଏହି ଖବର ବୁଧବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଭିନ୍ନ ସଙ୍ଗଠନର ସଦସ୍ୟ ଓ ସାମାଜିକ କର୍ମୀ ପର୍ଯ୍ୟଟକମାନଙ୍କ ସୁରକ୍ଷା ଓ ବିଡିଓଙ୍କ ଭୂମିକା ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ସହ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଓ ରାଜ୍ୟର ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଏକ୍ସ ଯୋଗେ ଟ୍ୱିଟ୍ କରିଥିଲେ ଜଣାପଡ଼ିଛି। ବିଡିଓ ଯଦି ପର୍ଯ୍ୟଟକଙ୍କ ଗାଡ଼ି ଅଟକାଇଲେ କାହିଁକି ଅଭିଯୋଗ ଦେଲେ ନାହିଁ ବୋଲି ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀଙ୍କୁ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏହି ଅଭିଯୋଗ ଉପରେ ଉଚ୍ଚପଦସ୍ଥ ଅଧିକାରୀମାନେ ତଦନ୍ତ ପାଇଁ ଦାବି କରାଯାଇଛି।

# ସେପ୍ଟେମ୍ବର ୧୫ ସୁଦ୍ଧା ଧାଡ଼ି ଦର୍ଶନ

ପୁରୀ,୨୦।୮(ଅଜିତ୍ କୁମାର ମହାନ୍ତି): ଭକ୍ତଙ୍କ ଶୃଙ୍ଖଳିତ ତଥା ସୁଲଭ ଦର୍ଶନ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ସାତପାହାଚ ଠାରୁ ନାଟମଣ୍ଡପରେ ବ୍ୟାରିକେଡ଼ ସହ ଧାଡ଼ି ଦର୍ଶନ କରିବା ନେଇ ଯୋଜନା କରାଯାଇଛି। ଧାଡ଼ି ଦର୍ଶନ କେବେଠାରୁ କାର୍ଯ୍ୟକାରୀ ହେବ ସେ ନେଇ ସରକାରଙ୍କ ପକ୍ଷରୁ ତାରିଖ ବଦଳିବାରେ ଲାଗିଥିଲା। ଅପରାହ୍ନରେ ଭୁବନେଶ୍ୱର ଠାରେ ବ୍ୟାରିକେଡ଼ ନିର୍ମାଣକୁ ୧ମାସରୁ ଅଧିକ ସମୟ ବିତିଯାଇଥିବା ବେଳେ ପାଣି, ଖରା ସହ ଅପରିଚ୍ଛନ୍ନ ଅବସ୍ଥାରେ ବ୍ୟାରିକେଡ଼୍ ଓ ରାମ୍ପ ପଡ଼ିଥିବା ଦେଖିବାକୁ ମିଳୁଛି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସୂଚନା ପରେ ପୁଣି ଧାଡ଼ି ଦର୍ଶନ ନେଇ ନୂଆ ଆଶା ଦେଖାଦେଇଛି। ଆଇନମନ୍ତ୍ରୀ ସୂଚନା ଦେଇ କହିଛନ୍ତି, ଆସନ୍ତା ମାସ ଅର୍ଥାତ ସେପ୍ଟେମ୍ବର ୧୫ ସୁଦ୍ଧା ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ଶ୍ରୀମନ୍ଦିର ଜଗମୋହନରେ ଥିବା ହୁଣ୍ଡି ହଟାଇବା ପାଇଁ ମ୍ୟାନେଜିଂ କମିଟିର ସୁପାରିସ ଦରକାର, ତେଣୁ ଖୁବ୍‌ଶୀଘ୍ର ପରିଚାଳନା କମିଟି ଗଠନ କରାଯିବ। ପୂର୍ବରୁ ମଧ୍ୟ ଆଇନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନ ଥିଲା। ତେଣୁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ସ୍ଥାନୀୟ ବାସିନ୍ଦା ଶିବ ପ୍ରସାଦ ଦାସ କହିଛନ୍ତି, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଥିଲେ ମଧ୍ୟ ଭିତରେ ଭକ୍ତଙ୍କ ଦର୍ଶନ ସମସ୍ୟା ପୂର୍ବରୁ ଯାହାଥିଲା ବର୍ତ୍ତମାନ ସେୟା ରହିଛି। ଭିତରେ ଅସମ୍ଭାଳ ଭିଡ଼ ହେଉଛି ଭକ୍ତମାନେ ଅଟେଟ ହେଉଛନ୍ତି। ଧାଡ଼ି ଦର୍ଶନ ନେଇ ପୂର୍ବରୁ ମନ୍ତ୍ରୀ ଅନେକ ଥର କହିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ଧାଡ଼ି ଦର୍ଶନ କରିଲେ ଭଲ ହେବ, ତାହାକୁ ଯେପରି ସଠିକ ଭାବେ କାର୍ଯ୍ୟକାରୀ ହେବ ତାହା ମଧ୍ୟ ତଦାରଖ କରିବା ଉଚିତ। ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସୁଥିବା ସମସ୍ତ ଭକ୍ତ ଭଲରେ ଦର୍ଶନ କରି ଫେରନ୍ତୁ, ଏହା ସମସ୍ତଙ୍କ ଇଚ୍ଛା। ଆଇନ ମନ୍ତ୍ରୀ ଆସନ୍ତା ୧୫ ସୁଦ୍ଧା ଧାଡ଼ି ଦର୍ଶନ କରିବେ ବୋଲି ସୂଚନା ଦେଇଛନ୍ତି। କିନ୍ତୁ ୧ ମାସ ପରୀକ୍ଷାମୂଳକ ଭାବେ କରାଯାଉ। ସ୍ଥାନୀୟ ବାସିନ୍ଦା ଶ୍ୟାମ ପ୍ରକାଶ ସେନାପତି କହିଛନ୍ତି, ଧାଡ଼ି ଦର୍ଶନ ବ୍ୟବସ୍ଥା ସ୍ୱାଗତଯୋଗ୍ୟ ପଦକ୍ଷେପ। କରାଗଲେ ଭକ୍ତମାନେ ଭଲ ଭାବରେ ଦର୍ଶନ କରିପାରିବେ। ତେବେ ଜଗମୋହନକୁ ଶୀତତାପ ନୟନ୍ତ୍ରଣ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହାକୁ ସରକାର କାର୍ଯ୍ୟକାରୀ କଲେ ଭଲ ହେବ।

# କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଲେ ଉପମୁଖ୍ୟମନ୍ତ୍ରୀ



ଭାଜପାର ସାଙ୍ଗଠନିକ ବୈଠକରେ ଉପ ମୁଖ୍ୟମନ୍ତ୍ରୀଙ୍କ ସମେତ ମଞ୍ଚାସୀନ ଅତିଥି ବୃନ୍ଦ।

## ଭାଜପାର ନିର୍ବାଚନମଣ୍ଡଳୀସ୍ତରୀୟ ସାଙ୍ଗଠନିକ ବୈଠକ

ନିମାପଡ଼ା,୨୦।୮(ବିଚିତ୍ରାନନ୍ଦ ସାହୁ): ଭାଜପା ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ବୁଧବାର ସନ୍ଧ୍ୟାରେ ନିମାପଡ଼ା ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଭାଜପାର ତୃଣମୂଳସ୍ତରରୁ ସାଙ୍ଗଠନିକ ସ୍ଥିତିକୁ ଅଧିକ ମଜଭୁତ, ଶକ୍ତିଶାଳୀ, କ୍ରିୟାଶୀଳ କରିବା ପାଇଁ ବୈଠକରେ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦମାନଙ୍କୁ ଆହ୍ୱାନ ଦେଇଛନ୍ତି। ବୈଠକରେ ସମ୍ମାନୀତ ଅତିଥି ଭାବେ ଭାଜପାର ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ଜିଲା ସଭାପତି ଦେବେନ୍ଦ୍ର ନାଥ ତରାଇ, ଗୋପ ବ୍ଲକ ଉପାଧ୍ୟକ୍ଷ ତଥା ଭାଜପାର ବରିଷ୍ଠ ନେତା ବନରଞ୍ଜନ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଏମ୍‌ପିଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ବିଧାୟିକାଙ୍କ ପ୍ରତିନିଧି ଯତୀନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ବୁଥ୍‌ସ୍ତରରୁ ଦଳୀୟ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା, ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ସମସ୍ତ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଭାଜପା ଜିଲା ସମ୍ପାଦକ ସୁଶାନ୍ତ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳଙ୍ଗା ଭାଜପା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ଧନୁଆଁ ମଣ୍ଡଳ ସଭାପତି ସନ୍ତୋଷ ପରିଡ଼ା, ନିମାପଡ଼ା ମଣ୍ଡଳ ସଭାପତି ସତ୍ୟଭୂଷଣ ସ୍ୱାଇଁ, ନଗର ମଣ୍ଡଳ ସଭାପତି ନିରଞ୍ଜନ ନାୟକ, ଚାରିଛକ ମଣ୍ଡଳ ସଭାପତି ପ୍ରଭାତ ନାୟକ, ଗୋପ ମଣ୍ଡଳ ସଭାପତି ବିଜୟ ନାୟକ, ମଞ୍ଚନାଥ ମଣ୍ଡଳ ସଭାପତି କିଶୋର ରାଉତ ପ୍ରମୁଖ ଯୋଗଦେଇ ନିଜ ନିଜ ମଣ୍ଡଳର କମିଟି ଘୋଷଣା କରିଥିଲେ।

# ଭିତ୍ତିପ୍ରସ୍ତର ସ୍ଥାପନ ସହ ଗୃହ ଉଦ୍‌ଘାଟନ

ବଳଙ୍ଗା,୨୦।୮(କେଦାରେଶ୍ୱର ନନ୍ଦ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ସାଇଁଶଶାସନ ଓ ବଳଙ୍ଗା ମହାବିଦ୍ୟାଳୟଠାରେ ଶ୍ରେଣୀଗୃହ, ବିଭିନ୍ନ ପଞ୍ଚାୟତର ନୂତନ ଗୃହ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଦ୍ୱାରା ପ୍ରଥମେ ବଳଙ୍ଗା ମହାବିଦ୍ୟାଳୟରେ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଓ ବଳଙ୍ଗା ମହାବିଦ୍ୟାଳୟରେ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନୂତନ ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟନ କରିଥିବା ବେଳେ ଶାଇଁସଶାସନ ପଞ୍ଚାୟତର ସୁବିଧା କେନ୍ଦ୍ର ଓ ପଞ୍ଚାୟତସ୍ତରୀୟ ମହିଳା ମହାସଂଘ ଗୃହ ୩୦ ଲକ୍ଷ ଟଙ୍କା ବ୍ୟୟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରେ ସାଇଁଶଶାସନଠାରେ ଏକ ସଭା କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବଳଙ୍ଗା ଅଧ୍ୟକ୍ଷ ପ୍ରଭାତ ସାହୁ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ବଳଙ୍ଗା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜ୍ଜୁନ ବରାଳ, ସରୋଜ ସାହୁ, ପ୍ରସନ୍ନ କୁମାର ଦାଶ, ପ୍ରଭାକର ନାୟକ, ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

ଅସ୍ତରଙ୍ଗ,୨୦।୮(ମମତା ଜେନା): କାକଟପୁର ବ୍ଲକ୍ ଅନ୍ତର୍ଗତ ବାଙ୍ଗୁରିଗାଁ ପଞ୍ଚାୟତ ଛୋଟିପଡ଼ା ଗ୍ରାମର ରମେଶ ମଲ୍ଲ (୪୮)ଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ବର୍ଷା ଅଭାବରୁ ନିଜ ଚାଷଜମିରେ ପାଣି ମଡ଼ାଇବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଛି। ଠିକ୍ ପରିମାଣରେ ବର୍ଷା ନ ହେବା ଫଳରେ ଚାଷୀମାନେ ନିରୁପାୟ ହୋଇ ଘରଠାରୁ ବହୁ ଦୂରରେ ଜମି ଥିବାରୁ ବିପଦସଙ୍କୁଳ ଅବସ୍ଥାରେ ତାର ଟାଣି ମୋଟର ଯୋଗେ ପାଣି ମଡ଼ାଇବା ଦ୍ୱାରା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ପାଣି ଅଭାବରୁ ପମ୍ପ ଦ୍ୱାରା ପାଣିଦେବାକୁ ଯାଇ ନିକଟରେ ବହୁ ଚାଷୀଙ୍କର ଜୀବନ ଅକାଳରେ ଚାଲି ଯାଉଥିବା ଦେଖାଯାଉଛି। ରମେଶ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## 'ନିଶାମୁକ୍ତ ଭାରତ ଅଭିଯାନ' ଶୀର୍ଷକ ସଚେତନତାମୂଳକ କାର୍ଯ୍ୟକ୍ରମ

ପୁରୀ,୨୦।୮(ଅଜିତ୍ କୁମାର ମହାନ୍ତି): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସରରେ ନିଶାମୁକ୍ତ ଭାରତ ଅଭିଯାନ ଶୀର୍ଷକ ସଚେତନତାମୂଳକ କାର୍ଯ୍ୟକ୍ରମ ପରିସରର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନିଶାମୁକ୍ତ ଭାରତ ଗଠନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ନିଶା ସେବନର ଅପକାରିତା ସମ୍ପର୍କରେ ପ୍ରଫେସର ମହାପାତ୍ର ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବରିଷ୍ଠ ଚଳଚ୍ଚିତ୍ର ଅଭିନେତ୍ରୀ ସ୍ମିତା ମହାନ୍ତି ଓ ମିଷ୍ଟର ଏସିଆ ବିଶ୍ୱଜିତ୍ ପ୍ରତିହାରୀ ଯୋଗଦାନ କରି ନିଶା ଏକ ସାମାଜିକ ବ୍ୟାଧି ବୋଲି ପ୍ରକାଶ କରିବା ସହ ନିଶା ସେବନ ଦ୍ୱାରା ସଂପ୍ରତି ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀ ଉପରେ ଆଲୋକପାତ କରିଥିଲେ। ଏଥିରୁ ସମସ୍ତେ ନିବୃତ୍ତ ରହି ନିଜ ପରିବାର ଏବଂ ସମାଜକୁ ସୁରକ୍ଷିତ ରଖିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପରିସରର ସହଯୋଗୀ ନିର୍ଦ୍ଦେଶକ ବିଜୟପାଲ୍ କଚ୍ଛୱା ଓ ଧର୍ମଶାସ୍ତ୍ର ବିଭାଗର ବିଭାଗ ମୁଖ୍ୟ ଲଳିତ କୁମାର ସାହୁ ମଞ୍ଚାସୀନ ହୋଇ ନିଶା ନିବାରଣ ସମ୍ପର୍କରେ ସଚେତନ ବାର୍ତ୍ତା ଉପସ୍ଥିତ ଅଧ୍ୟାୟୀମାନଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ. ସ୍ୱାଗତିକା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ବିଶ୍ୱନାଥ ମିଶ୍ର ସଂଯୋଜନା କରିଥିଲେ। ଶେଷରେ ପରିସରର ସହଯୋଗୀ ନିର୍ଦ୍ଦେଶକ ବିଜୟପାଲ୍ କଚ୍ଛୱା ଧନ୍ୟବାଦ ଦେଇଥିଲେ। ସଦାଶିବ ପରିସରର ଛାତ୍ରୀଛାତ୍ର, ଅଧ୍ୟାପକ ଓ ଅଧ୍ୟାପିକାମାନେ ଏହି ଅବସରରେ ନିଶା ସେବନରୁ ଦୂରେଇ ରହି ସମଗ୍ର ଭାରତ ବର୍ଷକୁ ନିଶାମୁକ୍ତ ରାଷ୍ଟ୍ରଭାବେ ଗଢ଼ିତୋଳିବାକୁ ଶପଥ ନେଇଥିଲେ।


**ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ**
**ବସ୍ ମାଲିକଙ୍କ ସମ୍ବନ୍ଧେ ସଂଶୋଧିତ ବିଜ୍ଞାପନ**
**ଶୁଦ୍ଧିପତ୍ର**

No. JJ-42: ଏତଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ତା୦୨।୦୮।୨୦୨୫ରିଖରେ ଦୈନିକ ଖବରକାଗଜ ''ସମାଜ''ରେ ବିଭିନ୍ନ ମାର୍ଗମାନଙ୍କର ନୂତନ ଅସ୍ଥାୟୀ ପରମିଟ୍ ପ୍ରାପ୍ତି ନିମନ୍ତେ ପ୍ରକାଶିତ ବିଜ୍ଞାପନ ନିମ୍ନମତେ ସଂଶୋଧନ କରାଗଲା।

| କ୍ରମିକ ସଂଖ୍ୟା | ତାରିଖ | ସମୟ |
|---|---|---|
| ୧ରୁ ୧୫୦ | ୨୯।୦୮।୨୦୨୫ | ୧୧.୩୦ ଘଟିକା |
| ୧୫୧ରୁ ୩୦୦ | ୩୦।୦୮।୨୦୨୫ | ୧୧.୩୦ ଘଟିକା |
| ୩୦୧ରୁ ୪୫୦ | ୦୧।୦୯।୨୦୨୫ | ୧୧.୩୦ ଘଟିକା |
| ୪୫୧ରୁ ୫୫୭ | ୦୨।୦୯।୨୦୨୫ | ୧୧.୩୦ ଘଟିକା |

ସ୍ୱା./- ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ, ଓଡ଼ିଶା, କଟକ
OIPR-38003/11/0086/2526

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ନଂ. ସିଇ-ଆର୍‌ଏସ୍‌ଡବ୍ଲ୍ୟୁ-୨୫-୨୬-୦୧, ତାରିଖ: ୧୯।୦୮।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଯାନ୍ତ୍ରିକ)/ଦ.ପୂ. ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ମଣ୍ଡଳରେ ରେଳବାଇ କି.ମି. ୨୩୩.୮୦ରୁ ୫୧୫.୧୧୭ (ଅସନବଣି – ଝାରସୁଗୁଡ଼ା) ମଧ୍ୟରେ ପଥଚାରୀ/ଜୀବଜନ୍ତୁ/୨-ଚକିଆ ଯାନ ପାଇଁ ବକ୍ସ ପୁଶିଂ ପଦ୍ଧତି ଦ୍ୱାରା ଆର୍‌ସିସି ବକ୍ସ (ଆକାର ୨.୫ ମି. x ୨.୫ ମି.) ସହ ୫୯ ଗୋଟି ସବ୍‌ୱେର ବ୍ୟବସ୍ଥା କରିବା । **ଟେଣ୍ଡର ମୂଲ୍ୟ:** ₹୮୮,୦୪,୫୧,୭୮୦.୮୧ । **ଅମାନତ ରାଶି:** ₹୪୫,୫୨,୩୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୯।୦୯।୨୦୨୫ରିଖ, ୧୧.୦୦ ଘଟିକା । **ସମାପ୍ତି ଅବଧି:** ୨୪ ମାସ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା ପାଇଁ ତଥା ଅନ୍‌ଲାଇନରେ ନିଜର ବିଡ୍ ଦାଖଲ କରିବା ନିମନ୍ତେ ଏହି ଟେଣ୍ଡରର ସ୍ଥିତି ଜାଣିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-542)

**JHARKHAND STATE SPORTS PROMOTION SOCIETY**
(A CCL- State Govt. of Jharkhand Joint Initiative)
C/o Mega Sports Complex, Khelgaon, Hotwar, Ranchi- 835217
Registration under Society Act No.519
Registration under GST No. 20AACAJC1Z9
OUR MISSION- OLYMPIC GOLD

NIT No: CEO/LMC/JSSPS/K/EnM/2025-26/599 Date: 14.08.2025
निविदा सूचना
Notice Inviting Tender
NIT 01 of 2025-26(EnM Works)
Tender ID: 2025_JSSPS_103854_1

1. Tenders are invited on-line under **Two Part System** on the website https://jharkhand tenders.gov.in as per the eligibility criteria defined in this tender document elsewhere.

| Description of work | Location | Estimated Cost of Work (Including GST) (In Rs.) | Earnest Money (In Rs.) | Period of Completion (In Days) |
|---|---|---|---|---|
| Replacement of 2x400W Metal Halide Light Fittings (Existing) with Supplied 400W±5%, LED Flood Light Fittings suitable for Sports Lighting including 05(Five) Years CAMC-cum-Warranty/ Guarantee at 03 (Three) nos. of Indoor Stadiums (Harivansh Tana Bhagat Indoor Stadium, Thakur Vishwanath Shahdeo Indoor Stadium & Ganpat Rai Indoor Stadium) at Mega Sports Complex, JSSPS, Khelgaon, Ranchi. | Mega Sports Complex, JSSPS, Khelgaon, Ranchi, Jharkhand | 13478432.00 ( Rupees One Crore Thirty Four Lakhs Seventy Eight Thousand and Four Hundred Thirty Two) | 168500.00 | 90 days for Supply, Installation, Testing & Commissioning + 05 Years (1826 days) for CAMC cum Warranty /Guarantee |

*Note:* The bid documents will be available on the website(s) https://jharkhandtenders.gov.in and https://www.jharkhandcclsports.in/ and can be downloaded by the bidder up to the bid download end date. There is no Application Fee.

2. For Site visit of location of work, the prospective bidder(s) may contact:

| Tender inviting authority | Contact Person(s)/Tender Dealing Officer(s) |
|---|---|
| Member (E&M), LMC, JSSPS | Member (E&M), LMC, JSSPS, 8987788600 |

3. Time Schedule of Tender:

| Sl. No. | Particulars | Date | Time |
|---|---|---|---|
| a. | Tender e-Publication date | 20.08.2025 | 15.00 Hours |
| b. | Document download start date | 20.08.2025 | 15.00 Hours |
| c. | Document download end date | 05.09.2025 | 17.00 Hours |
| d. | Bid Submission start date | 21.08.2025 | 10.00 Hours |
| e. | Bid submission end date | 05.09.2025 | 17.00 Hours |
**IDENTIFICATION NO.IFB-SE PWD BGH No.08 OF 2025-26**
**No. 4245, Dated - 13.08.2025**

1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System **in ONLINE MODE** for the **Civil & El works (Civil+El+PH) (Composite work)** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of Civil & Electrical work : **05 Nos.**
3) Cost of Tender Paper : **Rs.4,000/- Rs.6,000/- & Rs.10,000/-**
4) Class of contractor : **"D", "C" & "B" Class Contractor & "HT" Electrical Contractor**
5) Date & Time of available in web site & receipt of Bids : **11:00 Hrs. of 26.08.2025 to 17:00 Hrs. of 08.09.2025**
6) Date of opening of Technical Bid : **09.09.2025 at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / addendum will be displayed in the website https://tendersodisha.gov.in only.

Sd./- Superintending Engineer,
Bargarh (R&B) Division

OIPR-34039/11/0026/2526



**कार्यालय कार्यपालक अभियंता, लघु सिंचाई प्रमंडल, लातेहार।**

**ई0 निविदा आमंत्रण सूचना।**

ई0 निविदा संख्या–WRD/MID/ Latehar F2 - 15/2025-26
पत्रांक– 614 लातेहार/दिनांक–19.08.2025

| | | |
|---|---|---|
| 1 | कार्य का नाम | बरखेता मध्यम सिंचाई योजना का जीर्णोद्धार, बोदे मध्यम सिंचाई योजना का जीर्णोद्धार एवं दनदाहा मध्यम सिंचाई योजना का जीर्णोद्धार कार्य प्रखंड– बरवाडीह। |
| 2 | प्राक्कलित राशि (लाख में) | 212.551 Lakh |
| 3 | कार्य पूर्ण करने की अवधि | 11 माह |
| 4 | ई0 निविदा वेबसाईट पर प्रकाशित करने की तिथि | 28.08.2025 |
| 5 | ई0 निविदा प्राप्त करने की अंतिम तिथि एवं समय | 08.09.2025 3.00 बजे अपराह्न तक |
| 6 | बीड फीस एवं अग्रधन जमा करने की अंतिम तिथि एवं समय | 08.09.2025 3.00 बजे अपराह्न तक e-procurement portal(Jharkhand tenders.gov. in) |
| 7 | ई0 निविदा खुलने की तिथि एवं समय | 10.09.2025 12.30 बजे अपराह्न। |
| 8 | (क) निविदा आमंत्रित करने वाले पदाधिकारी का पदनाम एवं पता (ख) निविदा आमंत्रित करने वाले पदाधिकारी का फोन नं0 | कार्यपालक अभियंता, लघु सिंचाई प्रमंडल, लातेहार। |
| | ई0 प्रोक्योमेंट सेल एवं हेल्प लाईन संख्या | 0651– 2214784 |

नोट:– केवल ई0 निविदा ही स्वीकार की जायेगी
प्राक्कलित राशि घट बढ़ सकती है।
विस्तृत जानकारी के लिए वेबसाईट–jharkhandtenders gov in में देखा जा सकता है।

कार्यपालक अभियंता,
लघु सिंचाई प्रमंडल, लातेहार।

PR 359911 (Water Resource) 25-26 (D)



**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर।**
**लापता: आवश्यक सूचना**



**गुमशुदा लड़की सोहागी मुर्मू, उम्र–19 वर्ष।**

सर्व साधारण को सूचित किया जाता है कि आवेदक बाबलु मांझी के द्वारा अपनी पुत्री सोहागी मुर्मू, उम्र–19 वर्ष की गुमशुदगी के संबंध में चाकुलिया थाना में लिखित आवेदन दिया गया है। आवेदन में इनके द्वारा बताया गया कि गुमशुदा सोहागी मुर्मू, उम्र–19 वर्ष, पिता–बाबलु मांझी, पता–ग्राम–कुचियाशोली, पो0–बालिबॉध, थाना–चाकुलिया, जिला–पूर्वी सिंहभूम, जमशेदपुर जो दिनांक–16.04.2024 को चाकुलिया बाजार जाने के लिए घर से निकली है परन्तु अभी तक अपने घर वापस नहीं लौटी है। आवेदक एवं इनके परिजनों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा लडकी का हुलिया निम्न प्रकार है:–ऊँचाई–05 फीट, रंग–सांवला, पहनावा–सलवार सुट।

अत: आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक (ग्रामीण), पूर्वी सिंहभूम, जमशेदपुर : 9470199228
अनु0पु0पदा0, घाटशिला : 9431706485
थाना प्रभारी, चाकुलिया : 9431706520

वरीय पुलिस अधीक्षक,
पूर्वी सिंहभूम, जमशेदपुर।

PR 359955 Police(25-26)D

# ବେଗୁନିଆକୁ ଏନ୍‌ଏସି ମାନ୍ୟତା ମିଳିନି

■ ପ୍ରତିବାଦରେ ଗାନ୍ଧୀ ସ୍ମୃତିପୀଠରେ ବିକାଶ ମଞ୍ଚର ଗଣଧାରଣା
■ ଡ୍ରାଫ୍ଟ ନୋଟିସ ପ୍ରକାଶ ପରେ ତେଜିଲା ଜନ ଅସନ୍ତୋଷ

ବେଗୁନିଆ,୨୦।୮(ହର ପ୍ରସନ୍ନ ପଣ୍ଡା)

ଅଞ୍ଚଳବାସୀଙ୍କ ମୌଳିକ ଆବଶ୍ୟକତା ଓ ଦାବିକୁ ଦୃଷ୍ଟିରେ ରଖି ଏପର୍ଯ୍ୟନ୍ତ ବେଗୁନିଆକୁ ଏନ୍‌ଏସି ମାନ୍ୟତା ମିଳିପାରିନାହିଁ। ବେଗୁନିଆ ବିକାଶ ମଞ୍ଚ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ଏଥିଲାଗି ବାରମ୍ବାର ଦାବି ହୋଇଆସୁଛି। ବିଗତ ଦିନରେ ଆନ୍ଦୋଳନ ମଧ୍ୟ ହୋଇଛି। ପ୍ରଶାସନିକ ଅଧିକାରୀ ଓ ରାଜନେତାମାନେ ବେଗୁନିଆକୁ ଏନ୍‌ଏସି ମାନ୍ୟତା ମିଳିବ ବୋଲି ପ୍ରତିଶ୍ରୁତି ଦେଇଆସୁଥିଲେ। ଏପରିକି ତତ୍କାଳୀନ ବିଜେଡି ସରକାରଙ୍କ ପକ୍ଷରୁ ୨୦୨୪ ଫେବୃଆରୀରେ ବେଗୁନିଆକୁ ଏନ୍‌ଏସି ମାନ୍ୟତା ମିଳିବ ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ ତାଲିକା ପ୍ରକାଶ ପାଇଥିଲା। ହେଲେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇ ନ ଥିଲା। ଏପରିକି ସରକାର ବଦଳିବା ପରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ଅଗଷ୍ଟ ୧୫ରେ ଡ୍ରାଫ୍ଟ ନୋଟିସ ପ୍ରକାଶ ପାଇଛି। ସେଥିରେ ୭ ଜିଲାର ୧୨ଟି ନୂତନ ଏନ୍‌ଏସି ଘୋଷଣା କରାଯାଇଛି। ମାତ୍ର ଉକ୍ତ


ଗାନ୍ଧୀ ସ୍ମୃତିପୀଠ ପରିସରରେ ବିକାଶ ମଞ୍ଚର ଆନ୍ଦୋଳନ।

ତାଲିକାରେ ବେଗୁନିଆର ନାମ ନାହିଁ। ଏହାକୁ ନେଇ ବେଗୁନିଆରେ ଜନ ଅସନ୍ତୋଷ ଦେଖାଦେଇଥିବାବେଳେ ବୁଧବାର ବେଗୁନିଆ ବିକାଶ ମଞ୍ଚ ପକ୍ଷରୁ ଥାନା ସମ୍ମୁଖସ୍ଥ ଗାନ୍ଧୀ ସ୍ମୃତିପୀଠରେ ଗଣଧାରଣା ଦିଆଯାଇଛି। ଆୟୋଜକ ମଞ୍ଚର ଆବାହକ ଶିବ କୁମାର ମୁନି ଏବଂ ସଭାପତି ତଥା ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ରାୟଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ, ବେଗୁନିଆବାସୀ ଧାରଣାରେ ସାମିଲ ହୋଇଥିଲେ। ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓ ସନ୍ତୋଷ କୁମାର ଜେନାଙ୍କୁ ବିକାଶ ମଞ୍ଚ ପକ୍ଷରୁ ଦାବିପତ୍ର ଦିଆଯାଇଛି।

ପ୍ରକାଶ ଥାଉକି, ବେଗୁନିଆ ଗ୍ରାମପଞ୍ଚାୟତ ପକ୍ଷରୁ ଏନ୍‌ଏସି ପ୍ରସ୍ତାବିତ ଚିଠି ନଂ. ୨୧/୧୬.୨.୨୦୧୫ରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଭୌଗଳିକ ସ୍ଥିତି, ବର୍ଦ୍ଧିତ ଜନସଂଖ୍ୟା ଓ ଆବଶ୍ୟକତା ଦୃଷ୍ଟିରୁ ଏପରି ଦାବିର ବେଶ୍ ଗୁରୁତ୍ୱ ରହିଛି। ବେଗୁନିଆ ସଦର ମହକୁମାରେ ବ୍ଲକ କାର୍ଯ୍ୟାଳୟ, ତହସିଲ ଅଫିସ, ମୁଖ୍ୟ ଡାକଘର, ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟ, ଦମକଳ କେନ୍ଦ୍ର, ଥାନା, ଜେଏମ୍‌ଏଫ୍‌ସି କୋର୍ଟ, ଟେଲିଫୋନ ଭବନ, କୃଷି କାର୍ଯ୍ୟାଳୟ, ସରକାରୀ ଡାକ୍ତରଖାନା, ରେଲୱେ ଷ୍ଟେଶନ, ପ୍ରାଣୀ ସହାୟକ କେନ୍ଦ୍ର ସହିତ ପରିବା ହାଟ ଓ ବଡ଼ ବଜାର ରହିଛି। ବ୍ଲକର ୮୦ ପ୍ରତିଶତ ଜନସାଧାରଣ ସରକାରୀ ଚାକିରି ଓ ବ୍ୟବସାୟ କରୁଛନ୍ତି। ଏଠାକୁ ବେଗୁନିଆ ବ୍ଲକର ୨୧ ଓ ବୋଲଗଡ଼ ବ୍ଲକର ୭ଟି ପଞ୍ଚାୟତର ଲୋକେ ଦୈନିକ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ବର୍ତ୍ତମାନ ବେଗୁନିଆର ଜନସଂଖ୍ୟା ପ୍ରାୟ ୧୮ ହଜାରରୁ ଅଧିକ ହେବ। ଏହି ପଞ୍ଚାୟତର ବାର୍ଷିକ ରାଜସ୍ୱ ଆଦାୟ ପ୍ରାୟ ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ପହଞ୍ଚିଛି। ଏ ସମସ୍ତ ଯୋଗ୍ୟତାକୁ ନେଇ ବେଗୁନିଆକୁ ଏନ୍‌ଏସି ଘୋଷଣା କରାଯିବାକୁ ଦାବି ହେଉଛି।

# ବ୍ୟବସାୟୀଙ୍କୁ ଥଇଥାନ ପାଇଁ କମିଟି ଗଠିତ


ବୈଠକରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଏବଂ ଅନ୍ୟମାନେ।

## ଖୋର୍ଦ୍ଧା ପୌର ପରିଷଦ ସାଧାରଣ ବୈଠକ

ଖୋର୍ଦ୍ଧା,୨୦।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌର ପରିଷଦ ସାଧାରଣ ବୈଠକ ବୁଧବାର ଜୟୀ ରାଜଗୁରୁ ଭବନସ୍ଥିତ ପୌର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଅଗଷ୍ଟ ୩୧ ତାରିଖି ସ୍ୱାୟତ୍ତ ଶାସନ ଦିବସ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ଉନ୍ନୟନ କାର୍ଯ୍ୟ, ନିର୍ମାଣାଧୀନ ପ୍ରକଳ୍ପର ଅଗ୍ରଗତି, କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବ୍ୟବସାୟୀଙ୍କୁ ଉଚ୍ଛେଦ ପୂର୍ବରୁ ଉପଯୁକ୍ତ ସ୍ଥାନରେ ଥଇଥାନ ଉପରେ କେତେଜଣ ସଦସ୍ୟ ମତ ରଖିଥିଲେ। ଏ ସଂକ୍ରାନ୍ତରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କହିଲେ, ଜମି ଚିହ୍ନଟ ଏବଂ ଅଧିଗ୍ରହଣ ନିମନ୍ତେ ସ୍ଥାନୀୟ ତହସିଲଦାରଙ୍କ ସହ ଆଲୋଚନା କରାଯାଇଛି। ବିନା କାଉନ୍‌ସିଲ ବୈଠକ ଓ ଆଲୋଚନାରେ ପୌର ପ୍ରଶାସନ ପକ୍ଷରୁ ଦୋକାନ ଗୃହ ସିଲ୍ ସହ ଏକପାଖିଆ ଭାବେ ଦୋକାନ ମାଲିକଙ୍କୁ ନୋଟିସ ଜାରି କରାଯାଉଛି। ତେଣୁ ଦୋକାନୀ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପୌର ପ୍ରଶାସନର ମନମୁଖି କାର୍ଯ୍ୟ ପ୍ରତିବାଦରେ ପୁଣି ପୁଞ୍ଜୀଭୂତ ଅସନ୍ତୋଷ କୁହୁଳୁଛି ବୋଲି କେତେଜଣ କାଉନ୍‌ସିଲ ପୌରାଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିନା କାଉନ୍‌ସିଲ ବୈଠକ ଆଲୋଚନାରେ କୌଣସି ନିଷ୍ପତ୍ତି ନିଆଯାଇପାରିବ ନାହିଁ ବୋଲି ପୌରାଧ୍ୟକ୍ଷା ସ୍ପଷ୍ଟ କରିଥିଲେ। ଏଥିଲାଗି ପୌରାଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ଏକ ୬ଜଣିଆ କମିଟି ଗଠନ କରାଯାଇଛି। ପୌର ପରିଷଦ ଅଧୀନରେ ଥିବା ଦୋକାନ ଗୃହ ଓ କ୍ୟାବିନ ଉଚ୍ଛେଦ, ଥଇଥାନ ସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ ପୂର୍ବରୁ ଗଠିତ କମିଟିର ଅନୁମୋଦନ କ୍ରମେ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି। ଏଥିସହିତ କାଉନ୍‌ସିଲରଙ୍କ ପ୍ରସ୍ତାବକ୍ରମେ ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ନିର୍ମାଣ ହେବାକୁ ଥିବା ରାସ୍ତା, ଡ୍ରେନ୍, ମରାମତି ପୁନରୁଦ୍ଧାର ପାଇଁ ବ୍ୟୟ ଅଟକଳ ଚୂଡ଼ାନ୍ତ କରାଯାଇଛି। ବର୍ଷା ପାଣି ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ରିଜୱାନା କଅକବ, ସମସ୍ତ କାଉନସିଲର, ବିଭିନ୍ନ ବିଭାଗ ଓ ଉପବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ଫୁଟବଲ ଲିଗ୍: ଏସ୍‌ଏସ୍‌ଏ ୪-୦ରେ ବିଜୟୀ


ଅତିଥି ଏବଂ ରେଫରିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଖୋର୍ଦ୍ଧା,୨୦।୮(ପ୍ରଭାତ ପାଣିଗ୍ରାହୀ)

ଶରଧାପୁର ସ୍ପୋର୍ଟସ୍ ଆସୋସିଏଶନ (ଏସ୍‌ଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ୨ୟ ଫୁଟବଲ ଲିଗ୍ ମ୍ୟାଚରେ ଆୟୋଜକ ଟିମ୍ ଏସ୍‌ଏସ୍‌ଏ ବିଜୟୀ ହୋଇଛି। ବୁଧବାର ସ୍ଥାନୀୟ ଖେଳପଡ଼ିଆରେ ଭେଟେରାନ ଦଳ ଏସ୍‌ଏସ୍‌ଏ ଟିମ୍ ବନାମ ବେଣାପଞ୍ଜରୀ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆରମ୍ଭରୁ ଆୟୋଜକ ଟିମ୍ ଖେଳାଳିମାନେ ଆକ୍ରମଣାତ୍ମକ ଢଙ୍ଗରେ ଖେଳିଥିଲେ। ଏସ୍‌ଏସ୍‌ଏ ଟିମ୍‌ର ୩ ଜଣ ଖେଳାଳି ପ୍ରଥମ ୧୦ ମିନିଟରେ ଗୋଟିଏ ପରେ ଗୋଟିଏ ଗୋଲ ଦେଇ ଦଳକୁ ଏକପାଖିଆ ଭାବେ ୪-୦ ବ୍ୟବଧାନରେ ବିଜୟ ଭେଟି ଦେଇଥିଲେ। ବିପକ୍ଷ ଦଳକୁ ଗୋଲ କରିବାର ସୁଯୋଗ ମିଳି ନ ଥିଲା। ସାଗିର ଅହମ୍ମଦ ରେଫରି ଦାୟିତ୍ୱ ତୁଲାଇଥିଲେ। ତାଙ୍କୁ ଇଜାଜ ହୁସେନ, ଆମ୍‌ଜାଦ ଖାଁ ଓ ସୈକତ ଅହମ୍ମଦ ସହଯୋଗ କରିଥିଲେ। ଅତିଥି ଭାବେ ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ବଡ଼ଜେନା, ଆୟୋଜକ କମିଟି ସଭାପତି ମହମ୍ମଦ ଜମିବରୁ ରହେମାନ, ମୀନକେତନ ବଡ଼ଜେନା, ମୁସାରତ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ତରତୁଆ ବନାମ ଜଟଣୀ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯିବ।

# ଅସହାୟ ସହଦେବଙ୍କୁ ମିଳୁନି ବାର୍ଦ୍ଧକ୍ୟଭତ୍ତା, ରାଶନ

ବୋଲଗଡ଼,୨୦।୮(ଦେବବ୍ରତ ହୋତା)

ଗରିବ ସୀମାରେଖା ତଳେ ଥିବା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସଂପୁର ଗ୍ରାମର ୬୮ ବର୍ଷୀୟ ଅସହାୟ ବୃଦ୍ଧ ସହଦେବ ବାରିକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ରାଶନ ସାମଗ୍ରୀ ମିଳୁନାହିଁ। ୭ପ୍ରାଣୀ କୁଟୁମ୍ବଙ୍କ ମୁହଁରେ ଦୁଇବେଳା ଦାନ ଦେବାକୁ ଅସମର୍ଥ ସହଦେବ ଅଣ୍ଟାରୋଗରେ ପୀଡ଼ିତ ଥିବା ବେଳେ ତାଙ୍କର ଦୁଇ ବୟସ୍କ ପୁଅ ମଧ୍ୟରୁ ବଡ଼ପୁଅ ଅକର୍ମଣ୍ୟ ହୋଇପଡ଼ିଛନ୍ତି। ଦିନ ମଜୁରିଆ ସାନପୁଅଙ୍କ ସ୍ୱଳ୍ପ ରୋଜଗାର ପରିବାର ପ୍ରତିପୋଷଣର ଏକମାତ୍ର ମାଧ୍ୟମ ପାଲଟିଛି। ଏ ନେଇ ସହଦେବ ସରପଞ୍ଚଙ୍କଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରିଥିଲେ ବି ନିରାଶ ହୋଇଛନ୍ତି। ଖଙ୍ଗୁରିଆ ସରପଞ୍ଚ ଜଳଧର ମହାନ୍ତି କହିଛନ୍ତି, ସହଦେବଙ୍କ ପରିବାର ଆଗରୁ ସାମାଜିକ ସୁରକ୍ଷା ଯୋଜନାରେ ରାଶନ ସାମଗ୍ରୀ ପାଉଥିଲେ। ତେବେ ତାଙ୍କ ଆଧାର କାର୍ଡ ଓ ରାଶନ କାର୍ଡ ଲିଙ୍କ କରିବା ପାଇଁ ଆବଶ୍ୟକ ସମୟରେ ଦସ୍ତାବିଜ୍ ଦାଖଲ କରିବାରେ ଅବହେଳା କାରଣରୁ ଏହା ରଦ୍ଦ ହୋଇଯାଇଛି। ତାକୁ ପୁନଃ କାର୍ଯ୍ୟକ୍ଷମ କରିବା ସମ୍ଭବ ହେଉନାହିଁ। ଏ ନେଇ ସେ ପୁନର୍ବାର ଆବେଦନ କରିଛନ୍ତି। ସେହିପରି ମଧୁବାବୁ ପେନସନ୍ ଯୋଜନା ଭତ୍ତା ପାଇଁ ତାଙ୍କ ଭୋଟର ପରିଚୟପତ୍ରରେ ଏବେ ୬୦ ବର୍ଷ ହୋଇଥିବାରୁ ସେ ନୂତନ ଆବେଦନ କରିଛନ୍ତି। କିନ୍ତୁ ତାଙ୍କ ଆଧାର କାର୍ଡରେ ବୟସ ୬୭ରୁ ଅଧିକ ଦର୍ଶାଯାଇଛି। ତେବେ ଏହି ନୂତନ ଆବେଦନ ବଳରେ ଆଗାମୀ ଦିନରେ ତାଙ୍କୁ ଭତ୍ତା ଓ ରାଶନ ସାମଗ୍ରୀ ମିଳିବ ବୋଲି ମହାନ୍ତି ପ୍ରକାଶ କରିଛନ୍ତି।

# କ୍ଲଷ୍ଟରସ୍ତରୀୟ ଆସ ସ୍କୁଲ ଯିବା କମିଟି ବୈଠକ

ଟାଙ୍ଗୀ,୨୦।୮(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଆସ ସ୍କୁଲ ଯିବା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ମମତା ଦାଶ ସଭାପତିତ୍ୱ କରିଥିବାବେଳେ କୁହୁଡ଼ି, ରତନପୁର ପଞ୍ଚାୟତର ସରପଞ୍ଚ, ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଆଲୁମିନି କମିଟି ସଭାପତି, ଶିକ୍ଷାବିତ, ପରିଚାଳନା କମିଟି ସଭାପତି, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଯୋଗ ଦେଇଥିଲେ। ଗତ ଖରାଛୁଟିରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଘର ଘର ବୁଲି ଅଧାରୁ ପାଠ ଛାଡ଼ିଥିବା, ଆଦୌ ବିଦ୍ୟାଳୟକୁ ଆସି ନ ଥିବା ପିଲାଙ୍କୁ ଚିହ୍ନଟ କରିଥିଲେ। ବିଦ୍ୟାଳୟକୁ ଆସି ନ ଥିବା ୩ ଜଣ ଓ ଅଧାରୁ ପାଠ ଛାଡିଥିବା ୨ଜଣ ଚିହ୍ନଟ ହୋଇଥିଲେ। ସେମାନଙ୍କର ମାତା ପିତାଙ୍କୁ ପ୍ରବର୍ତ୍ତାଇ କିପରି ଏହି ପିଲାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୧୪ ବର୍ଷରୁ ଊର୍ଦ୍ଧ୍ୱ ବୟସର ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ଭୋକେଶନାଲରେ ନାମ ଲେଖାଇବା ପାଇଁ ସମସ୍ତେ ଉଦ୍ୟମ କରିବା ପାଇଁ ସୂଚନା ଦିଆଯାଇଥିଲା। ନିରକ୍ଷରତା ହାର ହ୍ରାସ କରିବା ପାଇଁ ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ଉଲ୍ଲାସ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୀନବନ୍ଧୁ ପୃଷ୍ଟି ସଂଯୋଜନା କରିଥିଲେ।


**ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ**

**ବସ୍ ମାଲିକଙ୍କ ସମ୍ବନ୍ଧେ ସଂଶୋଧିତ ବିଜ୍ଞାପନ**

**ଶୁଦ୍ଧିପତ୍ର**

No. JJ-42: ଏତଦ୍ଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ତା୦୨।୦୮।୨୦୨୫ରିଖରେ ଦୈନିକ ଖବରକାଗଜ ''ସମାଜ''ରେ ବିଭିନ୍ନ ମାର୍ଗମାନଙ୍କର ନୂତନ ଅସ୍ଥାୟୀ ପରମିଟ୍ ପ୍ରାପ୍ତି ନିମନ୍ତେ ପ୍ରକାଶିତ ବିଜ୍ଞାପନ ନିମ୍ନମତେ ସଂଶୋଧନ କରାଗଲା।

| କ୍ରମିକ ସଂଖ୍ୟା | ତାରିଖ | ସମୟ |
|---|---|---|
| ୧ରୁ ୧୫୦ | ୨୯।୦୮।୨୦୨୫ | ୧୧.୩୦ ଘଟିକା |
| ୧୫୧ରୁ ୩୦୦ | ୩୦।୦୮।୨୦୨୫ | ୧୧.୩୦ ଘଟିକା |
| ୩୦୧ରୁ ୪୫୦ | ୦୧।୦୯।୨୦୨୫ | ୧୧.୩୦ ଘଟିକା |
| ୪୫୧ରୁ ୫୫୭ | ୦୨।୦୯।୨୦୨୫ | ୧୧.୩୦ ଘଟିକା |

ସ୍ୱା./- ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ, ଓଡ଼ିଶା, କଟକ
OIPR-38003/11/0086/2526

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ନଂ. ସିଇ-ଆର୍‌ଏସ୍‌ଡବ୍ଲ୍ୟୁ-୨୫-୨୬-୦୧, ତାରିଖ: ୧୯।୦୮।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଯାନ୍ତ୍ରିକ)/ଦ.ପୂ. ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ମଣ୍ଡଳରେ ରେଳବାଇ କି.ମି. ୨୩୩.୮୦ରୁ ୫୧୫.୧୧୭ (ଅସନବଣି – ଝାରସୁଗୁଡ଼ା) ମଧ୍ୟରେ ପଥଚାରୀ/ଜୀବଜନ୍ତୁ/୨-ଚକିଆ ଯାନ ପାଇଁ ବକ୍ସ ପୁଶିଂ ପଦ୍ଧତି ଦ୍ୱାରା ଆର୍‌ସିସି ବକ୍ସ (ଆକାର ୨.୫ ମି. x ୨.୫ ମି.) ସହ ୫୯ ଗୋଟି ସବ୍‌ୱେର ବ୍ୟବସ୍ଥା କରିବା । **ଟେଣ୍ଡର ମୂଲ୍ୟ:** ₹୮୮,୦୪,୫୧,୭୮୦.୮୧ । **ଅମାନତ ରାଶି:** ₹୪୫,୫୨,୩୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୯।୦୯।୨୦୨୫ରିଖ, ୧୧.୦୦ ଘଟିକା । **ସମାପ୍ତି ଅବଧି:** ୨୪ ମାସ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା ପାଇଁ ତଥା ଅନ୍‌ଲାଇନରେ ନିଜର ବିଡ୍ ଦାଖଲ କରିବା ନିମନ୍ତେ ଏହି ଟେଣ୍ଡରର ସ୍ଥିତି ଜାଣିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-542)

**JHARKHAND STATE SPORTS PROMOTION SOCIETY**
(A CCL- State Govt. of Jharkhand Joint Initiative)
C/o Mega Sports Complex, Khelgaon, Hotwar, Ranchi- 835217
Registration under Society Act No.519
Registration under GST No. 20AACAJC1Z9
OUR MISSION- OLYMPIC GOLD

NIT No: CEO/LMC/JSSPS/K/EnM/2025-26/599 Date: 14.08.2025

निविदा सूचना

**Notice Inviting Tender**
NIT 01 of 2025-26(EnM Works)
Tender ID: 2025_JSSPS_103854_1

1. Tenders are invited on-line under **Two Part System** on the website https://jharkhand tenders.gov.in as per the eligibility criteria defined in this tender document elsewhere.

| Description of work | Location | Estimated Cost of Work (Including GST) (In Rs.) | Earnest Money (In Rs.) | Period of Completion (In Days) |
|---|---|---|---|---|
| Replacement of 2x400W Metal Halide Light Fittings (Existing) with Supplied 400W±5%, LED Flood Light Fittings suitable for Sports Lighting including 05(Five) Years CAMC-cum-Warranty/ Guarantee at 03 (Three) nos. of Indoor Stadiums (Harivansh Tana Bhagat Indoor Stadium, Thakur Vishwanath Shahdeo Indoor Stadium & Ganpat Rai Indoor Stadium) at Mega Sports Complex, JSSPS, Khelgaon, Ranchi. | Mega Sports Complex, JSSPS, Khelgaon, Ranchi, Jharkhand | 13478432.00 ( Rupees One Crore Thirty Four Lakhs Seventy Eight Thousand and Four Hundred Thirty Two) | 168500.00 | 90 days for Supply, Installation, Testing & Commissioning + 05 Years (1826 days) for CAMC cum Warranty /Guarantee |

*Note:* The bid documents will be available on the website(s) https://jharkhandtenders.gov.in and https://www.jharkhandcclsports.in/ and can be downloaded by the bidder up to the bid download end date. There is no Application Fee.

2. For Site visit of location of work, the prospective bidder(s) may contact:

| Tender inviting authority | Contact Person(s)/Tender Dealing Officer(s) |
|---|---|
| Member (E&M), LMC, JSSPS | Member (E&M), LMC, JSSPS, 8987788600 |

3. Time Schedule of Tender:

| Sl. No. | Particulars | Date | Time |
|---|---|---|---|
| a. | Tender e-Publication date | 20.08.2025 | 15.00 Hours |
| b. | Document download start date | 20.08.2025 | 15.00 Hours |
| c. | Document download end date | 05.09.2025 | 17.00 Hours |
| d. | Bid Submission start date | 21.08.2025 | 10.00 Hours |
| e. | Bid submission end date | 05.09.2025 | 17.00 Hours |
| f. | Start date for seeking Clarification on-line | 20.08.2025 | 15.00 Hours |
| g. | Last date for seeking Clarification on-line | 25.08.2025 | 17.00 Hours |
| h. | Date of Pre-bid meeting (if any) | NA | NA |
| i. | Technical Bid (Cover I) opening date | 06.09.2025 | 17.00 Hours |
| j. | Price Bid (Cover II) opening date | To be notified later | ---------- |

Sd/-
CEO, LMC, JSSPS
Khelgaon, Hotwar, Ranchi.
PR.NO.359901 Art Culture Sports and Youth Affairs(25-26):D

**ଫର୍ମ ନଂ. ୧୩**
**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
**ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା**
**୨୦୨୪ର ଓ.ଏ ନଂ. ୨୩୮**

କାନାରା ବ୍ୟାଙ୍କ, ଚନ୍ଦନପୁର ଶାଖା ...ଆବେଦନକାରୀ
ବନାମ
ବାସନ୍ତୀ ମିଶ୍ର ......ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,
ବାସନ୍ତୀ ମିଶ୍ର, ସ୍ୱାମୀ: ଗୋଦାବରିଶ ମିଶ୍ର, ସା/ପୋ: ଚନ୍ଦନପୁର, ଜିଲ୍ଲା: ପୁରୀ, ପିନ୍-୭୫୨୦୧୨ (ପ୍ରତିବାଦୀ ନଂ. ୧)

ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ **୨୦୨୪ର ଓ.ଏ. ନଂ. ୨୪୦** ଦ୍ୱାରା **ଟ.୨୫,୨୭,୯୯୦.୧୬(ପି)** ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର **୩୦ଦିନ** ମଧ୍ୟରେ କିମ୍ବା **ତା.୧୭/୧୦/୨୦୨୫ରିଖ ପୂର୍ବାହ୍ନ ୧୦.୩୦** ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କର ପକ୍ଷ ରଖିପାରିବେ ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ ।

ଋଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ସହିମୋହର ସହ ଦିନାଙ୍କ **୬ ଅଗଷ୍ଟ ୨୦୨୫**ରେ ଆଦିଷ୍ଟ ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

**भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान**
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha

Advertisement No. 17/2025-26 Date of Insertion- 20.08.2025

**वॉक-इन-इंटरव्यू**

भा.कृ.अनु.प- केन्द्रीय मीठाजल जीव पालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए 01(एक) यंग प्रोफेशनल-I पद की भर्ती हेतु दिनांक 03.09.2025 को पू.10.00 बजे चल-साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।

**WALK-IN INTERVIEW**

A Walk-in-Interview will be held on **03.09.2025 at ICAR-CIFA, Bhubaneswar** at 10.00 A.M. for **01 (One) no. of Young Professional-I at ICAR-CIFA, Bhubaneswar,** purely on contractual basis to work under **ECRICC project entitled "Livelihood Development through Ornamental aquaculture for Enhancing Climate Resilience of Vulnerable Coastal Communities in 4 Coastal Districts of Odisha (Ganjam, Puri, Kendrapada and Balasore)".** For further details please visit to ICAR-CIFA website: http://www.cifa.nic.in.

मुख्य जाँचकर्ता/Principal Investigator

**BABA BHAIRABANANDA AUTONOMOUS MAHAVIDYALAYA**
Chandikhole, Jajpur, Odisha - 755044
Email: bbmprincipal@gmail.com, Mob.: 9437264845
Letter No. 780/25 Date: 19.08.2025

**TENDER CALL NOTICE**
**FOR UPGRADATION OF IT INFRASTRUCTURE**

No. CAD-1514: Sealed tenders are invited in two bid system (Technical and Financial) from interested reputed registered firms/authorized suppliers/agencies having valid up-to-date GST/IT Clearance for supply and installation of IT equipments like Desktop Computers, UPS, MFM Printers, LED TV (65 inch), wireless mice & cameras for virtual meeting at B.B. (Auto.) Mahavidyalaya, as prescribed by the Govt. of Odisha vide Letter No. 12655/Dt.05.03.2025. Sealed tenders complete in all respects with a Demand Draft of Rs.8000/- in favour of Principal, B.B. Mahavidyalaya, Chandikhol, payable at P.N.B., Darpan Branch, should reach the undersigned on or before 06.09.2025, 04.00 P.M. through Registered/Speed Post only. The authority reserves the right to cancel the tender without assigning any reason thereof. For details, please visit the college website **https://bbmchandikhole.org**.

Sd./- Principal-cum-Secretary
B.B. (Auto.) Mahavidyalaya
Chandikhole, Jajpur
OIPR-11179/11/0001/2526

**[GOVERNMENT OF ODISHA]**
**OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH**
No.B-407
E-mail - eepwdbgh@gmail.com Phone/Fax - 06646-234819

**INVITATIONS FOR BIDS (I.F.B)**
**e-Procurement Notice**
**IDENTIFICATION NO.IFB-SE PWD BGH No.08 OF 2025-26**
**No. 4245, Dated - 13.08.2025**

1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System **in ONLINE MODE** for the **Civil & EI works (Civil+EI+PH) (Composite work)** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of Civil & Electrical work : **05 Nos.**
3) Cost of Tender Paper : **Rs.4,000/- Rs.6,000/- & Rs.10,000/-**
4) Class of contractor : **"D", "C" & "B" Class Contractor & "HT" Electrical Contractor**
5) Date & Time of available in web site & receipt of Bids : **11:00 Hrs. of 26.08.2025 to 17:00 Hrs. of 08.09.2025**
6) Date of opening of Technical Bid : **09.09.2025 at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / addendum will be displayed in the website https://tendersodisha.gov.in only.

Sd./- Superintending Engineer,
Bargarh (R&B) Division
OIPR-34039/11/0026/2526

**कार्यालय कार्यपालक अभियंता, लघु सिंचाई प्रमंडल, लातेहार।**

**ई0 निविदा आमंत्रण सूचना।**

ई0 निविदा संख्या–WRD/MID/ Latehar F2 - 15/2025-26
पत्रांक– 614 लातेहार/दिनांक–19.08.2025

| | | |
|---|---|---|
| 1 | कार्य का नाम | बरखेता मध्यम सिंचाई योजना का जीर्णोद्धार, बोदे मध्यम सिंचाई योजना का जीर्णोद्धार एवं दनदाहा मध्यम सिंचाई योजना का जीर्णोद्धार कार्य प्रखंड– बरवाडीह। |
| 2 | प्राक्कलित राशि (लाख में) | 212.551 Lakh |
| 3 | कार्य पूर्ण करने की अवधि | 11 माह |
| 4 | ई0 निविदा वेबसाईट पर प्रकाशित करने की तिथि | 28.08.2025 |
| 5 | ई0 निविदा प्राप्त करने की अंतिम तिथि एवं समय | 08.09.2025 3.00 बजे अपराह्न तक |
| 6 | बीड फीस एवं अग्रधन जमा करने की अंतिम तिथि एवं समय | 08.09.2025 3.00 बजे अपराह्न तक e-procurement portal(Jharkhand tenders.gov. in) |
| 7 | ई0 निविदा खुलने की तिथि एवं समय | 10.09.2025 12.30 बजे अपराह्न। |
| 8 | (क) निविदा आमंत्रित करने वाले पदाधिकारी का पदनाम एवं पता (ख) निविदा आमंत्रित करने वाले पदाधिकारी का फोन नं0 | कार्यपालक अभियंता, लघु सिंचाई प्रमंडल, लातेहार। |
| | ई0 प्रोक्योमेंट सेल एवं हेल्प लाईन संख्या | 0651– 2214784 |

नोट:– केवल ई0 निविदा ही स्वीकार की जायेगी
प्राक्कलित राशि घट बढ़ सकती है।
विस्तृत जानकारी के लिए वेबसाईट–jharkhandtenders gov in में देखा जा सकता है।

कार्यपालक अभियंता,
लघु सिंचाई प्रमंडल, लातेहार।
PR 359911 (Water Resource) 25-26 (D)

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर।**
**लापता: आवश्यक सूचना**



**गुमशुदा लड़की सोहागी मुर्मू, उम्र–19 वर्ष।**

सर्व साधारण को सूचित किया जाता है कि आवेदक बाबलु मांझी के द्वारा अपनी पुत्री सोहागी मुर्मू, उम्र–19 वर्ष की गुमशुदगी के संबंध में चाकुलिया थाना में लिखित आवेदन दिया गया है। आवेदन में इनके द्वारा बताया गया कि गुमशुदा सोहागी मुर्मू, उम्र–19 वर्ष, पिता–बाबलु मांझी, पता–ग्राम–कुचियाशोली, पो0–बालिबॉध, थाना–चाकुलिया, जिला–पूर्वी सिंहभूम, जमशेदपुर जो दिनांक–16.04.2024 को चाकुलिया बाजार जाने के लिए घर से निकली है परन्तु अभी तक अपने घर वापस नहीं लौटी है। आवेदक एवं इनके परिजनों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा लड़की का हुलिया निम्न प्रकार है:–ऊँचाई–05 फीट, रंग–सांवला, पहनावा–सलवार सुट।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक (ग्रामीण), पूर्वी सिंहभूम, जमशेदपुर : 9470199228
अनु0पु0पदा0, घाटशिला : 9431706485
थाना प्रभारी, चाकुलिया : 9431706520

वरीय पुलिस अधीक्षक,
पूर्वी सिंहभूम, जमशेदपुर।
PR 359955 Police(25-26)D

## ନଦୀକୁ ଡେଇଁ ଯୁବକ ନିଖୋଜ

ଉଦଳା,(ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା ଉଦଳାସ୍ଥିତ ଜିରିଡ଼ା ପୋଲ ଉପରୁ ସୋନ ନଦୀକୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଉଦଳା ଏନ୍‌ଏସି ଅଧୀନ ୯ନଂ. ୱାର୍ଡର ଅସୀମ ଅମିତାଭ ବିଶ୍ୱାଳ। ବୁଧବାର ରାତିରେ ସାଙ୍ଗଙ୍କ ସହିତ ବାଇକ୍‌ରେ ଆସି ହଠାତ୍ ଗାଡ଼ିରୁ ଓହ୍ଲାଇ ପୋଲ ଉପରୁ ତଳକୁ ଡେଇଁ ପଡ଼ିଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଲଗାଣ ବର୍ଷା ଯୋଗୁ ସୋନ ନଦୀ ଜଳସ୍ତର ବୃଦ୍ଧି ପାଇଥିବା କାରଣରୁ ତାଙ୍କୁ ଖୋଜିବା କଷ୍ଟକର ହେଉଥିବା ଜଣାପଡ଼ିଛି। ତେବେ କେଉଁ କାରଣରୁ ସେ ନଦୀକୁ ଡେଇଁଲେ ତାହା ଅସ୍ପଷ୍ଟ ରହିଛି।

# ଆଜି ମୁଖ୍ୟମନ୍ତ୍ରୀଙ୍କ ଡାସ୍‌ବୋର୍ଡରେ ପ୍ରଦର୍ଶିତ ହେବ 'କେପିଆଇ'

## ୨୫ ବିଭାଗ ଦେବେ ଭିଜନ-୨୦୩୬ର ମନ୍ତ୍ର

ଭୁବନେଶ୍ୱର,୨୦।୮(ରବିନାରାୟଣ ଜେନା)

ରାଜ୍ୟବାସୀଙ୍କ ପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ ଦୀର୍ଘସ୍ଥାୟୀ ଓ ଫଳପ୍ରଦ କି ନାହିଁ, ଯଦି ହଁ ତେବେ ଏହା କେତେଦୂର କାର୍ଯ୍ୟକ୍ଷମ ହୋଇଛି ସେନେଇ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଡାସ୍‌ବୋର୍ଡରେ ୨୫ ବିଭାଗ ଦର୍ଶାଇବେ। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାକୁଥିବା ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିକଶିତ ଓଡ଼ିଶା ଭିଜନ-୨୦୩୬ ଏବଂ ୨୦୪୭ର ଲକ୍ଷ୍ୟ ପ୍ରଦର୍ଶିତ ହେବ।

ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉଦ୍‌ଘାଟନ କରିବାକୁ ରହିଥିବାବେଳେ ସବୁ ବିଭାଗର ସଚିବ, କ୍ଷେତ୍ରୀୟ ଅଧିକାରୀ ଏବଂ ଆଉ ଜଣେ ବୈଷୟିକ ଅଧିକାରୀ ଉପସ୍ଥିତ ରହିବେ। ଏହି ଅବସରରେ ୨୫ଟି ବିଭାଗ ତାଙ୍କର 'କି ପର୍ଫମାନ୍ସ ଇଣ୍ଡିକେଟର(କେପିଆଇ)' ଉପସ୍ଥାପନ କରିବେ। ତେବେ ଏହି କେପିଆଇ ୩ ପ୍ରକାରର। ସେଥିମଧ୍ୟରେ ଉଚ୍ଚସ୍ତରୀୟ ଫଳାଫଳ(ଆଉଟ୍‌କମ୍), ଆଉଟ୍‌ପୁଟ୍ ଏବଂ ପ୍ରୋସେସ୍ ରହିଛି। ଉଚ୍ଚସ୍ତରୀୟ ଆଉଟ୍‌କମ୍‌ରେ ବିଭାଗ ପକ୍ଷରୁ ଲୋକଙ୍କ ଜୀବନରେ କ'ଣସବୁ ଦୀର୍ଘସ୍ଥାୟୀ ପରିବର୍ତ୍ତନ ଅଣାଯିବାକୁ ରହିଛି ତାହା ବିଭାଗ ଦର୍ଶାଇବ। ସେହିପରି ଆଉଟ୍‌ପୁଟ୍‌ରେ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରିତାର ସିଧାସଳଖ ତଥ୍ୟ ଉପସ୍ଥାପନ ହେବାକୁ ରହିଥିବାବେଳେ ପ୍ରୋସେସ୍‌ରେ ବିଭାଗ ପକ୍ଷରୁ କ'ଣସବୁ ପଦକ୍ଷେପ ନିଆଯିବାକୁ ରହିଛି ତାହା ଦର୍ଶାଇବେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଭାଗଗୁଡ଼ିକ ତାଙ୍କର ଯୋଜନା ସମ୍ପର୍କରେ ପ୍ରଦର୍ଶନ କଲାବେଳେ ବର୍ତ୍ତମାନ ସେଗୁଡ଼ିକ କେଉଁ ସ୍ଥିତିରେ ରହିଛି ତାହା ଦର୍ଶାଇବା ସହିତ ୨୦୨୯ ସୁଦ୍ଧା ଏହାର ଲକ୍ଷ୍ୟ କେତେଦୂର ସାଧିତ ହୋଇଥିବ ତାହା ମଧ୍ୟ ଉପସ୍ଥାପନ କରିବେ। ତେବେ ଓଡ଼ିଶା ଭିଜନ-୨୦୩୬ ପାଇଁ କେଉଁ ବିଭାଗ ପକ୍ଷରୁ କ'ଣସବୁ କେପିଆଇ ପ୍ରଦର୍ଶିତ ହେବାକୁ ରହିଛି ସେନେଇ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଅତିରିକ୍ତ ଶାସନ ସଚିବ ମଧୁସ୍ମିତା ସାମଲ ଅବଗତ କରାଇଛନ୍ତି। ସେଥିମଧ୍ୟରେ କୃଷି ବିଭାଗ କୃଷକମାନଙ୍କ ଆୟ ବୃଦ୍ଧି ସମ୍ପର୍କରେ ଦର୍ଶାଇବାକୁ ରହିଥିବାବେଳେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ପକ୍ଷରୁ ମତ୍ସ୍ୟ ଓ ପଶୁ ସମ୍ପଦ ଉପରେ ନିର୍ଭର କରୁଥିବା ଲୋକଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ଯୋଜନା ପ୍ରଦର୍ଶିତ ହେବ। ଏହାସହିତ ସବୁଜ ଅର୍ଥନୀତି କ୍ଷେତ୍ରରେ କିଭଳି ଆକ୍ୱାକଲ୍‌ଚର ଅଧିକ ଉପଯୋଗୀ ହେବ ତାହା ମଧ୍ୟ ଦର୍ଶାଯିବ।

ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ରାଜ୍ୟରେ ଜଳ ସୁରକ୍ଷା ଉପରେ ବିସ୍ତୃତ ବିବରଣୀ ଉପସ୍ଥାପନ ହେବାକୁ ରହିଥିବାବେଳେ ନଗର ଉନ୍ନୟନ ବିଭାଗ ସହରାଞ୍ଚଳ ବିକାଶର ମଡେଲ ଦର୍ଶାଇବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଆ ଅସ୍ମିତା ନେଇ ତା'ର ଭିଜନ ଉପସ୍ଥାପନ କରିବାକୁ ରହିଥିବାବେଳେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସୁଭଦ୍ରା ଓ ଲକ୍ଷପତି ଦିଦିର ବିବରଣୀ ରଖିବ। ଏହାବାଦ୍ ଗୃହ, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ଯୁବବ୍ୟାପାର, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ବାଣିଜ୍ୟ ଓ ପରିବହନ, ଶିଳ୍ପ, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି, ଏମ୍‌ଏସ୍‌ଏମ୍‌ଇ, ଶକ୍ତି, ଇସ୍ପାତ ଓ ଖଣି, ପର୍ଯ୍ୟଟନ, ବିଜ୍ଞାନ ଓ କାରିଗରି ଏବଂ ରାଜସ୍ୱ ବିଭାଗ ପକ୍ଷରୁ କେପିଆଇ ପ୍ରଦର୍ଶିତ ହେବାକୁ ରହିଛି।

# 'ଅଗ୍ନି-୫'ର ସଫଳ ପରୀକ୍ଷଣ

ବାଲେଶ୍ୱର, ୨୦।୮(ବାଞ୍ଛାନିଧି ଦେ)




ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍‌ଟେଷ୍ଟ ରେଞ୍ଜ(ଆଇଟିଆର) ପକ୍ଷରୁ ବୁଧବାର ହୋଇଥିବା ମଧ୍ୟମ ଦୂରଗାମୀ ବାଲିଷ୍ଟିକ ମିଶାଇଲ ଅଗ୍ନି-୫ର ପରୀକ୍ଷଣ ସଫଳ ହୋଇଛି। ପ୍ରତିରକ୍ଷା ବିଭାଗର ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଏହି ମିଶାଇଲକୁ ସଫଳତାର ସହିତ ପରୀକ୍ଷା କରିଥିବା ଡିଆରଡିଓ ପକ୍ଷରୁ କୁହାଯାଇଛି।

ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପର ଲଞ୍ଚ କମ୍ପ୍ଲେକ୍ସରୁ ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଥିଲା। ଅଗ୍ନି-୫ ମିଶାଇଲର ଏହା ଥିଲା ୨୬ତମ ପରୀକ୍ଷଣ। ଏହି କ୍ଷେପଣାସ୍ତ୍ରରେ ୧୫୦୦ କି.ଗ୍ରା. ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇପାରିବ। ଉତ୍‌କ୍ଷେପଣ ସ୍ଥାନଠାରୁ ଏହା ୫ ହଜାର କି.ମି. ପର୍ଯ୍ୟନ୍ତ ଟାର୍ଗେଟ୍‌କୁ ହିଟ୍ କରିପାରିବ। ଏହାର ଓଜନ ୫୬୦୦ କି.ଗ୍ରା. ଥିବା ବେଳେ ଲମ୍ବ ୧୭.୫ ମିଟର, ମୋଟେଇ ୨ ମିଟର ରହିଛି। ଅଗ୍ନି-୫ କ୍ଷେପଣାସ୍ତ୍ର ଘଣ୍ଟା ପ୍ରତି ୩୦,୬୦୦ କିଲୋମିଟର ବେଗରେ ଗତି କରି ଶତ୍ରୁପକ୍ଷର ଟାର୍ଗେଟ୍‌କୁ ଧ୍ୱଂସ କରିପାରିବା ଦକ୍ଷତା ରହିଛି। ଏହି କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ପରେ ବାୟୁମଣ୍ଡଳର ଉପରକୁ ଯାଇ ପୁଣି ବାୟୁମଣ୍ଡଳକୁ ପ୍ରବେଶ କରିଥାଏ। ସେଠାରୁ ଏକାଧିକ ଟାର୍ଗେଟ୍ ଧ୍ୱଂସ କରିପାରିବା କ୍ଷମତା ରଖିଛି। ବାୟୁମଣ୍ଡଳରୁ ଉପରକୁ ଉଠି ଯାଉଥିବାରୁ ଶତ୍ରୁପକ୍ଷର ସାଟେଲାଇଟ୍ ଏହି କ୍ଷେପଣାସ୍ତ୍ରକୁ ଟ୍ରାକ୍ କରିବାରେ ସଫଳ ହୋଇ ନ ଥାଏ। ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଦ୍ୱାରା ହୋଇଥିବା ଏହି ପରୀକ୍ଷଣକୁ ନେଇ ଡିଆରଡିଓ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିପାରିଥିବା କୁହାଯାଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଅଗ୍ନି-୫ର ସଫଳତାର ସହ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓର ବୈଜ୍ଞାନିକମାନଙ୍କୁ ପ୍ରଶଂସା କରିବା ସହିତ ଏହା ଦେଶ ପାଇଁ ଗୌରବର ବିଷୟ ବୋଲି ଉଲ୍ଲେଖ କରିଛନ୍ତି।

# ସିଡବ୍ଲ୍ୟୁସି ଅଧ୍ୟକ୍ଷ, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ



ବିଜେଡି ପ୍ରତିନିଧି ଦଳ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରୁଛି।

## ପୋଲାଭରମ ପ୍ରସଙ୍ଗ

ଭୁବନେଶ୍ୱର, ୨୦।୮(ସୁନିତ୍ ମିଶ୍ର)

ପୋଲାଭରମ ପ୍ରକଳ୍ପକୁ ନେଇ ଦେଖାଦେଉଥିବା ସମସ୍ୟା ପ୍ରସଙ୍ଗରେ ବୁଧବାର ବିଜେଡିର ରାଜ୍ୟ ସଭା ସଦସ୍ୟ, ପୂର୍ବତନ ମନ୍ତ୍ରୀ, ବିଧାୟକମାନେ ପ୍ରଥମେ ସେଣ୍ଟ୍ରାଲ ୱାଟର କମିଶନ(ସିଡବ୍ଲ୍ୟୁସି) ଚେୟାରମ୍ୟାନ ଏବଂ ଏହା ପରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲଙ୍କୁ ଭେଟିଛନ୍ତି। ବିଜେଡିର ଏହି ପ୍ରତିନିଧି ମଣ୍ଡଳୀ ଉଭୟ ବୈଠକରେ ପୋଲାଭରମ ପ୍ରକଳ୍ପ ଯୋଗୁ ମାଲକାନଗିରି ଜିଲାରେ ଆଦିବାସୀ ମାନେ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ଆଗକୁ ହେବେ ସେନେଇ ଜଣାଇଛନ୍ତି। ଏହାସହ ବିଜେଡି ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଆହୁରି କୁହାଯାଇଛି, ଏ ସମ୍ପର୍କରେ ୨୦୨୪ ଡିସେମ୍ବର ୩ରେ ମନ୍ତ୍ରଣାଳୟ ସହ ଏବଂ ୫ ତାରିଖରେ ସିଡବ୍ଲ୍ୟୁସି ସଙ୍ଗେ ଆଲୋଚନା ହୋଇଥିଲା। ଓଡ଼ିଶାର ଯେପରି କ୍ଷତି ନ ହୁଏ ସେଥିଲାଗି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଓଡ଼ିଶାର ସ୍ୱାର୍ଥର ସୁରକ୍ଷା ଦୃଷ୍ଟିରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଓଲଟି ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଲାଗି ଓଡ଼ିଶା ସହ କୌଣସି ଆଲୋଚନା ନ କରାଯାଇ ନିକଟରେ କେନ୍ଦ୍ର ସରକାର ୧୭,୯୩୬ କୋଟି ଟଙ୍କା ପ୍ରଦାନ କଲେ। ଏହାସହ ଦଳ ପକ୍ଷରୁ ୧୪ଟି ଦାବି କେନ୍ଦ୍ର ସରକାରଙ୍କ ନିକଟରେ ରଖାଯାଇଛି। ଏହି ପ୍ରକଳ୍ପ ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଥିବା ମାଲକାନଗିରି ଅଞ୍ଚଳର ବାସିନ୍ଦାଙ୍କ କଥା କେନ୍ଦ୍ର ସରକାର ଚିନ୍ତାକରନ୍ତୁ ବୋଲି କୁହାଯାଇଛି।

# ପୋଲିସ ଡିଜିଙ୍କୁ ଅଭିଯୋଗ କଲେ ଅମର ପଟ୍ଟନାୟକ

## ନବୀନଙ୍କ ବିରୋଧରେ ଅରୁଚିକର ପୋଷ୍ଟ କରାଯାଉଛି

ଭୁବନେଶ୍ୱର, ୨୦।୮(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ ତାଙ୍କ ଘନିଷ୍ଠ ସହଯୋଗୀ ଭି.କେ. ପାଣ୍ଡିଆନ୍ ଓ ତାଙ୍କ ସ୍ତ୍ରୀ ସୁଜାତା ପାଣ୍ଡିଆନ୍‌ଙ୍କୁ ନେଇ ସାମାଜିକ ଗଣମାଧ୍ୟମରେ କରାଯାଉଥିବା ବିଭିନ୍ନ ପୋଷ୍ଟକୁ ବିଜେଡି ନେତା ଅମର ପଟ୍ଟନାୟକ ରାଜ୍ୟ ପୋଲିସ ଡିଜି ୱାଇ.ବି. ଖୁରାନିଆଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ତାଙ୍କ ନେତା ତଥା ବିଜେଡି ସଭାପତି ଏବଂ ଏହି ଦେଶର ଅନ୍ୟତମ ବିଶିଷ୍ଟ ରାଜନୈତିକ ରାଜନେତା ନବୀନ ପଟ୍ଟନାୟକ ସାମାନ୍ୟ ଅସୁସ୍ଥତା କାରଣରୁ ଗତ କିଛିଦିନ ଧରି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ନବୀନଙ୍କ ଘନିଷ୍ଠ ସହଯୋଗୀ ଭି.କେ. ପାଣ୍ଡିଆନ୍ ଓ ତାଙ୍କ ସ୍ତ୍ରୀଙ୍କ ବିଷୟରେ ଫେସ୍‌ବୁକ୍‌ରେ କିଛି ଅତ୍ୟନ୍ତ ଅପମାନଜନକ ଓ ଅଶ୍ଳୀଳ ପୋଷ୍ଟ ଦେଖି ଅମରଙ୍କୁ ଆଘାତ ପ୍ରାପ୍ତହୋଇଛି। ଏହି ପୋଷ୍ଟଗୁଡ଼ିକ ଓଡ଼ିଶାବାସୀଙ୍କୁ ଗଭୀରଭାବେ ଆଘାତ ଦେଇଛି। ଯେଉଁମାନେ ନବୀନ ପଟ୍ଟନାୟକଙ୍କୁ ନିଜ ପରିବାରର ଅଂଶ ଭାବେ ଭଲପାଆନ୍ତି ସେମାନେ ମଧ୍ୟ ଏଥିଯୋଗୁ କଷ୍ଟ ପାଇଛନ୍ତି। ଏହି ପୋଷ୍ଟଗୁଡ଼ିକ ଏତେ ସମ୍ବେଦନହୀନ, ନିମ୍ନମାନର ଏବଂ ଅରୁଚିକର ଯେ ବିଜେଡିଆଇଟି ଏବଂ ସୋସିଆଲ ମିଡିଆ ସେଲ୍‌ର ମୁଖ୍ୟ ଭାବେ ଡିଜିଙ୍କ ନିକଟରେ ଦୃଢ଼ ପ୍ରତିବାଦ ଓ ଅଭିଯୋଗ ଦାଖଲ କରିବାକୁ ବାଧ ହୋଇଛି। ଏହାଦ୍ୱାରା କେବଳ ମେଟାକୁ ଏହି ପୋଷ୍ଟଗୁଡ଼ିକ ତୁରନ୍ତ ହଟାଇବା ପାଇଁ କୁହାଯିବ ନାହିଁ ବରଂ ଏହି ପେଜ୍‌ଗୁଡ଼ିକର ପରିଚାଳକମାନଙ୍କୁ ଗିରଫକରି ସେମାନଙ୍କ ବିରୋଧରେ ତୁରନ୍ତ ଆପରାଧିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବା ଉଚିତ। ଯଦି ତୁରନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯାଏ, ତେବେ ସେ ଏବଂ ଓଡ଼ିଶାବାସୀ ନିଶ୍ଚିତ ହେବେ ଏହି ପୋଷ୍ଟଗୁଡ଼ିକ ଭାଜପା ଓଡ଼ିଶା ଶାଖା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ଇଙ୍ଗିତରେ ନକଲି ହ୍ୟାଣ୍ଡେଲରୁ କରାଯାଉଛି।

# ସୂଚନା ଆୟୁକ୍ତଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ କରିବେନି ହାଇକୋର୍ଟ

## ସୂଚନା ଆୟୁକ୍ତଙ୍କ ନୋଟିସ ପ୍ରସଙ୍ଗ

ଭୁବନେଶ୍ୱର,୨୦।୮(ରବିନାରାୟଣ ଜେନା)

ରାଜ୍ୟ ସୂଚନା ଆୟୁକ୍ତଙ୍କ ନିଷ୍ପତ୍ତି ଉପରେ ଓଡ଼ିଶା ହାଇକୋର୍ଟ ହସ୍ତକ୍ଷେପ କରିବେ ନାହିଁ। ଏକ ମାମଲାରେ ହାଇକୋର୍ଟର ବିଚାରପତି ଭି. ନରସିଂହ ଏଭଳି ଶୁଣାଣି କରିଥିବାରୁ ଆବେଦନକାରୀଙ୍କ ଆବେଦନ ଅଗ୍ରାହ୍ୟ ହୋଇଥିବା ସୂଚନା ଆୟୋଗଙ୍କ ପକ୍ଷରୁ କୁହାଯାଇଛି। ବିବରଣୀରୁ ପ୍ରକାଶ ଯେ, ୨୦୨୧-୨୨ ବର୍ଷର ପୁରୁଣା ମାମଲାର ଶୁଣାଣି ନେଇ ସୂଚନା ଆୟୁକ୍ତଙ୍କ ପକ୍ଷରୁ ଜୁନ୍ ୧୩ରେ ଏକ ନିଷ୍ପତ୍ତି ନିଆଯାଇଥିଲା। ଆୟୁକ୍ତଙ୍କ ପକ୍ଷରୁ ଅଗଷ୍ଟ ୧୫ ସୁଦ୍ଧା ସାଧାରଣ ଡାକ କିମ୍ବା ଇ-ମେଲ୍ ଜରିଆରେ ଏହି ନିଷ୍ପତ୍ତି ଅବଗତ କରାଇବାକୁ ସାଧାରଣରେ ନୋଟିସ୍ ଜାରି କରାଯାଇଥିଲା। ହେଲେ ସୂଚନା ଆୟୁକ୍ତଙ୍କ ଏହି ନୋଟିସକୁ ଅବୈଧ ଦର୍ଶାଇ ପୂର୍ଣ୍ଣଚନ୍ଦ୍ର ନାୟକ ନାମକ ଜଣେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ବିଚାରପତି ଭି. ନରସିଂହ ଚଳିତମାସ ୮ରେ ଏହାର ଶୁଣାଣି ବେଳେ ସୂଚନା ଆୟୁକ୍ତଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ନିଷ୍ପତ୍ତିରେ କୌଣସି ଅସଙ୍ଗତି ନ ଥିବା ଦର୍ଶାଇ ଉକ୍ତ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି। ସୂଚନା ଆୟୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଜୟ ଦାଶ ମାମଲା ପରିଚାଳନା କରୁଥିଲେ।

# ସେପ୍ଟେମ୍ବର ୨୪ ଯାଏ ୩ ଟ୍ରେନ୍ ବାତିଲ

ଭୁବନେଶ୍ୱର,୨୦।୮(ଅନୁରାଧା ମହାରଣା)

ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍-ପଲାସା ସେକ୍ସନ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ ଚଳାଚଳରେ କେତେକ ପରିବର୍ତ୍ତନ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ୩ ଟ୍ରେନ୍ ବାତିଲ ହୋଇଛି। ୬୮୪୧୯ ଭୁବନେଶ୍ୱର-ପଲାସା ମେମୁ ପାସେଞ୍ଜର ଶନିବାର, ରବିବାର, ସୋମବାର ଏବଂ ବୁଧବାର ବାତିଲ ରହିବ। ୬୮୪୨୦ ପଲାସା - ଭୁବନେଶ୍ୱର ମେମୁ ପାସେଞ୍ଜର ରବିବାର, ସୋମବାର ମଙ୍ଗଳବାର ଏବଂ ଗୁରୁବାର ବାତିଲ ରହିବ। ୬୮୪୧୧/୬୮୪୧୨ ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ମେମୁ ପାସେଞ୍ଜର ଶନିବାର, ରବିବାର, ସୋମବାର ଏବଂ ବୁଧବାର ବାତିଲ ରହିବ। ସେହିପରି ୬୮୪୪୫ କଟକ-ପଲାସା ମେମୁ ଶନିବାର, ରବିବାର, ସୋମବାର ଏବଂ ବୁଧବାର ଦିନ ପଲାସା ପରିବର୍ତ୍ତେ ଇଚ୍ଛାପୁରମ ପର୍ଯ୍ୟନ୍ତ ଚଳାଚଳ କରିବ। ଟ୍ରେନ ନମ୍ବର ୬୮୪୩୪ ଗୁଣୁପୁର-କଟକ ମେମୁ ରବିବାର, ସୋମବାର ମଙ୍ଗଳବାର ଏବଂ ଗୁରୁବାର ଗୁଣୁପୁର ପରିବର୍ତ୍ତେ ଇଚ୍ଛାପୁରମରୁ ଯାତ୍ରା ଆରମ୍ଭ କରିବ। ୫୮୫୩୧ ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର ବୁଧବାର, ରବିବାର, ସୋମବାର ଏବଂ ଶନିବାର ଦିନ ବ୍ରହ୍ମପୁର ପରିବର୍ତ୍ତେ ପଲାସାରୁ ଯାତ୍ରା ଆରମ୍ଭ କରିବ। ଟ୍ରେନ ନମ୍ବର ୫୮୫୩୨ ବିଶାଖାପାଟଣା-ବ୍ରହ୍ମପୁର ପାସେଞ୍ଜର ମଙ୍ଗଳବାର, ଶନିବାର, ରବିବାର ଏବଂ ଶୁକ୍ରବାର ବ୍ରହ୍ମପୁର ପରିବର୍ତ୍ତେ ପଲାସା ପର୍ଯ୍ୟନ୍ତ ଚଳାଚଳ କରିବ।

# ପ୍ରଥମଥର ମାଣ୍ଡିଆ ଉଠାଇଲା ଭାରତୀୟ ଖାଦ୍ୟ ନିଗମ

## ଉଠିଲା ୨୬୪୨ ଏମ୍‌ଟି: ଲକ୍ଷ୍ୟ ୪୦ ହଜାର ଏମ୍‌ଟି

ଭୁବନେଶ୍ୱର,୨୦।୮
(ରବିନାରାୟଣ ଜେନା)

ରାଜ୍ୟରୁ ଉତ୍ପାଦିତ ମାଣ୍ଡିଆ ଉଚ୍ଚ ପୁଷ୍ଟି ଓ ଗୁଣଯୁକ୍ତ ଥିବାରୁ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ପ୍ରଥମଥର ପାଇଁ ଏହାକୁ ଉଠାଣ କରିଛି। ପ୍ରଥମ ପର୍ଯ୍ୟାୟରେ ୨ ହଜାର ୬୪୨ ମେଟ୍ରିକ୍ ଟନ୍ ମାଣ୍ଡିଆ ଏଫ୍‌ସିଆଇ ଉଠାଣ କରିଥିବାବେଳେ ଆଗାମୀ ଦିନରେ ୪୦ ହଜାର ମେଟ୍ରିକ୍ ଟନ୍ ଉଠାଇବ ବୋଲି ଲକ୍ଷ୍ୟ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଓଡ଼ିଶାରେ ଉତ୍ପାଦିତ ମାଣ୍ଡିଆର ଚାହିଦା ସମଗ୍ର ଦେଶରେ ସ୍ୱତନ୍ତ୍ର ରହିଛି। ଶ୍ରୀଅନ୍ନ ଅଭିଯାନ ଅଧୀନରେ ଅଧିକରୁ ଅଧିକ ଗୁଣାତ୍ମକ ମାଣ୍ଡିଆ ଉତ୍ପାଦନ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିନିମନ୍ତେ ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରୁ ମାଣ୍ଡିଆ ଉଠାଇବା ପାଇଁ ଭାରତୀୟ ଖାଦ୍ୟ ନିଗମ ଇଚ୍ଛାବ୍ୟକ୍ତ କରିଥିଲା। ରାଜ୍ୟରେ ଉପଲବ୍ଧ ମାଣ୍ଡିଆର ପୁଷ୍ଟି ଓ ଖାଦ୍ୟ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଏଫ୍‌ସିଆଇ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିପାଇଁ ଖାଦ୍ୟ ନିଗମ କେନ୍ଦ୍ରୀୟ ପୁଲ୍ ଆଧାରରେ ରାଜ୍ୟରୁ ୪୦ ହଜାର ମେଟ୍ରିକ୍ ଟନ୍ ମାଣ୍ଡିଆ ଉଠାଇବ, ଯାହା ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ପ୍ରଦାନ କରାଯିବ। ଏଥିମଧ୍ୟରୁ ୧୬ ହଜାର ୮୦୦ ମେଟ୍ରିକ୍ ଟନ୍ ନେବା ପାଇଁ ଆନ୍ଧ୍ରପ୍ରଦେଶ ଇଚ୍ଛାବ୍ୟକ୍ତ କରିଛି। ଏହାକୁ ଦୃଷ୍ଟିରେରଖି ପ୍ରଥମ ପର୍ଯ୍ୟାୟରେ ୨୬୪୨ ମେଟ୍ରିକ୍ ଟନ୍ ଏଫ୍‌ସିଆଇ ମାଧ୍ୟମରେ ଉଠାଣ ହୋଇଛି। ଉକ୍ତ ମାଣ୍ଡିଆ କୋରାପୁଟ ଓ ନବରଙ୍ଗପୁର ଭଳି ଆଦିବାସୀବହୁଳ ଜିଲାରୁ ଉଠାଣ ହୋଇଛି। ପର୍ଯ୍ୟାୟକ୍ରମେ ଲକ୍ଷ୍ୟଧାର୍ଯ୍ୟ ଥିବା ବାକି ମାଣ୍ଡିଆ ଉଠାଣ ହେବ। କୃଷି ଓ କୃଷକ ସଶକ୍ତୀକରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ଆଦିବାସୀ ଉନ୍ନୟନ ସମବାୟ ନିଗମର ମିଳିତ ଉଦ୍ୟମରେ ଏହି ଲକ୍ଷ୍ୟ ପୂରଣ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

# ଛାତ୍ର କଂଗ୍ରେସର କ୍ୟାମ୍ପସ୍ ଚଲୋ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୨୦।୮
(ରବିନାରାୟଣ ଜେନା)

ରାଜ୍ୟ ଛାତ୍ର କଂଗ୍ରେସର କ୍ୟାମ୍ପସ ଚଲୋ ଅଭିଯାନ ବୁଧବାର ଶୁଭାରମ୍ଭ ହୋଇଯାଇଛି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମକୁ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ କରଣ ତାମସେତୱାର ଉଦ୍‌ଘାଟନ କରି କହିଥିଲେ, ଛାତ୍ରମାନଙ୍କୁ ଯେଭଳି ସବୁକ୍ଷେତ୍ରରେ ସୁବିଧା ସୁଯୋଗ ମିଳିପାରିବ ସେଥିପ୍ରତି କଂଗ୍ରେସ ସବୁବେଳେ ଗୁରୁତ୍ୱ ଦେଇଆସିଛି। ଆଗାମୀ ଦିନରେ ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବହୁବିଧ ପଦକ୍ଷେପ ଗ୍ରହଣ କରାଯିବ।

ଏହି ଅବସରରେ ଖବରଦାତା ସମ୍ମିଳନୀରେ ଛାତ୍ର କଂଗ୍ରେସ ପକ୍ଷରୁ ଭାଜପା ସରକାର କିଭଳି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନିର୍ବାଚନ କରାଇ ନ ଦେବା ପାଇଁ ଷଡ଼ଯନ୍ତ୍ର କରୁଛି ସେନେଇ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକଙ୍କୁ ଦର୍ଶାଯାଇଥିଲା। ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀମୃତ୍ୟୁ ପଛରେ ଏବିଭିପିର ସଂପୂର୍ଣ୍ଣ ହାତ ରହିଥିବା ଜଣାପଡ଼ିବା ପରେ ସାରା ଓଡ଼ିଶାର ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍‌ରେ ଏବିଭିପି ବଦ୍‌ନାମ ହୋଇଛି। କ୍ୟାମ୍ପସ୍ ଭିତରେ ହିଂସା ଏବଂ ଆପରାଧିକ କାର୍ଯ୍ୟ କରିବା ପାଇଁ ଏବିଭିପିର ଷଡ଼ଯନ୍ତ୍ରକୁ ଓଡ଼ିଶାର ଛାତ୍ର ସମାଜ, ଅଭିଭାବକ ଏବଂ ବୁଦ୍ଧିଜୀବୀ ଅନୁଭବ କରୁଛନ୍ତି। ତେଣୁ ଛାତ୍ରୀଛାତ୍ରଙ୍କ ସମର୍ଥନ ନ ପାଇବା ଆଭାସ ପାଇ ଭାଜପା ସରକାର ଛାତ୍ର ସଂସଦ ନିର୍ବାଚନ ନ କରାଇଦେବା ପାଇଁ ଷଡ଼ଯନ୍ତ୍ର କରୁଛି।

କ୍ୟାମ୍ପସ୍ ଚଲୋ ଅଭିଯାନ ମାଧ୍ୟମରେ ଏନ୍‌ଏସ୍‌ୟୁଆଇ(ଛାତ୍ର କଂଗ୍ରେସ)ର କର୍ମକର୍ତ୍ତା ଓ ସଭ୍ୟମାନେ ଓଡ଼ିଶାର ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ କ୍ୟାମ୍ପସ୍‌କୁ ଯିବେ। ଛାତ୍ର ସଂସଦ ନିର୍ବାଚନ ପାଇଁ ଆନ୍ଦୋଳନ ହେବ। କ୍ୟାମ୍ପସ୍ ଭିତରେ ଅଶାନ୍ତି ଏବଂ ଆପରାଧିକ କାର୍ଯ୍ୟକୁ ପ୍ରତିବାଦ କରାଯିବ। ରାଗିଂ କ୍ଷେତ୍ରରେ ଓଡ଼ିଶା ଦେଶରେ ୩ ନମ୍ବର ସ୍ଥାନରେ ରହିଛି। କ୍ୟାମ୍ପସ୍ କିଭଳି ରାଗିଂମୁକ୍ତ ହେବ ସେଥିପାଇଁ ଛାତ୍ର କଂଗ୍ରେସ ଆନ୍ଦୋଳନ କରିବ। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ସୟଦ ୟାସିର ନୱାଜ୍, ମନୋଜ ବିଶ୍ୱାଳ, ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# 'ଏକ ସମାବେଶୀ ଭବିଷ୍ୟତ ପାଇଁ ବୟସ୍କଙ୍କ ସ୍ୱରକୁ ସଶକ୍ତ କରିବା'

## ଆଜି ବିଶ୍ୱ ବରିଷ୍ଠ ନାଗରିକ ଦିବସ



ଆମ ସମାଜରେ ବୟସ୍କ ବ୍ୟକ୍ତିଙ୍କ ଅବଦାନ, ଜ୍ଞାନ ଏବଂ ସଫଳତାକୁ ସମ୍ମାନ ପ୍ରଦର୍ଶନ ପାଇଁ ପ୍ରତିବର୍ଷ ଅଗଷ୍ଟ ୨୧ରେ ପାଳନ ହୋଇଆସୁଛି ବିଶ୍ୱ ବରିଷ୍ଠ ନାଗରିକ ଦିବସ। ଏହି ଅବସରରେ ବୟସ୍କମାନଙ୍କ ଅବଦାନକୁ ସ୍ୱୀକୃତି ଦେବା ଏବଂ ସେମାନଙ୍କ କଲ୍ୟାଣକୁ ପ୍ରଭାବିତ କରୁଥିବା ସମସ୍ୟାଗୁଡ଼ିକ ବିଷୟରେ ଜଣାଇବା ଲାଗି ଚେଷ୍ଟା କରାଯାଇଥାଏ। ବିଶ୍ୱସ୍ତରରେ ଏହି ଦିବସ ପ୍ରଥମ ଥର ଲାଗି ୧୯୯୧ରେ ପାଳନ ହୋଇଥିଲା। ପ୍ରକୃତପକ୍ଷେ ଏହି ବରିଷ୍ଠ ନାଗରିକ ଦିବସର ଇତିହାସ ୧୯୮୮ ମସିହାରୁ ଆରମ୍ଭ ହୋଇଥିଲା। ଏହା ଆନୁଷ୍ଠାନିକ ଭାବରେ ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରିଗାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ସେ ୧୯ ଅଗଷ୍ଟ ୧୯୮୮ରେ ୫୮୪୭ ପ୍ରଣୟନରେ ସ୍ୱାକ୍ଷର କରିଥିଲେ, ଯାହା ଅଗଷ୍ଟ ୨୧ରେ ତୃତୀୟ ଯୁଗର ଜାତୀୟ ଦିବସ ଭାବରେ ପ୍ରକାଶିତ ହୋଇଥିଲା। ସେତେବେଳେ ଆମେରିକାରେ ଏହାକୁ ଜାତୀୟ ବରିଷ୍ଠ ନାଗରିକ ଦିବସ ଭାବେ ପାଳନ କରାଯାଇଥିଲା। ତେବେ ଚଳିତ ବର୍ଷ ବରିଷ୍ଠ ନାଗରିକ ଦିବସ ଲାଗି ବିଷୟବସ୍ତୁ ରହିଛି 'ଏକ ସମାବେଶୀ ଭବିଷ୍ୟତ ପାଇଁ ବୟସ୍କଙ୍କ ସ୍ୱରକୁ ସଶକ୍ତ କରିବା'। ଏହା ବୟସ୍କମାନଙ୍କ କଥା ଶୁଣିବା ଏବଂ ସେମାନଙ୍କ ଦୃଷ୍ଟିକୋଣକୁ ମୂଲ୍ୟ ଦେବା, ସମାଜରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଏବଂ ସେମାନଙ୍କ ପାଇଁ ଏକ ଅଧିକ ସମାବେଶୀ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରେ।

# ଫାଇଲେରିଆ ଔଷଧ ଖାଇ ମୃତ୍ୟୁ ଅଭିଯୋଗ

ବଣାଇଁ,୨୦।୮(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ ଜିଲା ବଣାଇଁ ଥାନା ଅନ୍ତର୍ଗତ ବାଉରକଳା ଗାଁରେ ଫାଇଲେରିଆ ଔଷଧ ଖାଇ ଜଣେ ଯୁବକ ବିଶିକେଶନ ନାଏକ(୪୨)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଔଷଧ ଖାଇ ଅନ୍ୟ ୨ ମହିଳା ସଂଯୁକ୍ତା ଭୋଇ ( ୪୨) ଓ ସୁଲୋଚନା କାଲୋ (୨୮) ଗୁରୁତର ଅସୁସ୍ଥ ହୋଇଛନ୍ତି। ସଂଯୁକ୍ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବୁଧବାର ଗାଁରେ ମୃତଦେହ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ମହାପ୍ରୟାଣ ଗାଡ଼ି ସହ ମୃତଦେହକୁ ଅଟକ ରଖିଥିଲେ। ପରେ ପୋଲିସ ସେମାନଙ୍କୁ ବୁଝାସୁଝା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସୂଚନା ଅନୁଯାୟୀ, ଅଗଷ୍ଟ ୧୫ରେ ଗ୍ରାମର ୨ଟି ବସ୍ତିରେ ଆଶା କର୍ମୀ ଫାଇଲେରିଆ ଔଷଧ ବାଣ୍ଟିଥିଲେ ଏବଂ ଥରକୁ ୮ଟି ଲେଖାଏ ଟାବ୍ଲେଟ୍ ଖାଇବା ବିଧି ବତେଇ ଥିଲେ। ଏହି ଔଷଧ ଖାଇ ବିଶିକେଶନ, ସଂଯୁକ୍ତା, ସୁଲୋଚନା ଅସୁସ୍ଥ ହୋଇପଡ଼ିଥିଲେ। ବିଶିକେଶନଙ୍କୁ ପ୍ରଥମେ ବଣାଇଁ ଓ ପରେ ରାଉରକେଲାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ସବୁ ଜିଲାରେ ପ୍ରତିଷ୍ଠା ହେବ ଏମ୍‌ଏସ୍‌ଏମ୍‌ଇ ପାର୍କ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୮(ସୁନିତ୍ ମିଶ୍ର)



ଲୋକସେବା ଭବନରେ ଅନୁଷ୍ଠିତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଅନ୍ୟ ଅଧିକାରୀ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ହେଉଛି ବ୍ୟାପକ ନିଯୁକ୍ତି ଓ ସମ୍ଭାବନାର କ୍ଷେତ୍ର। ସରକାରୀ ସ୍ତରରେ ଏମ୍‌ଏସ୍‌ଏମ୍‌ଇ ପ୍ରତିଷ୍ଠା ପାଇଁ ସମସ୍ତ ପ୍ରକାର ସୁବିଧାସୁଯୋଗ ପ୍ରଦାନ କରାଯାଉଛି। ଯୁବଗୋଷ୍ଠୀଙ୍କୁ ଅଧିକରୁ ଅଧିକ ଏ କ୍ଷେତ୍ରକୁ ଆକୃଷ୍ଟ କରିବା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିପାଇଁ ସବୁ ଜିଲାରେ ଏମ୍‌ଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଖୁବ୍ ସଫଳ ହେଉଛି। ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇସାରିଲେଣି। ଏଥିରେ ଅନେକ କ୍ଷୁଦ୍ର ବ୍ୟବସାୟୀ ଓ ଉଦ୍ୟୋଗୀ ଅଛନ୍ତି। ସେମାନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରାଗଲେ ସେମାନେ ଆଗକୁ ବଢ଼ିପାରିବେ ଏବଂ ଉଦ୍ୟୋଗ ଓ ବାଣିଜ୍ୟ କ୍ଷେତ୍ରରେ ବ୍ୟାପକ ସଫଳତା ହାସଲ କରିପାରିବେ। ତେଣୁ ସେମାନଙ୍କୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଉତ୍ପାଦିତ ସାମଗ୍ରୀକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ସହିତ ସ୍କୁଲ, କଲେଜଗୁଡ଼ିକରେ ବ୍ୟବହାର କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ସ୍କୁଲ କଲେଜର ଆସବାବପତ୍ର, ପୋଷାକ ଇତ୍ୟାଦିକୁ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇଗୁଡ଼ିକରୁ କିଣିବା ପାଇଁ ଆଲୋଚନା ହୋଇଛି। ଏହାଦ୍ୱାରା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଏହି ଉଦ୍ୟୋଗଗୁଡ଼ିକୁ ଉପଯୁକ୍ତ ପ୍ରୋତ୍ସାହନ ମିଳିପାରିବ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଅଧିକ ରପ୍ତାନି ଓ ଆମଦାନୀ ସୁବିଧା ପାଇଁ ଉଭୟ ସମୁଦ୍ରପଥ ଓ ଆକାଶପଥରେ କାର୍ଗୋ ସୁବିଧା ବୃଦ୍ଧି କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଯେପରି ଅଧିକ ଋଣ ମିଳିବ ଏବଂ ପ୍ରଦାନ ପ୍ରକ୍ରିୟା ଯେପରି ସରଳ ଓ ସୁବିଧାଜନକ ହେବ ସେଥିପାଇଁ ବିଭାଗ ଦୃଷ୍ଟିଦେବାକୁ ଏବଂ ଏ ସମ୍ପର୍କରେ ନିରନ୍ତର ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପିଏମ୍ ବିଶ୍ୱକର୍ମା ଯୋଜନାରେ ଅଧିକ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା, କ୍ଲଷ୍ଟର ବେସ୍‌ଡ ପ୍ରୋଜେକ୍ଟଗୁଡ଼ିକୁ ଅଧିକ ପ୍ରୋତ୍ସାହନ ଦେବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି।

ସୂଚନାଯୋଗ୍ୟ, ଭାରତ ସରକାରଙ୍କ ଉଦ୍ୟମ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଏମ୍‌ଏସ୍‌ଏମ୍‌ଇ ରାଜ୍ୟରେ କାର୍ଯ୍ୟକ୍ଷମ ଅଛନ୍ତି। ଏହା ମାଧ୍ୟମରେ ୮୭ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିଛି। ବୈଠକରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର ଡି. ପ୍ରଶାନ୍ତ କୁମାର ରେଡ୍ଡୀ ଏବଂ ନିର୍ଦ୍ଦେଶକ ଆବୋଲି ସୁନୀଲ ନରୱଣେ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଶୁତୋଷ



@ ଶିଶିର



@ ପ୍ରଶାନ୍ତ



@ ତେଜରାଜ୍



@ ନିଲୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିଶୁ ସେବିକା ପାଇଁ ଜାରି ହେଲା ମାର୍ଗଦର୍ଶିକା

ଭୁବନେଶ୍ୱର,୨୦।୮ (ସୁଚିସ୍ମିତା ସାହୁ)

ରାଜ୍ୟର ପ୍ରାକ୍ ପ୍ରାଥମିକ ଶିକ୍ଷା ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ଶିଶୁ ବାଟିକାରେ ନିଯୁକ୍ତ ହେବେ ଶିଶୁ ସେବିକା। ଏଥିପାଇଁ ଗୁରୁବାର ମାର୍ଗଦର୍ଶିକା ଜାରି କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ବିଭାଗୀୟ ସ୍ୱତନ୍ତ୍ର ସଚିବ ମନୋଜ କୁମାର ପାଢ଼ୀ ଓସେପା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଉକ୍ତ ମାର୍ଗଦର୍ଶିକା ପ୍ରଦାନ କରିଛନ୍ତି। ଶିଶୁ ସେବିକାମାନେ ବିଦ୍ୟାଳୟରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବେ। ଶିଶୁଙ୍କ ସୁରକ୍ଷା, ପାଠପଢ଼ା ସହିତ ସେମାନଙ୍କ ଅନ୍ୟାନ୍ୟ ଯତ୍ନ ନେବେ। ଶିକ୍ଷକମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ସହାୟତା କରିବା ସହିତ ଶିଶୁଙ୍କୁ ପାଠ୍ୟ ଉପକରଣ ଓ ଖେଳନା ପ୍ରଦାନ କରିବେ। ଶିଶୁମାନେ ଶୌଚାଳୟ ଯିବା ବେଳେ ସେମାନେ ତାଙ୍କ ସାଥିରେ ଯିବେ। ଯଦି ଶିଶୁମାନେ କୌଣସି ପ୍ରକାର ଅଣନିଃଶ୍ୱାସୀ ଅନୁଭବ କରନ୍ତି ତେବେ ଶିକ୍ଷକଙ୍କୁ ତୁରନ୍ତ ଜଣାଇବେ। ଏହାସହିତ ବିଦ୍ୟାଳୟର ଉତ୍ତମ ପରିବେଶ କିଭଳି ବଜାୟ ରହିବ ସେଦିଗରେ ଦୃଷ୍ଟି ଦେବେ। ତେବେ ପ୍ରତି ୩୦ରୁ ୧୦୦ଜଣ ଶିଶୁଙ୍କ ଲାଗି ଜଣେ ଲେଖାଏଁ ଶିଶୁ ସେବିକା ନିୟୋଜିତ ହେବେ। ୧୦୦ରୁ ଅଧିକ ଶିଶୁଙ୍କ କ୍ଷେତ୍ରରେ ୨ଜଣ ସେବିକା ନିଯୁକ୍ତ ହୋଇପାରିବେ। ଶିଶୁସେବିକାଙ୍କ ବୟସ ଏପ୍ରିଲ ୧ ସୁଦ୍ଧା ୧୮ ବର୍ଷରୁ ଅଧିକ ଏବଂ ୪୫ ବର୍ଷରୁ କମ୍ ହୋଇଥିବ। ସେ ସ୍ଥାନୀୟ ଅଞ୍ଚଳ ବାସିନ୍ଦା କିମ୍ବା ସ୍ଥାନୀୟ ୱାର୍ଡର ହୋଇଥିବେ। ସେ ଶିକ୍ଷିତ ହେବା ସହ ଶାରୀରିକ ଓ ମାନସିକସ୍ତରରେ ସୁସ୍ଥ ହୋଇଥିବେ। ସେମାନେ ଓଡ଼ିଆ, ସ୍ଥାନୀୟ ଏବଂ ଆଞ୍ଚଳିକ ଭାଷା କହୁଥିବା ବାଧ୍ୟତାମୂଳକ। ବିଦ୍ୟାଳୟ ପରିଚାଳନା କମିଟିର ଦୁଇ-ତୃତୀୟାଂଶ ସଦସ୍ୟଙ୍କ ଦ୍ୱାରା ଅନୁମୋଦିତ ସଦସ୍ୟାଙ୍କୁ ସେବିକା ଭାବେ ନିୟୋଜିତ କରାଯିବ। ତେବେ ଏହି ସମସ୍ତ କାର୍ଯ୍ୟକ୍ରମ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ଜରିଆରେ ହେବା ଆବଶ୍ୟକ। ଶିଶୁ ସେବିକାଙ୍କ ବୟସ ୬୦ ବର୍ଷ ହେଲେ ଓ ଦୀର୍ଘକାଳୀନ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଲେ କାର୍ଯ୍ୟରୁ ଅବ୍ୟାହତି ଦିଆଯିବ। ସେମାନେ ଜିଲା ପରିଷଦ ସଦସ୍ୟ, ସମିତି ସଦସ୍ୟ, ସରପଞ୍ଚଙ୍କ ପରିବାର ସଦସ୍ୟ, ସରକାରୀ କର୍ମଚାରୀଙ୍କ ପରିବାର ସଦସ୍ୟ କିମ୍ବା ସମ୍ପର୍କୀୟ ହୋଇଥିଲେ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯିବ। ଫୌଜଦାରି ମାମଲା ବିଚାରାଧୀନ ଥିବା ବ୍ୟକ୍ତି ଶିଶୁ ସେବିକା ଭାବରେ ନିଯୁକ୍ତି ପାଇପାରିବେ ନାହିଁ। ଶିଶୁ ବାଟିକା ସମୟ ଅନୁଯାୟୀ ସ୍କୁଲ କାର୍ଯ୍ୟରେ ଯୋଗଦେବେ। ବିନା ଅନୁମତିରେ ଅନୁପସ୍ଥିତ ରହିଲେ କୌଣସି ମଜୁରି ଦିଆଯିବ ନାହିଁ। ଶିଶୁ ସେବିକା ଡାକ୍ତରୀ ଭାବରେ ଫିଟ୍ ନ ଥିଲେ ତାଙ୍କ ନିଯୁକ୍ତି ବାତିଲ କରାଯିବ ବୋଲି ମାର୍ଗଦର୍ଶିକାରେ ଲେଖାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୦୮।୨୦୨୫

| | |
|---|---|
| | ୫,୧୦, ୦୭୪ ଟଙ୍କା |
| ସୁନା | ୩୦ ମିଲିଗ୍ରାମ୍ |
| ରୁପା | ୭.୩୦୦ ଗ୍ରାମ୍ |

# ସୁପ୍ରିମକୋର୍ଟରେ ଆଇଏମ୍ଏର ଆବେଦନ ଖାରଜ

ଭୁବନେଶ୍ୱର,୨୦।୮ (ଅନୁରାଧା ମହାରଣା)

**ପତଞ୍ଜଳିର ଭ୍ରାନ୍ତିମୂଳକ ବିଜ୍ଞାପନ ଅଭିଯୋଗ ମାମଲା**

PATANJALI

ଭାରତୀୟ ଚିକିତ୍ସା ସଂଘ (ଆଇଏମ୍ଏ) ଅଗଷ୍ଟ ୧୧ରେ ଦାଖଲ କରିଥିବା ଏକ ଆବେଦନକୁ ସୁପ୍ରିମ କୋର୍ଟ ଖାରଜ କରିଛନ୍ତି। ଆଇଏମ୍ଏ ପତଞ୍ଜଳି ଆୟୁର୍ବେଦ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଦାବି କରିଥିଲା ଯେ, ପତଞ୍ଜଳିର ବିଜ୍ଞାପନ ଭ୍ରାନ୍ତିମୂଳକ ଏବଂ ଆଧୁନିକ ଚିକିତ୍ସା ବ୍ୟବସ୍ଥାକୁ ବଦନାମ କରୁଛି। ୨୦୨୪ ଜୁଲାଇ ୧ରେ ଆୟୁଷ ମନ୍ତ୍ରଣାଳୟ ଡ୍ରଗ୍ସ ଆଣ୍ଡ କସ୍ମେଟିକ୍ସ ରୁଲ୍ସ ୧୯୪୫ର ନିୟମ ୧୭୦କୁ ହଟାଇ ଦେଇଥିଲା। ଏହି ନିୟମ ଅନୁସାରେ ଆୟୁର୍ବେଦିକ, ସିଦ୍ଧ ଓ ୟୁନାନୀ ଔଷଧର ବିଜ୍ଞାପନ ପାଇଁ ରାଜ୍ୟ ଲାଇସେନ୍ସିଂ ପ୍ରାଧିକାରୀଙ୍କଠାରୁ ପୂର୍ବ ଅନୁମତି ନେବା ବାଧ୍ୟତାମୂଳକ ଥିଲା। ଏହି ନିୟମ ହଟିବା ଫଳରେ ଭ୍ରାନ୍ତିମୂଳକ ଦାବିକୁ ରୋକିବାରେ ଅସୁବିଧା ବୃଦ୍ଧି ପାଇଥିଲା। ତେବେ ୨୦୨୪ ଅଗଷ୍ଟରେ ଜଷ୍ଟିସ୍ ହିମା କୋହଲି ଓ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କ ବେଞ୍ଚ ନିୟମ ୧୭୦ ହଟାଇବା ଉପରେ ରୋକ୍ ଲଗାଇଥିଲେ, ଯାହାଦ୍ୱାରା ଅନୁମତିର ଆବଶ୍ୟକତା ଅସ୍ଥାୟୀ ଭାବେ ପୁନଃସ୍ଥାପିତ ହୋଇଥିଲା। ଜଷ୍ଟିସ୍ କେ. ଭି. ବିଶ୍ୱନାଥନ ପ୍ରଶ୍ନ ଉଠାଇଥିଲେ ଯେ, ଯେତେବେଳେ କେନ୍ଦ୍ର ଏହି ନିୟମକୁ ହଟାଇ ଦେଉଛି, ତେବେ ରାଜ୍ୟଗୁଡ଼ିକ ଏହାକୁ କିପରି କାର୍ଯ୍ୟକାରୀ କରିପାରିବେ। ଅନ୍ୟପକ୍ଷରେ ଜଷ୍ଟିସ୍ ବି. ଭି. ନାଗରତ୍ନା ମାମଲାକୁ ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, କେନ୍ଦ୍ର ଦ୍ୱାରା ହଟାଯାଇଥିବା ନିୟମକୁ କୋର୍ଟ ପୁନଃ ଲାଗୁ କରିପାରିବ ନାହିଁ।





ବିଭିନ୍ନ ଦାବି ନେଇ ବୃତ୍ତିମୂଳକ ଶିକ୍ଷକ କଲ୍ୟାଣ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବୁଧବାର ଧାରଣା ଦିଆଯାଇଛି।

# ଓଏସ୍‌ସିପିସିଆର୍ ଅଧ୍ୟକ୍ଷାଙ୍କୁ ଭେଟିଲା ଅଭିଭାବକ ମହାସଂଘ

ଭୁବନେଶ୍ୱର,୨୦।୮ (ସୁଚିସ୍ମିତା ସାହୁ)

ଓଡ଼ିଶା ଅଭିଭାବକ ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଅଧ୍ୟକ୍ଷା ବବିତା ପାତ୍ର ଓ ମେମ୍ବର ସୁଜାତା ନାୟକଙ୍କୁ ବୁଧବାର ସାକ୍ଷାତ କରିଥିଲେ। ରାଜ୍ୟରେ ଶିଶୁଙ୍କ ସୁରକ୍ଷା, ୧୮ ବର୍ଷ ପର୍ଯ୍ୟନ୍ତ ଅନାଥ ଶିଶୁଙ୍କୁ ସରକାରଙ୍କ ବାସଲ୍ୟ ମିଶନ ଯୋଜନାରେ ୪ହଜାର ଟଙ୍କା ଆର୍ଥିକ ସହାୟତା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ମହାସଂଘ କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ପରିଜା, ଉପସଭାପତି ନୃସିଂହ ସାହୁ, ଭୁବନେଶ୍ୱର ସଭାପତି ପଦ୍ମନାଭ ସାହୁ, ସହ ସମ୍ପାଦକ ଜିତେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତରୀ ପାଠପଢ଼ା ଫି' ବୃଦ୍ଧିର ସ୍ପଷ୍ଟୀକରଣ ରଖିଲା ହାଇଟେକ୍

ଭୁବନେଶ୍ୱର,୨୦।୮ (ଅନୁରାଧା ମହାରଣା)

ଘରୋଇ ମେଡିକାଲ କଲେଜରେ ଫି' ବୃଦ୍ଧି ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ଏନେଇ ହାଇଟେକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସ୍ପଷ୍ଟୀକରଣ ଦେଇଛି। ହାଇଟେକ୍ କର୍ତ୍ତୃପକ୍ଷ ଜାରି କରିଥିବା ପ୍ରେସ୍ ବିବୃତିରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଘରୋଇ ଭେଷଜ ମହାବିଦ୍ୟାଳୟଗୁଡ଼ିକ ବିଶେଷ ଭୂମିକା ନିର୍ବାହ କରିଆସିଛନ୍ତି। ଓପିଆଇଏ ଆକ୍ଟ ୨୦୦୭ ଅନୁସାରେ ପ୍ରତି ୩ ବର୍ଷରେ ଥରେ ଫି' ବୃଦ୍ଧି ହେବା କଥା। ହେଲେ ସମସ୍ତ ଘରୋଇ ଭେଷଜ ମହାବିଦ୍ୟାଳୟ ଦୀର୍ଘ ୭ ବର୍ଷଧରି ନୂଆ ଫି' ଷ୍ଟ୍ରକ୍ଚର ନେଇ କମିଟିପାଖରେ ଆବେଦନ କରିଆସୁଥିଲେ ମଧ୍ୟ ତାହା ହୋଇପାରି ନ ଥିଲା। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଫି' ଷ୍ଟ୍ରକ୍ଚର କମିଟି ଏହାକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ନୂତନ ଫି' ନିର୍ଦ୍ଧାରଣ କରିଛି। ୨୦୨୫-୨୬ ପାଇଁ ଯେଉଁ ଫି' ନିର୍ଦ୍ଧାରଣ କରାଯାଇଛି, ତାହା କୌଣସି ଘରୋଇ ଭେଷଜ ମହାବିଦ୍ୟାଳୟର ନିଜସ୍ୱ ନିଷ୍ପତ୍ତି ନୁହେଁ। ଏହା ଓଡ଼ିଶା ସରକାରଙ୍କ ଫି' ଷ୍ଟ୍ରକ୍ଚର କମିଟି ଦ୍ୱାରା ନିର୍ଦ୍ଧାରଣ କରାଯାଇ ରାଜ୍ୟ ସରକାରଙ୍କୁ ସୂଚିତ କଲା ପରେ ତାହା ଓଜେଇକୁ ପଠାଯାଇଛି। ଓଜେଇ ସେହି ସମ୍ପର୍କିତ ବିବରଣୀ ତାଙ୍କ ୱେବ୍‌ସାଇଟରେ ପ୍ରଦର୍ଶନ କରି ୨୦୨୫-୨୬ ପାଇଁ ଦେୟ ନିର୍ଦ୍ଧାରଣ ସୂଚିତ କରିଥିବା ହାଇଟେକ୍ କର୍ତ୍ତୃପକ୍ଷ ଜଣାଇଛନ୍ତି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL,PO-SUNGUDA, JAJPUR-755044, Tel.No.0671-2444488, Email: serw_kpd@yahoo.com
Office Order:2534, Date:12.8.25

**CANCELLATION OF TENDER**

**No.O-628:** The following tender of RCK-25/24 invited vide this office letter no-3489, dtd.23.12.2024 is hereby cancelled as per the instruction issued by Chief Engineer (Roads).
